Daily Edition:
RNI No.ODIODI/2010/33791

ବୁଧବାର,୧୧ ଅକ୍ଟୋବର ୨୦୧୭
ଭାଗ ୮ ସଂଖ୍ୟା ୫୯

Bhubaneswar,
Wednesday, 11 October 2017
Volume VIII, Issue No 59

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
କନ୍ୟା ୨୫ ଦିନ ; କାର୍ତ୍ତିକ କୃଷ୍ଣପକ୍ଷ ଷଷ୍ଠୀ
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ସତ୍ୟଂ ପରଂ ଧୀମହି

ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

ତିନି ମାସ ମଧ୍ୟରେ ଆରମ୍ଭ ହେବ ନଦୀ ସଂଯୋଗୀକରଣ : ଗଡକରୀ

ପ୍ରସଙ୍ଗ Email : srutimedia@gmail.com

କୌଣସି ଦାବି ପୂରଣ ନକରି ୪୫ଦିନ ସମୟ ମାଗିବା ଅନ୍ୟାୟ ନୁହେଁ କି ?

୧୦/୧୦ ର ଫଳ

ଟେଲିକମ୍ କ୍ଷେତ୍ରରେ ମାନ୍ଦାବସ୍ଥା ଦୂର ପାଇଁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବାର ଆବଶ୍ୟକତା ଅଛି କି ?

ନା ୪୫%

ହଁ ୫୫%

ଭିତର ପୃଷ୍ଠାରେ

ଅଯୋଧ୍ୟରେ ହେବ ଭଗବାନ ରାମଙ୍କ ୧୦୦ ମିଟର ଉଚ୍ଚତାର ମୂର୍ତ୍ତୀ

ଅରୁଣାଚଳରେ ସୈନ୍ୟ ଶିବିରରେ ଉଗ୍ରବାଦୀଙ୍କ ଆକ୍ରମଣ

ଅଙ୍ଗନବାଡିକର୍ମୀଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା ବିଫଳ

୪୫ଦିନ ସମୟ ମାଗିଲେ ପ୍ରଫୁଲ୍ଲ ସାମଲ

ଆନ୍ଦୋଳନ ଜାରି ରଖିବାକୁ ସଂଘର ନିଷ୍ପତ୍ତି

ଭୁବନେଶ୍ୱର ୧୦/୧(ଶ୍ରୁମି) ରାଜ୍ୟର ୧ଲକ୍ଷ ୩ହଜାର ଅଙ୍ଗନବାଡି କର୍ମୀ ଏବେ ରାଜରାସ୍ତାରେ । ସେପ୍ଟେମ୍ବର ୧୨ ତାରିଖରୁ ଅନିର୍ଦ୍ଧିଷ୍ଟକାଳ ପାଇଁ ଧାରଣାରେ ବସିଥିବା ଅଙ୍ଗନବାଡୀ କର୍ମୀଙ୍କ ୧୨ଦଫା ଦାବି ଉପରେ ବିଚାର କରିବା ପାଇଁ ରାଜ୍ୟସରକାର ଆଲୋଚନା ପାଇଁ ଡାକିଥିଲେ । ମଙ୍ଗଳବାର ସଚିବାଳୟରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ ସାମଲ, ବିଭାଗୀୟ ସଚିବ ଚିତ୍ରାଙ୍ଗନା, ବିଭାଗୀୟ ନିର୍ଦ୍ଦେଶକଙ୍କ ସହ ଆନ୍ଦୋଳନକାରୀ ସଂଘମାନଙ୍କ ପ୍ରତିନିଧିମାନେ ଆଲୋଚନା କରିଥିଲେ । ଆଶାଥିଲା କୌଣସି ଫଳମିଳିବ ଓ ସରକାରଙ୍କ ଶିଶୁ ଓ ଗର୍ଭବତୀମାନଙ୍କ ପାଇଁ ପ୍ରଣୟନ ହୋଇଥିବା ବିଭିନ୍ନ ଯୋଜନାକୁ ନିମ୍ନ ସ୍ତରରେ କାର୍ଯ୍ୟକାରୀ କରୁଥିବା ଏହି ଅଙ୍ଗନବାଡୀ କର୍ମଚାରୀମାନେ ଆନ୍ଦୋଳନ ଛାଡି କାର୍ଯ୍ୟକୁ ଫେରିବେ । ହେଲେ ଆଲୋଚନାର କୌଣସି ନିର୍ଯ୍ୟାସ ବାହାରି ପାରିଲାନାହିଁ । ବିଭାଗୀୟ ମନ୍ତ୍ରୀ ସମାଧାନ ପାଇଁ ୪୫ଦିନର ସମୟ ମାଗିଲେ କିନ୍ତୁ ସଂଘ ଏହି

▶୩ ପୃଷ୍ଠାରେ

ପୋଲାଭରମ ପ୍ରକଳ୍ପ କାମ ରୋକିବାକୁ ନାୟୁଡୁଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୧୦/୧୦(ଶ୍ରୁ.ମି): ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନ୍ଧ୍ରର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାୟୁଡୁଙ୍କୁ ପତ୍ରଲେଖି ପୋଲାଭରମ ପ୍ରକଳ୍ପ କାମ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି । ଏହି ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ, ଗୋଦାବରୀ ଜଳ ବିବାଦ ପ୍ରାଧିକରଣ ଅନୁସାରେ ପ୍ରକଳ୍ପ କାମରେ କ୍ଷୟକ୍ଷତିର ଠିକ ଆକଳନ ହୋଇନାହିଁ ଓ ଓଡିଶାର ମାଲକାନଗିରି ଜିଲ୍ଲାର ବ୍ୟାପକ ଅଞ୍ଚଳ ବୁଡି ଅଞ୍ଚଳ ହେଉଥିଲେ ମଧ୍ୟ ଏହାର ସଠିକ ଆକଳନ ହୋଇନାହିଁ ଓ ଜାତୀୟ ମାନାଙ୍କକୁ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଅଣଦେଖା କରାଯାଇଥିବାରୁ ଏହାର ସମାଧାନ ନହେବା ପର୍ଯ୍ୟନ୍ତ ପ୍ରକଳ୍ପକୁ କୁ ଆନ୍ଧ୍ର ସରକାର ବନ୍ଦ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି । କେନ୍ଦ୍ର ପରିବେଶ ଓ ଜଙ୍ଗଲ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଛତିଶଗଡ ଓ ଓଡିଶା ସହ ବିବାଦ ନତୁଟିବା ପର୍ଯ୍ୟନ୍ତ 'କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ' ପୂର୍ବରୁ ଦେଇଥିବା ସତ୍ତ୍ୱେ କାର୍ଯ୍ୟର ପୁନଃ ଅଗ୍ରଗତି ନିମନ୍ତେ ମନ୍ତ୍ରାଳୟ କୌଣସି ପ୍ରକାର ମଞ୍ଜୁରି ପ୍ରଦାନ କରିନାହିଁ । ଗୋଟିଏ ପଟେ ମହାନଦୀ ଜଳବିବାଦ ର ସମାଧାନ ପାଇଁ ମହାନଦୀ ପ୍ରାଧିକରଣ ଗଠନ ହେବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆନ୍ଧ୍ର ସରକାରଙ୍କ ଉପରେ ଗୋଦାବରୀ ଉପରେ ପ୍ରକଳ୍ପକୁ ବନ୍ଦ କାର୍ଯ୍ୟ ବନ୍ଦ ରଖିବାକୁ ଚାପ ପଡିଛି ।

ଶାନ୍ତି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅନଶନ

କୁଳପତିଙ୍କ ଠାରୁ ରିପୋର୍ଟ ମଗାଯିବ : ଉଚ୍ଚଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୦/୧୦(ଶ୍ରୁ.ମି): ସାଇନ୍ ଏ ଡାଏ ଉଠିବା ପରେ ଖୋଲିଥିଲା ଉତ୍କଳ ବିଶ୍ୱବିଦ୍ୟାଳୟ । କିନ୍ତୁ ନିର୍ବାଚନ କରିବା ଦାବିରେ ଗତକାଲି ପୁଣି ଥରେ ବିଶ୍ୱ ବିଦ୍ୟାଳୟ ପରିସରରେ ଅଶାନ୍ତି ସୃଷ୍ଟି ହୋଇଥିଲା । ମଙ୍ଗଳବାର ବିଶ୍ୱବିଦ୍ୟାଳୟ କୁଳପତି ସୌମେନ୍ଦ୍ର ମୋହନ ପଟ୍ଟନାୟକ ଶାନ୍ତି ଫେରାଇ ଆଣିବାକୁ ଅନଶନରେ ବସିବା ସହ ମୌନବ୍ରତ ଧାରଣ କରଥିଲେ । କୁଳପତିଙ୍କ ଏହି ଧାରଣାରେ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧ୍ୟାପକ ଓ ବିଭିନ୍ନ ବିଭାଗର ମୁଖ୍ୟ ମଧ୍ ସାମିଲ ହୋଇଥିଲେ । କିଛି ଛାତ୍ରଛାତ୍ରୀ ମଧ୍ୟ ଏହାକୁ ସମର୍ଥନ ଜଣାଇଥିଲେ । କୁଳପତି ନିଜ କାର୍ଯ୍ୟାଳୟ ସମ୍ମୁଖରେ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଅନଶନରେ ବସିଥିଲେ । ଅନଶନର ଓ ମୌନବ୍ରତରେ ଦୀର୍ଘ ୧୨ ଘଣ୍ଟା ବସିବା ପରେ ଉଠିଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ବିଶ୍ୱବିଦ୍ୟାଳୟରେ ସାଇନ ଏ ଡାଏ ହଟିବା ପରେ ଛାତ୍ରଛାତ୍ରୀ ମାନେ ହଷ୍ଟେଲକୁ ଫେରିଥିଲେ । ମୁଖ୍ୟଫାଟକ ଆଗରେ ପରିଚୟ ପତ୍ର ଦେଖାଇ ସମସ୍ତଙ୍କୁ କ୍ୟାମ୍ପସ୍ ଭିତରକୁ ଛଡ଼ା ଯାଇଥିଲା । ମାତ୍ର ନିର୍ବାଚନ କରିବା ଦାବିରେ ଛାତ୍ରଛାତ୍ରୀମାନେ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ଫଳରେ ପୁଣିଥରେ ବିଶ୍ୱବିଦ୍ୟାଳୟରେ

▶୩ ପୃଷ୍ଠାରେ

ରକ୍ଷକ ସାଜିଲେ ଭକ୍ଷକ !

ଯବାନଙ୍କ ନାବାଳିକାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ



ଜୟପୁର, ୧୦/୧୦(ଶ୍ରୁ.ମି): ରକ୍ଷକ ସାଜିଛି ଭକ୍ଷକ ! ଜଣେ ନବମ ଶ୍ରେଣୀରେ ପଢୁଥିବା ନାବାଳିକାକୁ ୪ ଜଣ ଯବାନ ଜଙ୍ଗଲକୁ ଟେକି ନେଇ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏପରି ଏକ ଅଭାବନୀୟ ଘଟଣା ଘଟିଛି ଜୟପୁର ସେମିଳିଗୁଡା ବ୍ଲକର ପଟାଙ୍ଗି ଥାନା ଅନ୍ତର୍ଗତ ସୋରିଷପଦ ଗ୍ରାମରେ । ପୀଡିତାଙ୍କ ଭାଇଙ୍କ ବୟାନୁଯାୟୀ ପୀଡିତା ଜଣକ ପାସପୋର୍ଟ ଫଟୋ ଉଠାଇବାକୁ କୁନ୍ଦୁଲି ହାଟପଦାରୁ ଫେରିବା ସମୟରେ ୪ ଜଣ ବର୍ଦ୍ଦିଧାରୀ ତାଙ୍କୁ ଅଟାକାଇଥିଲେ ଓ ମୁହଁରେ ଓଢଣୀ ଗୁଡାଇ ଉଠାଇ ନେଇ ଦୁଷ୍କର୍ମ କରିଥିଲେ । ଦୁଷ୍କର୍ମ କରିବା ପରେ ପୀଡିତାଙ୍କୁ ଛାଡି ପଳାଇବା ପରେ ମୁମୂର୍ଷ ଅବସ୍ଥାରେ ନାବାଳିକା ଜଣକ ଗୁରୁଣ୍ଡି ଗୁରୁଣ୍ଡି ନିକଟ ଗ୍ରାମରେ ପହଞ୍ଚିଥିଲେ । ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲରେ ଭର୍ତ୍ତି କରିଥିଲେ । ଏହି ଘଟଣା ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତାରୋକ କରିଥିଲେ । ହେଲେ ୪ ଜଣ ଯବାନ କୋବ୍ରା ବାହିନୀର ନା ସିଆରପିଏଫର ତାହା ଜଣାପଡିନାହିଁ । ପୀଡିତାଙ୍କ ଭାଇଙ୍କ ଅନୁସାରେ ୪ ଅଭିଯୁକ୍ତମାନେ ଯବାନଙ୍କ ଭଳି ପୋଷାକ ପିନ୍ଧିବା ସହ ଅସ୍ତ୍ରଶସ୍ତ୍ର ଧରିଥିଲେ । ଅନ୍ୟପଟେ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି ସିଆରପିଏଫ ଡିଆଇଜି ରାମ ଚରିତ୍ର । ସେ କହିଥିଲେ ଏହି ଘଟାଣାରେ କୋବ୍ରା ବା

▶୩ ପୃଷ୍ଠାରେ

'ମୁଖ୍ୟମନ୍ତ୍ରୀଙ୍କ ଓଡିଆ ଭାଷା ନଜାଣିବା ଲଜ୍ଜା'

ଆଗାମୀ ଦିନରେ ଭାଷା ନାହିଁତ ଭୋଟ୍ ନାହିଁ : ବୈଷ୍ଣବ ପରିଡା

ବୟସାଧିକ ଯୋଗୁଁ ବୈଷ୍ଣବଙ୍କ ମତିଭ୍ରମ ହୋଇଛି : ରାସେଶ୍ୱରୀ

ଭୁବନେଶ୍ୱର,୧୦/୧୦ (ଶ୍ରୁ.ମି): ମୁଖ୍ୟମନ୍ତ୍ରୀ ଓଡିଆ ନଜାଣିବାକୁ ନେଇ ଦଳ ଭିତରେ ବିବାଦ ଦେଖାଦେଇଛି । ଦଳର ପୂର୍ବତନ ସାଂସଦ ତଥା ବରିଷ୍ଠ ନେତା ବୈଷ୍ଣବ ପରିଡା ସମ୍ବଲପୁର ଠାରେ ଆୟୋଜିତ ଭାଷା ସୁରକ୍ଷା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି କହିଛନ୍ତି ଯେ, ଓଡିଆ ନଜାଣି ଓଡିଶାରେ ଶାସନ କରିବାର ତାଙ୍କର ଅଧିକାର ନାହିଁ । ପୂର୍ବରୁ କେବଳ ବିରୋଧି ଦଳ ନେତା ତାଙ୍କୁ ଓଡିଆ ଭାଷାକୁ ନେଇ ସମାଲୋଚନା କରୁଥିଲେ । ଏବେ ଦଳ ଭିତରୁ ହିଁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଲାଣି । ଆଜି ବିଜେଡିର ପୂର୍ବତନ ସାଂସଦ ବୈଷ୍ଣବ ପରିଡା ତାଙ୍କୁ କଡା ଭାଷାରେ ସିଧାସଳଖ ସମାଲୋଚନା କରିଛନ୍ତି । ସମ୍ବଲପୁରରେ ଅନୁଷ୍ଠିତ ଭାଷା ସୁରକ୍ଷା ସମ୍ମିଳନୀରେ ପୂର୍ବତନ ସାଂସଦ ବୈଷ୍ଣବ ପରିଡା ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ସମାଲୋଚନା କରି କହିଛନ୍ତି ଯେ, ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦି ଓଡିଆ ଜାଣି ନାହାଁନ୍ତି , ତାହା ଓଡିଆ ଜାତି ପାଇଁ ଲଜ୍ଜା ଓ ଅପମାନ । ଆଗାମୀ ଦିନରେ ଯଦି ଭାଷା ନାହିଁ,ତେବେ ଭୋଟ୍ ନାହିଁ । ନବୀନ ପଟ୍ଟନାୟକ ଯଦି ସାଧାରଣ ବ୍ୟକ୍ତି ହୋଇଥାନ୍ତେ, ତାହାହେଲେ ସେ ଓଡିଆ ଭାଷା ନଜାଣିବାରେ କିଛି ଅସୁବିଧା ନଥିଲା । ଯେହେତୁ ସେ ଲୋକଙ୍କ ପ୍ରତିନିଧି । ଓଡିଆ ଜାତିର ଭାଷା ଓ ସାହିତ୍ୟକୁ ସମମାନ ଦେବା ତାଙ୍କର ପ୍ରଥମ ଦାୟିତ୍ୱ । ଯଦି ମୁଖ୍ୟମନ୍ତ୍ରୀ ମାତୃଭାଷାକୁ ସମ୍ମାନ ନଦେଇ ରହିବାକୁ ଚାହୁଁଥାନ୍ତି ତାହା ଓଡିଆ ଜାତି ପାଇଁ ଅପମାନ । ମୁଖ୍ୟମନ୍ତ୍ରୀ ଓଡିଆ ଜାଣି ନଥିବାରୁ ମୁଁ ଦୁଃଖର ସହ ମୁଖ୍ୟମନ୍ତ୍ରୀଙ୍କ ସହିତ ଇଂରାଜୀରେ କଥା ହୁଏ ବୋଲି କହିଛନ୍ତି ବୈଷ୍ଣବ ପରିଡା । ଅନ୍ୟପକ୍ଷରେ ଶ୍ରୀ ପରିଡାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ଦଳର ମୁଖପାତ୍ର ରାସେଶ୍ୱରୀ ପାଣିଗ୍ରାହୀ କହିଛନ୍ତି ଯେ ପୂର୍ବତନ ସାଂସଦ ଶ୍ରୀ ପରିଡା ମୁଖ୍ୟମନ୍ତ୍ରୀଙ୍କୁ ଆକ୍ଷେପ କରି ତାଙ୍କ ଉଦ୍ଦେଶ୍ୟରେ ଯେଉଁ ମନ୍ତବ୍ୟ ରଖିଛନ୍ତି ତାହା ଦୁର୍ଭାଗ୍ୟଜନକ । ତାଙ୍କ ମନ୍ତବ୍ୟର କୌଣସି ଯଥାର୍ଥତା ନାହିଁ । ଦଳ ଉପରେ ତାଙ୍କ ମନ୍ତବ୍ୟର କୌଣସି ପ୍ରଭାବ ପଡିବ ନାହିଁ । ମୁଖ୍ୟମନ୍ତ୍ରୀ ଭଲ ଓଡିଆ ଜାଣନ୍ତି ଓ ବୁଝନ୍ତି , ଉତ୍ତର ମଧ୍ୟ ଦିଅନ୍ତି । ସାଧାରଣ ଲୋକଙ୍କ ସହିତ ବ୍ୟକ୍ତିଗତ କଥାବାର୍ତ୍ତା କଲାବେଳେ ମୁଖ୍ୟମନ୍ତ୍ରୀ ଓଡିଆରେ କଥାବାର୍ତ୍ତା କରିଥାନ୍ତି । ସେମାନେ ମଧ୍ୟ ବୁଝିପାରନ୍ତି । ଶ୍ରୀ ପରିଡାଙ୍କର ଦଳରେ କିଛି ଅସ୍ତିତ୍ୱ ନାହିଁ ବୋଲି ସେ କହିଛନ୍ତି । ସେହିପରି ବରିଷ୍ଠ ବିଜେପି ନେତା ସୁରେଶ ପୂଜାରୀ କହିଛନ୍ତି ଯେ ଶ୍ରୀ ପରିଡା ମନରେ ସାହସ ଧରି ମୁଖ୍ୟମନ୍ତ୍ରୀଙ୍କ ସମ୍ପର୍କରେ ଯାହା ମନ୍ତବ୍ୟ ରଖିଛନ୍ତି ତାହା ଓଡିଆଙ୍କ ପାଇଁ ଶୁଭ ସୂଚନା । ସେ ବାସ୍ତବ କଥା କହିଛନ୍ତି । ମୁଖ୍ୟମନ୍ତ୍ରୀ ଓଡିଆ ନଜାଣି ଲୋକଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ଓଡିଆ ଲୋକମାନେ ମୁଣ୍ଡରେ ବସାଇବା ଜାଣନ୍ତି ଏବଂ ଓହ୍ଲାଇବା ମଧ୍ୟ ଜାଣନ୍ତି । ଜଣେ ଦଳୀୟ ନେତାଙ୍କ ଠାରୁ ଓହ୍ଲାଇବା ଆରମ୍ଭ ହେଲା ବୋଲି ସେ କହିଛନ୍ତି ।

ଦୀପାବଳି ଲାଗି ମାର୍ଗଦର୍ଶିକା ଜାରି କଲା ପୋଲିସ

COMMISSIONER OF POLICE
BHUBANESWAR-CUTTACK

ଭୁବନେଶ୍ୱର, ୧୦/୧୦(ଶ୍ରୁ.ମି): ଆଉ କିଛି ଦିନ ପରେ ଆସୁଛି ଆଲୋକର ପର୍ବ ଦୀପାବଳି । ହେଲେ ପ୍ରତ୍ୟେକ ବର୍ଷ ଦୀପାବଳିରେ ବାଣ ଫୁଟିଇବା ବେଳେ ହେଉଥିବା ବିଭିନ୍ନ ଦୁର୍ଘଟଣାମାନ ଘଟି ଲୋକଙ୍କ ମୃତ୍ୟୁ ହେଉଥିବା ବିଷୟକୁ ଆଖି ଆଗରେ ରଖି ଆଲୋକର ଏହି ପର୍ବକୁ ସୁରକ୍ଷିତ ଭାବେ ପାଳନ କରିବା ଲାଗି କମିସନରେଟ ପୋଲିସ ପକ୍ଷରୁ ଜାରୀ କରାଯାଇଛି ଗାଇଡଲାଇନ । ଏହ ମାର୍ଗଦର୍ଶିକା ଅନୁସାରେ ଛୋଟ ଦୋକାନରୁ ବାଣ ନକିଣି କେବଳ ଲାଇସେନସ ପ୍ରାପ୍ତ ବାଣ ଦୋକାନରୁ ବାଣ କିଣିବା, ବାଣ ଫୁଟାଇବା ସମୟରେ ବୟସ୍କ ଲୋକ ତାଙ୍କୁ ଜଗି ରହିବା, ୧୨୫ ଡେସିମାଲ ବାଣ ଫୁଟାଇବା ଉପରେ କଟକଣା ସହ ସ୍କୁଲ, କଲେଜ, ହଷ୍ଟେଲ, ଡାକ୍ତରଖାନା, ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ବୃଦ୍ଧ ଲୋକ ରହୁଥିବା ସ୍ଥାନରେ ବାଣ ନଫୁଟାଇବା, ବାଣ ଫୁଟାଇବାବେଳେ ପଲିଷ୍ଟର କପଡା ବଦଳରେ ସୁତାଲୁଗା ପିନ୍ଧିବା ସହ ବାଣ ଫୁଟାଇବା ସ୍ଥାନରେ ସର୍ବଦା ପ୍ରାଥମିକ ଚିକିତ୍ସାର ସାମଗ୍ରୀ ସହ ପାଣି, ବାଲି ଓ କମ୍ବଳ ଆଦି ରଖିବା, ବାଣ ଫୁଟାଇବାବେଳେ ମହମବତୀ କିମ୍ବା ଲମ୍ବା ବାଡି ବ୍ୟବହାର କରିବା ସହ ଅଫୁଟା ବାଣକୁ

▶୩ ପୃଷ୍ଠାରେ

ଟ୍ରିପଲ ମର୍ଡର : ଦମ୍ପତି ଏବଂ ପୁତ୍ରକୁ ଗଳା କାଟି ହତ୍ୟା

ଅନୁଗୋଳ,୧୦/୧୦ (ଶ୍ରୁ.ମି): ଯୁଗ ଯେତେ ଆଗଉଛି ବୋଧହୁଏ ନୃଶଂସତା ସେପରି ଅଧିକ ହୋଇ ଚାଲିଛି । ଏକ ଯୁବ ଦମ୍ପତି ଏବଂ ନିଷ୍ପାପ ବାଳକକୁ ମାରିବାରେ ହତ୍ୟାକାରୀମାନେ ତିଳେ ମାତ୍ର ସଙ୍କୋଚବୋଧ କରିନାହାଁନ୍ତି । ମଙ୍ଗଳବାର ଦିନ ଏଭଳି ଏକ ଲୋମହର୍ଷଣକାରୀ ଟ୍ରିପଲ ମର୍ଡ଼ର ଘଟିଛି କିଶୋର ନଗର ଗମ୍ଭାରିମାଳିଆ ଗ୍ରାମରେ । ଏକ ଯୁବ ଦମ୍ପତି ଏବଂ ସେମାନଙ୍କର ନାବାଳକ ପୁତ୍ରକୁ ଗଳାକାଟି ନିର୍ମମ ହତ୍ୟା ଘଟଣା ସମଗ୍ର ଅନୁଗୋଳ ଜିଲ୍ଲାବାସୀଙ୍କୁ ସ୍ତବ୍ଧ କରି ଦେଇଛି । ପ୍ରଥମେ ସ୍ୱାମୀ ଓ ସ୍ତ୍ରୀଙ୍କର ମୃତ ଦେହ ଉଦ୍ଧାର କରାଯିବାର କିଛି ଘଂଟା ପରେ ତାଙ୍କ ନିଖୋଜ ପୁଅର ମୃତ ଦେହକୁ ଉଦ୍ଧାର କରାଯାଇଛି । ଯାହାକୁ ନେଇ ସମଗ୍ର ଅଂଚଳରେ ଚାଂଚଲ୍ୟ ସୃଷ୍ଟି ହୋଇଛି । କିଏ,କାହିଁକି ୩ଜଣଙ୍କୁ ଏଭଳି ନିର୍ମମ ଭାବେ ହତ୍ୟା କଲା ତାର କୌଣସି ସୁରାକ ଅଦ୍ୟାବଧି ମିଳିପାରିନାହିଁ । ମୃତ ଦମ୍ପତି ବିରଂଚି ନାୟକ ଏବଂ ତାରିଣୀ ନାୟକ ବୋଲି ଜଣା ପଡ଼ିଛି । ତେବେ ବିରଂଚିଙ୍କ ସ୍ତ୍ରୀଙ୍କ ମୃତ ଦେହ କିଶୋରନଗର

▶୩ ପୃଷ୍ଠାରେ

ବାଙ୍ଗାଲୋରରେ ଓଡିଆ ଯୁବକଙ୍କୁ ହତ୍ୟା

ବେଙ୍ଗାଲୁର,୧୦/୧୦ (ଶ୍ରୁ.ମି): ବେଙ୍ଗାଲୁରରେ ଜଣେ ଓଡିଆ ଯୁବକଙ୍କୁ ହତ୍ୟା କରାଯାଇଛି । ରହୁଥିବା ଘର ପାଖରୁ ଗୋଟିଏ କିଲୋମିଟର ଦୂରରେ ତାଙ୍କୁ ହତ୍ୟା କରାଯାଇଛି । ସେ ଜଣେ ସଫ୍ଟୱେୟାର ଇଞ୍ଜିନିୟର ଥିଲେ । ସେ ଆସେନ୍ଷର କମ୍ପାନୀରେ କାମ କରୁଥିଲେ । ଦୁର୍ବୃତ୍ତମାନେ ଯୁବକଙ୍କୁ ଛୁରୁଭୁଷି ହତ୍ୟା କରିଛନ୍ତି । ମୃତ ଯୁବକଙ୍କ ନାମ ପ୍ରଣୟ ମିଶ୍ର (୨୮) ଙ୍କ ଘର ଭୁବନେଶ୍ୱର ଶୈଳଶୀ ବିହାର । ନିଜ ବାନ୍ଧବୀଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ସାଉଥ୍ ବେଙ୍ଗାଲୁର ଅଞ୍ଚଳରୁ ବାଇକରେ ଆସି ଦୁଇ ଜଣ ଦୁର୍ବୃତ୍ତ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଦୁଇଜଣ ଦୁର୍ବୃତ୍ତ ପେଟରେ ଛୁରି ଭୁଷିବା ସହ ଗଳା କାଟି ହତ୍ୟା କରିଥିବା ଜଣାପଡିଛି । ଏନେଇ ପୁଲିସ ତଦନ୍ତ ଜାରି ରଖିଛି । ହତ୍ୟାର କାରଣ କ'ଣ କିଏ ତାଙ୍କୁ ହତ୍ୟା କରିଛି ସେ ନେଇ ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ ସିସିଟିଭି ଫୁଜେଟ୍ ଆଧାରରେ ତଦନ୍ତ ଜାରି ରଖିଛି । ଏହାର ତଦନ୍ତ ପାଇଁ ପୁଲିସ ୩ଟି ଟିମ୍ ଗଠନ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ତନାଘନା ଜାରିରଖିଛି । ୨୦୧୪ରୁ ପ୍ରଣୟ ବାଙ୍ଗାଲୋରରେ ରହୁଥିଲେ । ରବିବାର ରାତିରେ ପାର୍ଟି କରିବା ପାଇଁ ସାଙ୍ଗଙ୍କ ଘରୁ ଯାଇଥିଲେ । ପାର୍ଟି ସରିବା ପରେ ସେ ମଦ୍ୟପାନ କରି ଘରକୁ ଫେରିଥିଲେ । ସେହିଦିନ ରାତି ୨ଟାରୁ ଉର୍ଦ୍ଧ୍ୱ ହେବ ତାଙ୍କର ଜଣେ ଓଡିଆ ଝିଅ ସାଙ୍ଗ ଫୋନ୍ କରିଥିଲେ । ତାଙ୍କ ବାନ୍ଧବୀ ତାଙ୍କୁ ଆସିବା ପାଇଁ ମନା କରୁଥିଲେ । କିନ୍ତୁ ସେ ତାଙ୍କ ସାଙ୍ଗକୁ ଭେଟିବାକୁ ଯାଇଥିଲେ । ତା'ପରେ ଟାଭାରେକେରେର ମେନ୍‌ରୋଡ୍ ନିକଟରେ ଥିବା ଏକ ଚକୋଲେଟ୍ ଫ୍ୟାକ୍ଟ୍ରି ନିକଟରେ ତାଙ୍କୁ ପଛପଟୁ ୪ଥର ଛୁରା ମାଡ ହୋଇଥିବା ତଦନ୍ତରୁ ଜଣାପଡିଛି । ସ୍ଥାନୀୟ ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଚୋରି କରିବା ନେଇ ତାଙ୍କୁ ହତ୍ୟା କରାଯାଇ ନାହିଁ । ଏହା ଏକ ପ୍ରେମ ଜନିତ ହତ୍ୟାକାଣ୍ଡ ବୋଲି ଜଣାପଡିଛି । ତାଙ୍କ ପାଖରେ ୱାଲେଟ୍ ପଡିଥିଲା ଏବଂ ହାତରେ ଘଣ୍ଟା ମଧ୍ୟ ଥିଲା । ତାଙ୍କ ଶରୀରରୁ କୌଣସି ଜିନିଷ ଚୋରି ହୋଇନାହିଁ । ତାଙ୍କ ପରିବାର ପକ୍ଷରୁ କୌଣସି ସୂଚନା ମିଳିନି । ତାଙ୍କର ପରିବାରର ଭଉଣୀ ଭିଣୋଇ ବାଙ୍ଗାଲୋରରେ ରହୁଛନ୍ତି । ଭଉଣୀ ଭିଣୋଇ ଏସମ୍ପର୍କରେ ଗଣମାଧ୍ୟମକୁ କିଛି ସୂଚନା ଦେଇନଥିଲେ । ପୁଲିସ ସୂଚନା ଅନୁସାରେ ଓଡିଆ ବାନ୍ଧବୀଙ୍କର କୌଣସି କୌଣସି ସୁରାଗ ମିଳିନି । ଏହା ଏକ ହାଇପ୍ରୋଫାଇଲ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି । ମଙ୍ଗଳବାର ବିମାନ ଯୋଗେ ଶବକୁ ଶୈଳଶୀବିହାର ଭୁନେଶ୍ୱର ଅଣାଯାଇ ପୁରୀରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

ଉପରମୁଣ୍ଡରେ ଲଗାଣ ବର୍ଷା ମାଲକାନଗିରି ଜିଲ୍ଲାରେ ବନ୍ୟା ପରିସ୍ଥିତି

ଭୁବନେଶ୍ୱର , ୧୦/୧୦ (ହି.ସ.): ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଦୁର୍ବଳ ହୋଇଛି । ଏହାର ପ୍ରଭାବରେ ରାଜ୍ୟରେ କେତକ ସ୍ଥାନରେ ବର୍ଷା ଲାଗି ରହିଛି । ମାଲକାନଗିରିର ଉପର ମୁଣ୍ଡରେ ପ୍ରବଳ ବର୍ଷା ହେଉଛି । ଲଘୁଚାପ ଜନିତ ବର୍ଷା ଲାଗି ରହିଥିବାରୁ ରାସ୍ତାଘାଟ ପାଣିରେ ବୁଡିରହିଥିବା ଦେଖାଦେଇଥିବା ବେଳେ କେତେକ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । କାଲିମେଳା ଅନ୍ତର୍ଗତ କାଙ୍କେରକୋଣ୍ଡା ପୋଲ ଉପରେ ୨ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାବେଳେ କନ୍ୟାଶ୍ରମ ନିକଟରେ ୪ଫୁଟର ପାଣି ଚାଲୁଥିବା ଦେଖାଯାଇଛି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ କାଲିମେଳାରେ କାଙ୍କେରକୋଣ୍ଡା ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହୋଇ ରହୁଛି । ସେହିପରି ୩୨୬ ନମ୍ବର ଜାତୀୟ ରାଜପଥ ମଧ୍ୟ ବର୍ଷା ପାଣିରେ ବୁଡ଼ିକି ରହିଛି ଯ ପାଣି ଜମିବାରୁ ମାଲକାନଗିରି- କାଲିମେଳା -ପଡିଆକୁ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି ।



ଶ୍ରୀରାମ ଚରିତ ମାନସ

ସବୁ ଦୃଷ୍ଟିରୁ ରାଜଘାଟ ।
ସୁନ୍ଦର ଥାଏ ଆଉ ଶ୍ରେଷ୍ଠ ॥
ନବର ଚାରିବର୍ଣ୍ଣ ନର ।
ସ୍ନାନ କରନ୍ତି ତଥିପର ॥
ଅନେକ ଦେବଙ୍କ ମନ୍ଦିର ।
ଥାଏ ସରଯୂ ନଦୀ ତୀର ॥
ଚଉପାଖରେ ମନ୍ଦିରର ।
ବଗିଚା ଦିଶଇ ସୁନ୍ଦର ॥୨॥
କହୁଁ କହୁଁ ସରିତା ତୀର ଉଦାସୀ ।
ବସହୁଁ ଗ୍ୟାନ ରତ ମୁନି ସଂନ୍ୟାସୀ ॥
ତୀର ତୀର ତୁଲସିକା ସୁହାଇ ॥
ବୃନ୍ଦ ବୃନ୍ଦ ବହୁ ମୁନିହ୍ନ ଲଗାଇ ॥୩॥
ନଈ କୂଳରେ ସ୍ଥାନେ ସ୍ଥାନେ ।
ଅତ୍ୟନ୍ତ ଅନାସକ୍ତ ମନେ ॥
ଜ୍ଞାନ ନିଷ୍ଠ ମୁନି ସନ୍ନ୍ୟାସୀ ।
ରହୁଥାନ୍ତି ସର୍ବେ ଆସି ॥
ସେହି କୂଳରେ ମୁନିଗଣେ ।
ଅତ୍ୟନ୍ତ ହରଷିତ ମନେ ॥
ତୁଳସୀଗଛ ମାନ ଆଣି ।
ଲଗାଇଥାନ୍ତି ଧାଡି ଧାଡି ॥୩॥
ପୁର ସୋଭା କଛୁ ବରନି ନ ଜାଇ ।
ବାହେର ନଗର ପରମ ରୁଚିରାଈ ॥
ଦେଖତ ପୁରୀ ଅଖିଲ ଅଘଭାଗା ।
ବନ ଉପବନ ବାପିକା ତଡାଗା ॥୪॥

ନଗର ଶୋଭାର ବର୍ଣ୍ଣନ ॥
ନହେବ ଭାଷାରେ କଥନ ॥
ବାହାର ଦୃଶ୍ୟ ନଗରର ।
ଅତୀବ ପରମ ସୁନ୍ଦର ॥
ଅଯୋଧ୍ୟାପୁରୀର ଦର୍ଶନେ ।
ପାପ ପଳାଏ ଅନ୍ୟସ୍ଥାନେ ॥
ତହିଁରେ ତୋଟା ଉପବନ ।
ବାଙ୍ଗୀ ପୋଖରୀ ଅତି ରମ୍ୟ ॥୪॥
॥ ଛନ୍ଦ ॥
ବାପୀଁ ତଡାଗ ଅନୂପ କୂପ
ମନୋହରାୟତ ସୋହହୀଁ ।
ସୋପାନ ସୁନ୍ଦର ନୀର ନିର୍ମଲ ଦେଖି
ସୁର ମୁନି ମୋହହୀଁ ॥
ବହୁ ରଙ୍ଗ କଂଜ ଅନେକ ଖଗ କୂଜହିଁ
ମଧୁପ ଗୁଂଜାରହୀଁ ।
ଆରାମ ରମ୍ୟ ପିକାଦି ଖଗ ରଓ୍ୱ ଜନୁ
ପଥିକ ହଂକାରହୀଁ ॥
ବାଙ୍ଗୀ ପୁଷ୍କରିଣୀ ଓ କୂପ ।
ବିଶାଳ ସୁନ୍ଦର ଅନୂପ ॥
ସୁନ୍ଦର ପାହାଡ ରତ୍ନର ।
ନିର୍ମଳ ଜଳ ମନୋହର ॥
ତା ଦେଖି ସୁର ମୁନି ଜନ ।
ହୋଇ ଯାଆନ୍ତି ମୁହ୍ୟମାନ ॥

ନାନା ରଙ୍ଗର ପଦ୍ମଫୁଲ ।
ଫୁଟଇ ସରୋବର ଜଳ ॥
ବିଭିନ୍ନ ପକ୍ଷୀଙ୍କ କୂଜନ ।
ଭ୍ରମରମାନଙ୍କ ଗୁଞ୍ଜନ ॥
ଅତି ସୁରମ୍ୟ ବଗିଚାରେ ।
ପିକାଦି ସୁମଧୁର ସ୍ୱରେ ॥
ଆସିବା ପାଇଁ ନିମନ୍ତ୍ରଣ ।
କରନ୍ତି ପଥଚାରୀ ଜନ ॥
॥ ଦୋହା ॥
ରମାନାଥ ଜହଁ ରାଜା ସୋପୁର
ବରନି କି ଜାଇ ।
ଅନିମାଦିକ ସୁଖ ସଂପଦା ରହୀଁ ଅୱଧ
ସବ ଛାଇ ॥୨୯॥
ଯେଉଁଠି ରାଜା ରମାନାଥ ।
ନଗ୍ର ବର୍ଣ୍ଣନ ଅଟେ ବ୍ୟର୍ଥ ॥
ଆଣିମା ଅଷ୍ଟ ସିଦ୍ଧିମାନ ।
ସୁଖ ସମ୍ପଦ ତହିଁ ପୂର୍ଣ୍ଣ ॥୨୯॥
॥ ଚୌପାଇ ॥
ଜହଁ ତହଁ ନର ରଘୁପତି ଗୁନ ଗାଓ୍ୱହିଁ
।
ବୈଠି ପରସପର ଇହଇ ସିଖାଓ୍ୱହିଁ ॥
ଭଜହୁ ପ୍ରନତି ପ୍ରତିପାଲକ ରାମହି ।
ସୋଭା [illegible]

ଅନୁବାଦକ- କିଶୋର ଚନ୍ଦ୍ର ଗଡ଼ତିଆ

□□□ କ୍ରମଶଃ

ତାଳଚେର ୱାର୍କର୍ସ କ୍ଲବର ପ୍ରଥମ ବାର୍ଷିକ ସମ୍ମିଳନୀ

ତାଳଚେର, ୧୦/୧୦(ଶ୍ରୁ.ମି): ତାଳଚେର ୱାର୍କର୍ସ କ୍ଲବର ପ୍ରଥମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ ଦେଉଳବେଡ଼ା କୋଲିୟରୀସ୍ଥିତ ମଙ୍ଗଳମ୍ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି । ୱାର୍କର୍ସ କ୍ଲବର ସଭାପତି ଡାକ୍ତର ଅଶୋକ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲ୍ଲା ଗଭର୍ଣ୍ଣର ଅଭିମନ୍ୟୁ ନାୟକ,ଉପଦେଷ୍ଟା ଡାକ୍ତର କୈଳାସ ଚନ୍ଦ୍ର ବିଶ୍ୱାଳ, କଟକ ୱାର୍କର୍ସ କ୍ଲବର ସଭାପତି ଫନିନ୍ଦ୍ର କୁମାର ମଲ୍ଲିକ୍, ଲିଙ୍ଗରାଜ କୋଇଲା କ୍ଷେତ୍ରର ପ୍ରକଳ୍ପ ଅଧିକାରୀ ଅଜୟ କୁମାର ଦେହୁରୀ, ସାଧାରଣ ସମ୍ପାଦକ ଅଶୋକ କୁମାର ସାମନ୍ତ, କୋଷାଧ୍ୟକ୍ଷ ହରେକୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ରହି କ୍ଲବର ଉଦ୍ଦେଶ୍ୟ ଓ ଏହା କିପରି ଅଧିକରୁ ଅଧିକ ଜନହିତକର କାର୍ଯ୍ୟରେ ନିୟୋଜିତ ହୋଇପାରିବ ଏବଂ ଦୈନନ୍ଦିନ ଜୀବନରେ ଚାଲିବା ଦ୍ୱାରା ଜନସାଧାରଣ କିଭଳି ଭାବେ ଉପକୃତ ହେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଇଂ ରାଜକିଶୋର ନାୟକ ମଂଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂ ରମେଶ ଚନ୍ଦ୍ର ବେହେରା, ଉପସଭାପତି ମନୋରଞ୍ଜନ ପ୍ରଧାନ, ଦିଲ୍ଲୀପ କୁମାର ପାଣିଗ୍ରାହୀ, ଡ.ନିମାଇଁ ଚରଣ ପ୍ରଧାନ, ଡା.ସୁଜାତା ସାହୁ ,ଇଂ ସୁବ୍ରତ କୁମାର ବିଶ୍ୱାଳ, ପ୍ରତାପରୁଦ୍ର ପ୍ରଧାନ, ଡା. ଜଗବନ୍ଧୁ ଜେନା, ବିନୋଦ ବିହାରୀ ବେହେରା, ଭାସ୍କର ସାହୁ, ପବିତ୍ର କୁମାର ସାମଲ, ପ୍ରହ୍ଲାଦ ପରିଡ଼ା, କନ୍ଦର୍ପ ସାହୁ, ପ୍ରବୀର କୁମାର ପ୍ରଧାନ, ଧ୍ରୁବ କୁମାର ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକ୍, ଦୀପକ କୁମାର ଦାସ, ସୁଦର୍ଶନ ମହାନ୍ତି, ରାମଚନ୍ଦ୍ର ଅଗ୍ରୱାଲା, ସୁମନ୍ତ କୁମାର ପ୍ରଧାନ, ବିମଳ କୁମାର ନାଥ, ବୀରବର ସାହୁ, ଆନନ୍ଦ ଆଚାର୍ଯ୍ୟ, ଅର୍ଜୁନ ଭୁତିଆ, ବାଉରୀବନ୍ଧୁ ବେଜ,ମନୋଜ ରାଏ, ମହାବୀର ପ୍ରସାଦ ଅଗ୍ରୱାଲା, କମଲଜିତ୍ ସିଂ, ବିଜୟ ସାହୁ,ବିରେନ୍ଦ୍ର କୁମାର ଶତପଥି, ବିପୁଲ କୁମାର ବଳ, ପ୍ରଭାକର ନାହାକଙ୍କ ସମେତ ବହୁ ମାନ୍ୟଗଣ୍ୟ ସଦସ୍ୟ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଦେଉଳବେଡ଼ା ସରସ୍ୱତୀ ଶିଶୁମନ୍ଦିରର ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଶେଷରେ ଆଇନଜୀବୀ ହରେକୃଷ୍ଣ ପାତ୍ର ସମସ୍ତଙ୍କ ସହଯୋଗ ଓ ସଦିଚ୍ଛା ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ ।

ସରକାରି ପ୍ରୋତ୍ସାହନରେ ରହୁଥିବା ହବିଷ୍ୟାଳିଙ୍କ ଦୁରବସ୍ଥା ବଢୁଛି

ପୁରୀ,(ଶ୍ରୁମି),୧୦.୧୦.୧୭-ଗତ ଦୁଇବର୍ଷ ହେବ ରାଜ୍ୟସରକାର ବିଭିନ୍ନ ପ୍ରାନ୍ତରୁ ୩ ହଜାର ହବିଷ୍ୟାଳିଙ୍କୁ ବିଭିନ୍ନ ଶିବିରରେ ରଖି ମାଗଣାରେ ସବୁ ସୁବିଧା ଯୋଗାଇ ଦେଉଥିବା ବେଳେ ଏ ବର୍ଷ ମଧ୍ୟ ୩ ହଜାର ହବିଷ୍ୟାଳି ଙ୍କୁ ପଂଜିକରଣ କରି ଷ୍ଟେସନ ପାଖ ରେଳବିଭାଗର ପର୍ଯ୍ୟଟକ ସେଡ, ଜଗନ୍ନାଥ ବଲ୍ଲଭ ମଠ ପ୍ରାଙ୍ଗଣ ଓ ପୁରୁଣା ଜେଲ ଭିତରେ ରଖି ସବୁ ବନ୍ଦବସ୍ତ କରିଥିଲେ ମଧ୍ୟ ହବିଷ୍ୟାଳି ବୃଦ୍ଧା ମାନଙ୍କର ଦୁରାବସ୍ଥା ବଢୁଥିବା ଦେଖିବାକୁ ମିଳୁଛି । ବାଟଦୂର ହେଉଥିବାରୁ ପ୍ରତ୍ୟେକ ସମୟରେ ଶ୍ରୀମନ୍ଦିରକୁ ଆସିପାରୁନଥିବା ବେଳେ ତୀର୍ଥ ପୁଷ୍କରଣୀରେ ମଧ୍ୟ ଗାଧୋଇ ପାରୁନଥିବା ଜଣାପଡିଛି । ପୁଣି ଗୋଟିଏ ବେଳା ଦିନ ୪ଟାରେ ମହାପ୍ରସାଦ ଖାଇବାକୁ ଦିଆଯାଉଥିବା ବେଳେ ତାପର ଦିନ ପୁଣି ସେହି ସମୟ ପର୍ଯ୍ୟନ୍ତ ଖାଲି ପେଟରେ ରହିବାକୁ ପଡୁଛି ବୋଲି ମଧ୍ୟ କାର୍ତ୍ତୀକ ବ୍ରତଧାରି ହବିଷ୍ୟାଳି ମାନଙ୍କ ଅଭିଯୋଗ ହେଉଛି । ପୁଣିତାଙ୍କର ସୁରକ୍ଷା ଓ ତଦାରଖ ପାଇଁ ଶିକ୍ଷୟିତ୍ରି ମାନଙ୍କୁ ଦାୟିତ୍ୱ ଦିଆଯାଉଥିବାରୁ ଶିକ୍ଷକ ସଂଘ ପ୍ରତିବାଦ କରିଛି । ସଠିକ କାମ କରୁନଥିବାରୁ ବୃଦ୍ଧମାନେ ଅଚେତ ହୋଇପଡୁଛନ୍ତି । ସାଙ୍ଗକୁ ଅନ୍ୟାନ ଅସୁବିଧାରେ ପଡୁଛନ୍ତି । ପୁଣି ରାତିରେ ବିନା ମଶାରିରେ ଶୋଇବାକୁ ପଡୁଥିବାରୁ ମଶାମାନଙ୍କର ଦାଉକୁ ସେମାନେ ସମ୍ଭାଳି ପାରୁନଥିବା ମଧ୍ୟ ଅଭିଯୋଗ ହେଉଛି । ପ୍ରତିଦିନ କିଛି ହବିଷ୍ୟାଳି ଅସୁସ୍ଥ ହେଉଛନ୍ତି ।

ସଚେତନ ନାଗରିକ ମଞ୍ଚର ଦାବିପତ୍ର

ପୁରି,(ଶ୍ରୁମି)୧୦.୧୦.୧୭-ପୁରୀ ସଚେତନ ନାଗରିକ ମଞ୍ଚ ତରଫରୁ ଗତକାଲି ଏକ ୧୩ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ବେଳେ ମୁଖ୍ୟତଃ ସେବାୟତ ମାନଙ୍କୁ ପରିଚୟ ପ୍ରଦାନ, ବେଳାଭୂମିକୁ ପ୍ରଦୂଷଣ ମୁକ୍ତ, ପଲିଥିନ ବ୍ୟବହାର ନିଷେଧ, ଗାଈଗୋରୁ ଙ୍କୁ ବନ୍ଦି କରିବା ନିଷେଧ, ଶ୍ରୀ ମନ୍ଦିର ଠାରୁ ଗୁଣ୍ଡିଚା ମନ୍ଦିର ଦୁଇ ଥାକିଆ ରାସ୍ତା ଓ ସିଂହଦ୍ୱାର ଠାରୁ ଭିକ୍ଷାବୃତ୍ତି ଧାରୀଙ୍କୁ ହଟାଇବା ଦାବି ଦେଇଥିବା ମଞ୍ଚର ମୁଖ୍ୟ ଆଇନ ଜିବୀ ଓ ସମାଜ ସେବି ପ୍ରସନ୍ନ ଦାଶଙ୍କ ନେତୃତ୍ୱରେ ଶତାଧିକ କର୍ମି ଉପସ୍ଥିତି ଥିଲେ ।

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଆଡିବନ୍ଧ ରାତିରେ ଧସିଲା

୫୦ ଏକର ଧାନ ଜମିରେ ମାଟି ମାଡିଗଲା, ୬ ଘଣ୍ଟା ଧରି ଜଳ ଘେରରେ ରହିଲେ ଲୋକେ

ବାରିପଦା,୧୦/୧୦(ଶ୍ରୁ.ମି.): ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସାରସକଣା ବ୍ଲକ ଅନ୍ତର୍ଗତ ସାରସକଣା ପଞ୍ଚାୟତର ଛୁଆଡିମ୍ବ ଗ୍ରାମ ଦେଇ ଯାଇଥିବା ମୁଖ୍ୟ କେନାଲର ପ୍ରାୟ ଦୁଇ ଶହ ଫୁଟ ଲମ୍ବର ଆଡିବନ୍ଧ ରବିବାର ରାତିରେ ହଠାତ ଧସିଯାଇ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । ଫଳରେ ଛୁଆଡିମ୍ବ ଗ୍ରାମ ସମେତ ବୃଷଭାନୁପୁର, ନୁଆଗାଁ, ଦିରଖ, ପଳାସବଣୀ ଆଦି ଗ୍ରାମର ୫ ହଜାର ଲୋକେ ଆତଙ୍କ ଅବସ୍ଥାରେ ରହିଛନ୍ତି । ସରକାରୀଭାବେ ୫୦ଏକର ଜମିରେ ମାଟି ମାଡିଯିବାରୁ ଧାନ ଫସଲ ନଷ୍ଟ ହୋଇଥିବାର କୁହାଯାଉଥିବା ବେଳେ ଆହୁରି ଅଧିକ ଜମିରେ ଫସଲ ନଷ୍ଟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସୌଭାଗ୍ୟବଶତଃ କୌଣସି ଜୀବନ ନଷ୍ଟ ହୋଇ ନାହିଁ । ଛୁଆଡିମ୍ବ ଗ୍ରାମବାସୀ ୬ ଘଣ୍ଟା ଜଳ ଘେରରେ ରହିବା ପରେ ସେମାନଙ୍କୁ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି । ପୋଖରୀ ଗାଡିଆରେ ପାଣି ପୂର୍ଣ୍ଣ ହୋଇଯିବାରୁ ସବୁ ମାଛ ପଳାଇଲେ । ଘଟଣାସ୍ଥଳରେ ସରପଞ୍ଚ ଲୋକନାଥ ନାଏକ ପହଞ୍ଚି ରାତିତମାମ ଗ୍ରାମବାସୀଙ୍କ ଉଦ୍ଧାର ପାଇଁ ଜଗି ରହିଥିଲେ । ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଡ. ଦୟାସିନ୍ଧୁ ପରିଡା ରାତିରେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ଉପର ମୁଣ୍ଡରେ ଥିବା ଝାଡଖଣ୍ଡ ରାଜ୍ୟର ଗାଲୁଡିହି ବ୍ୟାରେଜର ଗେଟ୍‌କୁ ବନ୍ଦ କରାଯିବା ଫଳରେ ଭୋର ୩ଟା ସମୟରେ ପାଣିର ସ୍ରୋତ କମିଯିବା ଦେଖିବାକୁ ମିଳିଥିଲା । ଛୁଆଡିମ୍ବ ଗ୍ରାମର ଜଗଦୀଶ ନାଏକଙ୍କ ଘରେ ପାଣି ପ୍ରବେଶ କରିବାରୁ ପରିବାରକୁ ଉଦ୍ଧାର କରି ନିକଟସ୍ଥ ବିଦ୍ୟାଳୟକୁ ନିଆଯାଇଥିଲା । ଚାଷ ଜମିର କ୍ଷତିଭରଣା ପାଇଁ ଏକର ପିଛା ୧୨ ହଜାର ୨ ଶହ ଟଙ୍କା ଦିଆଯିବ ଏବଂ ତୁରନ୍ତ କ୍ଷୟକ୍ଷତି ଆକଳନ ପାଇଁ ଉକ୍ତ ଅଞ୍ଚଳର ତହସିଲଦାରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଏବଂ ପରିସ୍ଥିତି ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ସଜାଗ ଦୃଷ୍ଟି ରଖାଯାଇଥିବା ଜରୁରୀକାଳୀନ ଅଧିକାରୀ ଡ.ପରିଡା ପ୍ରକାଶ କରିଛନ୍ତି । ରାଜ୍ୟରେ ବିଭିନ୍ନ ସ୍ଥାନରେ ପୋଲ ଧସୁଥିବା ବେଳେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଆଡିବନ୍ଧ ନିର୍ମାଣର ୫ବର୍ଷ ପରେ ଧସି ଯିବା ଘଟଣା ଠିକାଦାର ତଥା ବିଭାଗୀୟ ଯନ୍ତ୍ରୀଙ୍କ ବେପରୁଆ ତଦାରଖର ପରିଣାମ ବୋଲି ଅଭିଯୋଗ ହେଉଛି । କିନ୍ତୁ ଅନ୍ୟପକ୍ଷରେ ସଂପୃକ୍ତ ଅଞ୍ଚଳର ମାଟି ଦୁର୍ବଳ ଥିବାର ସଫେଇ ଦେଇ ବିଭାଗୀୟ ଯନ୍ତ୍ରୀ ଭୂଆଁ ବୁଲାଇବାକୁ ପ୍ରୟାସ କରୁଥିବା ଅଭିଯୋଗ ହେଉଛି । ଏଣୁ ଏଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସଂପୃକ୍ତ ଠିକାଦାର ତଥା ଯନ୍ତ୍ରୀମାନଙ୍କ ବିରୋଧରେ ଆଖି ଦୃଶିଆ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।

୨୮ ଦିନରେ ଅଙ୍ଗନୱାଡି ୱାର୍କରସ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ରାଜନଗର, ୧୦।୧୦(ଶ୍ରୁ.ମି.) : ରାଜନଗର ବ୍ଲକ ଅଙ୍ଗନୱାଡି ୱାର୍କରସ ସଂଘ ପକ୍ଷରୁ ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ (ସିଡିପିଓ)ଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ୨୮ ଦିନରେ ପହଂଚିଛି । ବ୍ଲକର ସମସ୍ତ ୨୭୪ଟି ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି । ଯାହାଫଳରେ ତିନି ବର୍ଷରୁ ଛଅବର୍ଷର ଶିଶୁ(ପ୍ରି-ସ୍କୁଲ)ର ପିଲାମାନେ ପାଠପଢା, ଖେଳକୂଦ ପୃଷ୍ଟିକର ଖାଦ୍ୟ ପାଇବାରୁ ବଂଚିତ ହେବା ସହ ଗର୍ଭବତୀ, ପ୍ରସୂତୀ ଓ ଛଅ ମାସରୁ ତିନିବର୍ଷର ଶିଶୁ ଶୁଖିଲା ଖାଦ୍ୟ (ଅଣ୍ଡା ଓ ଛତୁଆ) ପାଇବାରୁ ୨୮ଦିନ ହେଲା ବଂଚିତ ହୋଇଛନ୍ତି । ରାଜ୍ୟ ସରକାର ହଠାତ୍ ବିନା ଆଲୋଚନାରେ ବିଧାୟକଙ୍କ ଦରମା ଏକ ଲକ୍ଷ ଟଙ୍କା କରିଥିବା ବେଳେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ କାମରେ ଆମକୁ କାମରେ ଲଗାଉଥିବା ବେଳେ ଆମକୁ ସର୍ବନିମ୍ନ ମଜୁରୀ ନଦେବା, ମା କୁ ସମ୍ମାନ ଦିଏ ବୋଲି ପ୍ରଚାର କରୁଥିବା ସରକାରର ଅସଲ ମୁଖା ଖୋଲି ଯାଇଛି ବୋଲି ଜିଲ୍ଲା ସମ୍ପାଦିକା ପୁଷ୍ପଲତା ରଥ ଅଭିଯୋଗ କରିଛନ୍ତି । ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡିଶା ଅଙ୍ଗନୱାଡି ଲେଡିଜ୍ ୱାର୍କରସ ଆସୋସିଏସନ ତରଫରୁ ଦିଆଯାଇଥିବା ଦୀର୍ଘ ଦିନର ଦାବିଗୁଡିକୁ ରାଜ୍ୟ ସରକାର ପୂରଣ କରିବାର ପ୍ରତିଶୃତି ଦେଇ ସମୟ ଗଡାଇ ଚାଲିବା ପ୍ରତିବାଦରେ ଅନିର୍ଦ୍ଧିଷ୍ଟ କାଳ ପାଇଁ ବ୍ଲକ ତଥା ବିଧାନ ସଭା ଆଗରେ ଧାରଣା ଚାଲୁ ରହିବ ବୋଲି ଜିଲ୍ଲା ସଂପାଦିକା ଶ୍ରୀମତୀ ରଥ କହିଛନ୍ତି । ଆମେ କାର୍ଯ୍ୟ ବନ୍ଦକରି, ଆମର ଧାରଣା ମାସଟିଏ ପୂରିବାକୁ ଯାଉଥିବା ବେଳେ ଶିଶୁ ଓ ମା ଙ୍କ ପ୍ରତି ସରକାର କେତେ ସମ୍ବେଦନଶୀଳ ତାର ଅସଲମୁଖା ଖୋଲିଯାଇଛି ବୋଲି ବ୍ଲକ ସଭାନେତ୍ରୀ ଯଶୋଦା ରାଉତ, ଉପସଭାନେତ୍ରୀ ମାଣିକ ପ୍ରଧାନ, ସହ-ସଂପାଦିକା ରମାବତୀ ସ୍ୱାଇଁ ଓ କୋଷାଧ୍ୟକ୍ଷ ଅବିଚାରୀ ବାରିକ୍ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଓ ସହାୟିକାମାନେ ଅଭିଯୋଗ କରିଛନ୍ତି ।

ନିଖୋଜର ୨୦ଦିନ ପରେ ବି ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇପାରି ନି

କୁଚିଣ୍ଡା, ୧୦/୧୦(ଶ୍ରୁ.ମି.): କୁଚିଣ୍ଡା ଥାନା କୁଚିଣ୍ଡା ଏନଏସି ୱାର୍ଡ ନଂ୧୧ ସଇଡା ବାସିନ୍ଦା ନାରେନ ମାଝୀ(୨୭) ନିଖୋଜ ହେବାର ୨୦ଦିନ ପରେ ମୃତ ଦେହ ଠାବ ହୋଇ ମଧ୍ୟ ଶବ ଜବତ ହୋଇ ନ ପାରିବା ଚର୍ଚ୍ଚାର ବିଷୟ ହୋଇଛି । ଏ ନେଇ ଗତ ୨୪ ତାରିଖ ଦିନ ଦିବାକର ମାଝୀ ଓରଫ ଜୟସିଂଙ୍କ ପୁଅ ନାରେନ ନିଖୋଜ ହୋଇଥିବା ସଂକ୍ରାନ୍ତିୟ ରିପୋର୍ଟ କୁଚିଣ୍ଡା ଥାନାରେ ଦାଖଲ କରି ମଧ୍ୟ ମୃତ ଦେହ ପାଇନଥିବାରୁ ସାମାଜିକ ନୀତି ତଥା ଶୁଦ୍ଧିକ୍ରିୟା କରି ପାରିନାହାନ୍ତି । ନିଖୋଜ ରିପୋର୍ଟ ପାଇ ମଧ୍ୟ ପୋଲିସ ଏ ନେଇ କୌଣସି ତତ୍ପରତା ପ୍ରକାଶ କରୁନଥିବା ଜୟସିଂ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଯେ ସଇଡା ଗ୍ରାମର ନାରେନ ମାଝୀ ଗତ ସେପ୍ଟେମ୍ବର ୨୦ ତାରିଖ ସକାଳେ ଏକ ନାଲି ରଙ୍ଗର ଟି ସାର୍ଟ ପିନ୍ଧି ବାହାରି ଘରକୁ ସନ୍ଧ୍ୟା ପର୍ଯ୍ୟନ୍ତ ଫେରିନଥିଲେ । ରାତି ସାରା ଏବଂ ୨୧ ତାରିଖ ସକାଳେ ପରିବାର ବର୍ଗ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରୁଥିବା ବେଳେ, ବୁଦୁଲାପାଲି ଗ୍ରାମର କିଛି ଲୋକ ଏକ ଶବ ନଦୀରୁ ଉଦ୍ଧାର କରିଥିବା ଖବର ପାଇ ସେଠାକୁ ଯାଇଥିଲେ । ଏକ ନାଲି ଟି ସାର୍ଟ ପିନ୍ଧିଥିବା ଯୁବକର ଶବ ଉଦ୍ଧାର କରିଥିବା ଗ୍ରାମବାସୀ କୁଚିଣ୍ଡା ଥାନାକୁ ଜଣାଇଥିଲେ ମଧ୍ୟ ଦୀର୍ଘ ସମୟ ଧରି ପୋଲିସ ବୁଦୁଲାପାଲି ନପହଞ୍ଚିବାରୁ ନିଜ ଉପରେ ଆଞ୍ଚ ଆସିବା ସନ୍ଦେହ କରି ଲୋକେ ପୁଣି ଏହି ଶବକୁ ନଦୀରେ ଭସାଇ ଦେଇଥିଲେ । ନାରେନଙ୍କ ପରିବାର ଖବର ପାଇ ବୁଦୁଲାପାଲି ପହଞ୍ଚି ଗ୍ରାମବାସୀଙ୍କ ଠାରୁ ଶବର ଫଟୋ (ମୋବାଇଲରେ ଉଠାଯାଇଥିବା) ଦେଖି ଏହା ନାରେନଙ୍କ ବୋଲି ଚିହ୍ନଟ କରି କୁଚିଣ୍ଡା ଥାନାରେ ଜଣାଇଥିଲେ । ଏହା ପରେ ଭେଡେନ ନଦୀ ପଠାରେ ଥିବା ଖେରୁଆଲ ପର୍ଯ୍ୟନ୍ତ ସମସ୍ତ ଗ୍ରାମରେ ଖୋଜ ଖବର ନେଇଥିଲେ ବି ପରିବାର ଲୋକ ନାରେନଙ୍କ ମୃତ ଦେହକୁ ପାଇନଥିଲେ । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଏବଂ କେହି ତାଙ୍କୁ ହତ୍ୟା କରି ଭେଡେନ ନଦୀରେ ଫିଙ୍ଗି ଦେଇଥିବା ପରିବାର ଲୋକ ସନ୍ଦେହ କରୁଛନ୍ତି । ନିଖୋଜ ରିପୋର୍ଟରେ ଦୀର୍ଘ ଦିନ ବିତି ଯାଇଥିଲେ ବି ପୋଲିସ ଏହା ଉପରେ ସାମାନ୍ୟତମ ଆନ୍ତରିକତା ପ୍ରକାଶ କରୁନଥିବା ଜୟସିଂ ଅଭିଯୋଗ କରନ୍ତି ।

ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ଭାଜପା ସାଙ୍ଗଠନିକ ବୈଠକ

ଲୋକସଭା କ୍ଷେତ୍ରରେ ସମସ୍ତ ୧୬୧୦ ବୁଥରେ ସଂଗଠନକୁ ଆହୁରି ସୁଦୃଢ଼ କରାଯିବ

ଅନୁଗୋଳ, ୧୦/୧୦(ଶ୍ରୁ.ମି.) : ୨୦୧୭ ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ୧୬୧୦ ଭୋଟ ଗ୍ରହଣ କେନ୍ଦ୍ର (ବୁଥ)ରେ ସଂଗଠନକୁ ଆହୁରି ସୁଦୃଢ଼ କରାଯିବା ସକାଶେ ଆଜି ଅନୁଗୋଳଠାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ସ୍ଥିର କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ନିଷ୍ପତ୍ତି ଅନୁଯାୟୀ ସମସ୍ତ ୪୮ଟି ମଣ୍ଡଳରେ ସ୍ଥାନୀୟ ସମସ୍ୟାକୁ ନେଇ ଆସନ୍ତା ୧୨ ତାରିଖଠାରୁ ୧୮ ତାରିଖ ମଧ୍ୟରେ ବ୍ୟାପକ ଗଣ ଆନ୍ଦୋଳନ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁଯାୟୀ ‘ବୁଥ’ କର୍ମକର୍ତ୍ତାମାନଙ୍କର ବୈଠକ କରାଯିବ । ପ୍ରତ୍ୟେଖ ବୈଠକରେ ପର୍ଯ୍ୟବେକ୍ଷକ ଭାବେ ରାଷ୍ଟ୍ରୀୟ ସଂପାଦକ ସୁରେଶ ପୂଜାରୀ ଏବଂ ପ୍ରାକ୍ତନ ସାଂସଦ (ରାଜ୍ୟସଭା) ରୁଦ୍ର ନାରାୟଣ ପାଣି ଉପସ୍ଥିତ ରହିବେ । ପରେ ଓଡ଼ିଶା ପ୍ରଭାରୀ ତଥା ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ଅରୁଣ ସିଂହଙ୍କର ଗସ୍ତ ହେବ । ଆଜିର ବୈଠକରେ ଶ୍ରୀ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶାରଦା ପ୍ରସାଦ ଶତପଥି, ରାଜ୍ୟ ସଂପାଦକ କାଳନ୍ଦୀ ଚରଣ ସାମଲ, ଓବିସି ମୋର୍ଚ୍ଚା ସଭାପତି ପ୍ରାକ୍ତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର,ରାଜ୍ୟ ସଂପାଦିକା ଲେଖା ଶ୍ରୀ ସାମନ୍ତସିଂହାର, ପ୍ରାକ୍ତନ ସାଂସଦ (ରାଜ୍ୟ ସଭା) ରୁଦ୍ରନାରାୟଣ ପାଣି, ଢେଙ୍କାନାଳ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ, ଅନୁଗୋଳ ଜିଲା ସଭାପତି ଭାଗୀରଥି ପ୍ରଧାନ, ପ୍ରାକ୍ତନ ସଭାପତି ଅଶୋକ ମହାନ୍ତି ଓ ମୀନକେତନ ଅମାନ୍ତ, ପ୍ରାକ୍ତନ ବିଧାୟକ ପ୍ରସନ୍ନ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ମଣ୍ଡଳସ୍ତରୀୟ ଆନ୍ଦୋଳନର ରୂପରେଖ ବିଷୟରେ ରାଜ୍ୟ ସଂପାଦକ ଶ୍ରୀ ସାମଲ ବିଷଦ ଆଲୋଚନା କରିଥିବା ବେଳେ ସଂଗଠନ ସଂପାଦକ ଶ୍ରୀ ଶତପଥି ବୁଥ ସଭାପତି ଓ ପ୍ରଭାରୀଙ୍କ ସମେତ ଟିମ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ରାଜ୍ୟ ସଂପାଦିକା ଶ୍ରୀମତୀ ସାମନ୍ତସିଂହାର ସୋସିଆଲ ମିଡ଼ିଆ ଏବଂ ଆଇଟିର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ । ଅନୁଗୋଳ ଜିଲା ସଭାପତି ଭାଗିରଥି ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରାକ୍ତନ ସାଂସଦ ଶ୍ରୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ହାତୀ ଉପଦ୍ରବର ଉଦ୍‌ବେଗ ପ୍ରକାଶ କରାଯିବା ସଙ୍ଗେ ସଙ୍ଗେ ବିଦ୍ୟୁତ୍‌କାଟ ପାଇଁ କାମାକ୍ଷାନଗରର ବିଧାୟକ ବିଦ୍ୟୁତ୍ ମନ୍ତ୍ରୀଙ୍କୁ ତୀବ୍ର ନିନ୍ଦା କରାଯାଇଥିଲା । ବ୍ଲକ୍, ତହସିଲ ସମେତ ବିଭିନ୍ନ କାର୍ଯ୍ୟାଳୟମାନଙ୍କରେ ହେଉଥିବା ଦୁର୍ନୀତି ପ୍ରସଙ୍ଗକୁ ଆଗାମୀ ଆନ୍ଦୋଳନକୁ ତୀବ୍ର କରାଯିବ । ଚଳିତ ବର୍ଷ ଉଭୟ ଜିଲାରେ ହୋଇଥିବା କୃଷକ ଆତ୍ମହତ୍ୟା ଦୃଷ୍ଟିରୁ ମଧ୍ୟ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରାଯାଇଥିଲା । ଏହି ବିଶାଳ ବୈଠକରେ କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରାମଚନ୍ଦ୍ର ପାତ୍ର, ରାଜ୍ୟକାରିଣୀ ସଦସ୍ୟ ନରେଶ ଚନ୍ଦ୍ର ମହାପାତ୍ର, ସୁନୀଲ ଶର୍ମା, ପ୍ରକାଶ ମଙ୍ଗରାଜ, ପାଲଲହଡ଼ା ବ୍ଲକ୍ ଚେୟାରମ୍ୟାନ ମୁକେଶ ପାଳ, ତାଳଚେର ଚେୟାରମ୍ୟାନ ବୃନ୍ଦାବନ ବେହେରା, କଣିହାଁ ଅଧକ୍ଷା ନମିତା ସାହୁ, ଢେଙ୍କାନାଳ ପୌରପାଳ ସୁଧାଂଶୁ ଶେଖର ଦଳେଇ, ସମସ୍ତ ୨୦ ଜଣ ଜିଲା ପରିଷଦ ସଦସ୍ୟା ଓ ସଦସ୍ୟ, ଜିଲା ପଦାଧିକାରୀ, ଜାତୀୟ ପରିଷଦ ସଦସ୍ୟ ପବିତ୍ର କୁମାର ବିଶ୍ୱାଳ, ସମସ୍ତ ବିସ୍ତାରକ, ସମସ୍ତ ରାଜ୍ୟପରିଷଦ ସଦସ୍ୟ, ହିନ୍ଦୋଳର ନେତା ଲକ୍ଷ୍ମୀଧର ବେହେରା, ପ୍ରତାପ ପ୍ରଧାନ, ସତ୍ୟବ୍ରତ ସ୍ୱାଇଁ, ନମିତା ଦଳବେହେରା, ସୁଷମା ବେହେରଙ୍କ ସମେତ ୨୩୦ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ପୌରାଞ୍ଚଳରେ ବିଜୁ ଜନତା ଦଳରେ କଂଗ୍ରେସ ଦଳର ଶତାଧିକ ଯୁବକର୍ମୀଙ୍କର ଯୋଗଦାନ

ଅନୁଗୋଳ, ୧୦/୧୦(ଶ୍ରୁ.ମି.) : ରିଖ ଦିବା ଘ୧୧ଟିକା ସମୟରେ ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟାଳୟ ଠାରେ ଜିଲ୍ଲା ସଭାପତି ତଥା ଅନୁଗୋଳ ବିଧାୟକ ଶ୍ରୀ ରଜନୀକାନ୍ତ ସିଂହଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଅନୁଗୋଳ ପୌରପରିଷଦର ୱାର୍ଡ ନଂ. ୬ ମଙ୍ଗଳା ସାହିର ଶତାଧିକ ଯୁବକର୍ମୀ ବି.ଜେ.ଡ଼ି.ରେ ଯୋଗ ଦେଇଥିଲେ । ଉକ୍ତ ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀଯୁକ୍ତ ସିଂହ ନୂତନ ଭାବେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଥିଲେ । ସମସ୍ତେ ମିଳିମିଶି କାମକଲେ ଆସନ୍ତା ପୌର ନିର୍ବାଚନରେ ବି.ଜେ.ଡ଼ି. ର ବିଜୟ ଲାଭ ହେବ । ଉକ୍ତ ଉତ୍ସବରେ ରଜ୍ୟ ଯୁବ ସାଧାରଣ ସଂପାଦକ ସୁଜିତ୍ ପ୍ରସାଦ ଦ୍ୱିବେଦୀ, ନଗର ସଭାପତି ମହେନ୍ଦ୍ର ବସ୍ତିଆ, ଯୁବ ନଗର ସଭାପତି ବିଶ୍ୱରଞ୍ଜନ ସାହୁ, ପୂର୍ବତନ ଯୁବ ସଭାପତି ତପନ୍ ତ୍ରିପାଠୀ, ଅଜିତ୍ ଦ୍ୱିବେଦୀ, ୱାର୍ଡ ନଂ.୬ ମଙ୍ଗଳା ସାହିର ଯୁବନେତା ରଞ୍ଜିତ୍ ମୁଖୀ, ବାବୁଲା ମୁଖୀ, ଅମିତ୍ ମୁଖୀ, ପିଣ୍ଟୁ ମୁଖୀ, ସନ୍ତୋଷ ମୁଖୀ, ଲକ୍ଷ୍ମଣ ମୁଖୀ, ବିମଲ ମୁଖୀ, ଚନ୍ଦନ ମୁଖୀ, ଶିବ ମୁଖୀ, ଦେବ ମୁଖୀ, ବେବାଶିଷ ମୁଖୀ, ଲଳିତ୍ ମୁଖୀ, ପ୍ରଶାନ୍ତ ମୁଖୀ, ଆକାଶ ମୁଖୀ, ଛବି ମୁଖୀ, ପ୍ରସନ୍ନ ମୁଖୀ, ବିଜୁ ମୁଖୀ, ଶୁସିଲ୍ ମୁଖୀ, ସବ୍ୟସାଚୀ ମୁଖୀ, ସତ୍ୟ ମୁଖୀ, ବିକି ମୁଖୀ, ବିକାଶ ମୁଖୀ, ବାପି ମୁଖୀ, ମୁକେଶ ମୁଖୀ, ରାହୁଲ ମୁଖୀ ଓ ଶତାଧିକ ଯୁବକର୍ମୀ ଓ ନେତା ଉପସ୍ଥିତ ଥିଲେ ।

୧୪୦ତମ ଜୟନ୍ତୀ ଉପଲକ୍ଷେ ଉତ୍କଳମଣି ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

ଅନୁଗୋଳ, ୧୦/୧୦(ଶ୍ରୁ.ମି.) : ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୦ତମ ଜୟନ୍ତୀ ଉପଲକ୍ଷେ ଗଣତାନ୍ତ୍ରିକ ଛାତ୍ର ସଂଗଠନ ଡି.ଏସ୍.ଓ, ଯୁବ ସଂଗଠନ ଡି.ୱାଇ.ଓ ଏବଂ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ମିଳିତ ଭାବେ ଅନୁଗୁଳ ସହର ମଧ୍ୟସ୍ଥ ଗୋପବନ୍ଧୁ ପାର୍କରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ମହିଳା ସାଂସ୍କୃତିକ ସଂଗଠନର ଜିଲ୍ଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ଗୋପବନ୍ଧୁଙ୍କ ପ୍ରତିକୃତିରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପ୍ରଧାନ, ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ଡି.ୱାଇ.ଓ ଆଞ୍ଚଳିକ କମିଟି ସମ୍ପାଦକ ନିରଞ୍ଜନ ନାୟକ, ଡି.ଏସ୍.ଓ ଜିଲ୍ଲା ସଭାପତି ପରମାନନ୍ଦ ସାହୁ, ସମ୍ପାଦିକା ଦେବଯାନୀ ଦେହୁରୀ, ଡି.ଏସ୍.ଓ ଆଞ୍ଚଳିକ କମିଟି ସଭାପତି ବନିତା ସ୍ୱାଇଁ, ସମ୍ପାଦକ ନାରାୟଣ ନାୟକ, ନିରୁପମା ନାୟକ, ପମିତା ସାହୁ, ଜଗବନ୍ଧୁ ଦେହୁରୀ, ଦିଲ୍ଲୀପ ଦେଓ, ସଞ୍ଜୟ ସାହୁ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ । ଗୋପବନ୍ଧୁଙ୍କ ଉପରେ ରଚିତ ସଙ୍ଗୀତ ଗାନ ପରେ ବକ୍ତାମାନେ ଉତ୍କଳମଣି ଗୋପବନ୍ଧୁଙ୍କର ଜନସାଧାରଣଙ୍କ ପ୍ରତି ଥିବା ଅଶେଷ ଭଲପାଇବା, ତ୍ୟାଗ, କର୍ତ୍ତବ୍ୟବୋଧ ସମ୍ପର୍କରେ ଆଲୋଚନା କରିଥିଲେ । ତାଙ୍କ ଜୀବନରୁ ଶିକ୍ଷାନେଇ ଏକ ନୂତନ ସମାଜ ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାର ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ଦୁର୍ଦ୍ଦିନ ସମୟରେ ଜନସାଧାରଣଙ୍କୁ ସମସ୍ତ ପ୍ରକାର ସହାୟତାର ହାତ ବଢ଼ାଇବାକୁ ଆହ୍ୱାନ କରିଥିଲେ ।

ଅନୁଗୁଳ ସରକାରୀ ମହାବିଦ୍ୟାଳୟରେ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ

ଅନୁଗୋଳ- ୦୯/୧୦/୨୦୧୭ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଅନୁଗୁଳ କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଛାତ୍ରନେତା ଜଗବନ୍ଧୁ ଦେହୁରୀଙ୍କ ସଭାପତିତ୍ୱରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର କର, ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନେ ଗୋପବନ୍ଧୁ ଦାସଙ୍କ ପ୍ରତିକୃତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ସଭାରେ ପମିତା ସାହୁ, ସେଖ୍ ସାହାରୁଖ, ମୋହନ ଚନ୍ଦ୍ର ନାଏକ ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ।

ମଙ୍ଗରାଜପୁରରେ ଦୁଇବଖରା ଘର ଜଳିଗଲା

ରାଜନଗର,୧୦।୧୦; ରାଜନଗର ବ୍ଲକ ମହିଁଷାସୁର ପଚାଂୟତ ମଙ୍ଗରାଜପୁର ଗାଁରେ ଅଗ୍ନିକାଣ୍ଡ ଘଟି ଦୁଇବଖରା ଘର ପୋଡି ପାଉଁଶ ହୋଇଯାଇଛି । ଏହି ଗାଁର ବାବାଜୀ ଦାସଙ୍କ ଘରେ ଦିଆଯାଇଥିବା ଝୁଣା ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଇଉଛି । ବିଳମ୍ବିତ ରାତ୍ରିରେ ଅଗ୍ନାକାଣ୍ଡ ଘଟିଥିବାରୁ ଘରର କୌଣସି ଆସବାବପତ୍ର ଉଦ୍ଧାର କରାଯାଇପାରିନାହିଁ । ବିପନ୍ନ ପରିବାର ପଡୋଶୀ ଘରେ ଆଶ୍ରୟ ନେଇଛନ୍ତି । ଏହି ପରିବାରଙ୍କୁ ସରକାରୀ ଓ ବେସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀମାନେ ନିବେଦନ କରିଛନ୍ତି ।

ଜୀବନ ଜୀବିକା ଓ କୃଷିଜମି ସୁରକ୍ଷା କମିଟି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ଅନୁଗୁଳ, ୧୦/୧୦(ଶ୍ରୁ.ମି.) : ମହାନ୍ ମାନବତାବାଦୀ ନେତା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୦ତମ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ଜଏରାଟ ଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । କମିଟିର ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କମିଟିର ସମ୍ପାଦକ ଅନନ୍ତଚରଣ ପ୍ରଧାନ, ରମଣୀରଞ୍ଜନ ପ୍ରଧାନ, ତୀର୍ଥବାସୀ ଭୋଇ, ପିତାମ୍ବର ପ୍ରଧାନ, ଚେରୁ ପ୍ରଧାନ, ଦୁର୍ଯ୍ୟୋଧନ ସାହୁ, କିଶୋର ଚନ୍ଦ୍ର ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଯୋଗେଶ୍ୱର ପ୍ରଧାନ, ବୀରବର ସାହୁ, ରବିନାରାୟଣ ବାରିକ, ଦେବେନ୍ଦ୍ର ସାହୁ, ଗୌରଚନ୍ଦ୍ର ସାହୁ, ରଣଜିତ୍‌ଲାଲ୍ ପ୍ରଧାନ ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମହାନ୍ ଦେଶପ୍ରେମ, ତ୍ୟାଗ, ସମାଜସେବା ସମ୍ପର୍କରେ ଆଲୋଚନା କରିଥିଲେ । ବନ୍ୟା, ବାତ୍ୟା, ମରୁଡିର ସ୍ଥାୟୀ ପ୍ରତିକାର ପାଇଁ ଉତ୍କଳମଣି ଗୋପବନ୍ଧୁ ଦାସ ଆଜୀବନ ସଂଗ୍ରାମ କରିଥିଲେ ।

ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରରେ ଗୋପବନ୍ଧୁ ଜୟନ୍ତୀ

ରାଜନଗର, ୧୦।୧୦(ଶ୍ରୁ.ମି.) : ରାଜନଗର ବ୍ଲକ ଭିତରଗଡଠାରେ ଥିବା ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରରେ ଉତ୍କଳମଣିଙ୍କ ୧୪୦ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ମହେନ୍ଦ୍ରକୁମାର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଶୁଭେନ୍ଦୁ ନାରାୟଣ ଦାସ, ପ୍ରୀତିଛନ୍ଦା ରାଉତରାୟ, ପ୍ରଦୀପ ମିଶ୍ର, ପ୍ରଜ୍ଞାସ୍ମିତା ବେହୁରା, ଝରଣା ଦାସ, ରୀତାରାଣୀ ରାଉତ, ରୋଜାଲୀନି ନାୟକ ପ୍ରମୁଖ ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ । ଆରମ୍ଭରେ ଉତ୍କଳମଣିଙ୍କ ପ୍ରତିକୃତିରେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟତ୍ରୀ ଉପସ୍ଥିତ ଅଭିଭାବକ ମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ନୂତନ ବସଷ୍ଟାଣ୍ଡରେ ବସଚଳାଚଳ ପୁନଃଆରମ୍ଭ



କେସିଙ୍ଗା, ୧୦/୧୦(ଶ୍ରୁ.ମି.) : କେସିଙ୍ଗା ଏନ.ଏ.ସି ଦ୍ୱାରା ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ କାର୍ଯ୍ୟ କରିବା ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ଗତ ୧୫.୯.୧୭ରେ ଏକ ବୈଠକ ଡାକାଇ ସଂଘ, କଳାହାଣ୍ଡିଙ୍କ ସହଯୋଗ ଦ୍ୱାରା ସୋମବାର ପ୍ରାତଃ ୫ ଘଣ୍ଟା ଠାରୁ ବସ ଷ୍ଟାଣ୍ଡ ମଧ ଦେଇ ବସ୍ ଚଳାଚଳା ପୁନଃ ଆରମ୍ଭ ହୋଇ ଅଛି । କେସିଙ୍ଗା ଅଞ୍ଚଳର ବସ ଉପରେ ନିର୍ଭର କରୁଥିବା ଯାତ୍ରୀ ମାନଙ୍କ ପାଇଁ ବିଶେଷ ଉପକୃତ ହେବାର ସୁଯୋଗ ଥିବାରୁ ଅଞ୍ଚଳ ବାସୀ ଜିଲ୍ଲା ପ୍ରଶାସନ ଓ ଏନ.ଏ.ସି କର୍ତ୍ତୃପକ୍ଷଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଆଗାମୀ ଦିନରେ ଏହି ଜନମଙ୍ଗଳ କାର୍ଯ୍ୟ ଚାଲୁରଖିବା ପାଇଁ ଉଦ୍ୟମର ଆବଶ୍ୟକତା ରହିଛି । ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ କଳାହାଣ୍ଡି ଦୀନବନ୍ଧୁ ଶୁଣ୍ଠି, ଟ୍ରାଫିକ ଇନିସପେକ୍ଟର ସମରେନ୍ଦ୍ର ମହାପାତ୍ର, ଏନ.ଏ.ସି ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ପ୍ରମୁଖ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପରିଚାଳନା କରିଥିଲେ । ବସ ପରିଚାଳନା ଯାତାୟତ ପାଇଁ କେରିଙ୍ଗା ଘରୋଇ ବସ ମାଲିକ ସଂଘର ସଭାପତି ହିମାଂଶୁସେଖର ଦାସ ଏବଂ ଥାନା ଅଧିକାରୀ ବାସୁଦେବ ଛତ୍ରିଆ ସହଯୋଗ କରିଥିଲେ । ଖବର ଲେଖା ପର୍ଯ୍ୟନ୍ତ ଏହି ବସଷ୍ଟାଣ୍ଡ ମଧ ଦେଇ ୪ ଗୋଟି ସରକାରୀ ଓ ବେସରକାରୀ ବସଚଳା କରିଥିଲା । ଏହି ବସଷ୍ଟାଣ୍ଡରେ ଏକ କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇଥିବା ଜଣାଯାଏ ।

ବଦଳିଲେ କଟକ ଭିଜିଲାନସ ଏସପି

ହଟିଲେ ରବୀନ୍ଦ୍ର, ଆସିଲେ ଶଶିଭୂଷଣ

କଟକ, ୧୦/୧୦(ଶ୍ରୁ.ମି.) : ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟରେ କାର୍ଯ୍ୟରତ ଅଫିସର ସ୍ତରରେ ଏକ ଛୋଟଧରଣ ର ଅଦଳବଦଳ କରାଯାଇଛି । ମିଳିଥିବା ଖବର ଅନୁସାରେ କଟକ ଭିଜିଲାନସ ଡିଭିଜନ ଇନଚାର୍ଜ ଏସପି ଭାବରେ କାର୍ଯ୍ୟରତ ଅତିରିକ୍ତ ଏସପି ରବୀନ୍ଦ୍ର କୁମାର ସୁଆର ଙ୍କୁ ଅତିରିକ୍ତ ଏସପି(ପ୍ରୋସିକ୍ୟୁସନ) ପଦକୁ ବଦଳି କରାଯାଇଥିବା ବେଳେ କୋରାପୁଟ ଭିଜିଲାନସ ଡିଭିଜନ ଇନଚାର୍ଜ ଏସପି ପଦରେ କାର୍ଯ୍ୟରତ ଥିବା ୧୯୮୨ ବ୍ୟାଚ ର ଶଶିଭୂଷଣ ମିଶ୍ର ଙ୍କୁ କଟକ ଭିଜିଲାନସ ଡିଭିଜନ ଇନଚାର୍ଜ ଏସପି ଭାବରେ ନିଯୁକ୍ତି ଯାଇଛି । ଶ୍ରୀ ମିଶ୍ର ପ୍ରାୟ ଦେଢ ବର୍ଷ ପୂର୍ବେ କଟକ ଭିଜିଲାନସ ସେଲ ଇନଚାର୍ଜ ଏସପି ପଦରୁ ବଦଳି ହୋଇ କୋରାପୁଟ ଭିଜିଲାନସ ଡିଭିଜନ ର ଇନଚାର୍ଜ ଏସପି ଭାବରେ ଅଦ୍ୟାବଧି କାର୍ଯ୍ୟ କରିଆସୁଛନ୍ତି । ସେହିପରି ନିକଟରେ ଗଜପତି ଜିଲ୍ଲା ଇନଚାର୍ଜ ଏସପି ଭାବରେ ନିଯୁକ୍ତ ହୋଇଥିବା ବ୍ରହ୍ମପୁର ଭିଜିଲାନସ ଡିଭିଜନ ର ଇନଚାର୍ଜ ଏସପି ଅମୂଲ୍ୟ କୁମାର ଦାସ ଙ୍କୁ ତୁରନ୍ତ ରିଲିଭ କରିବା ପାଇଁ ଭିଜିଲାନସ ଡାଇରେକ୍ଟୋରେଟ ରେ ଥିବା ଅତିରିକ୍ତ ଏସପି ମାୟାଧର ସ୍ୱାଇଁ ଙ୍କୁ ବ୍ରହ୍ମପୁର ଭିଜିଲାନସ ଡିଭିଜନ ର ଇନଚାର୍ଜ ଏସପି ପଦରେ ନିଯୁକ୍ତି ଦିଆଯାଇଛି । ଶ୍ରୀ ସ୍ୱାଇଁ ଆସନ୍ତାକାଲି ତାଙ୍କର ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ଗଜପତି ଜିଲ୍ଲା ର ଇନଚାର୍ଜ ଏସପି ପଦଭାର ଗ୍ରହଣ କରିବା ନିମନ୍ତେ ଶ୍ରୀ ଦାସ ସେଠାରୁ ରିଲିଭ ହେବେ । ସମ୍ବଲପୁର ଭିଜିଲାନସ ଡିଭିଜନ ରେ ଥିବା ଅତିରିକ୍ତ ଏସପି ହରେକୃଷ୍ଣ ବେହେରା ଙ୍କୁ କୋରାପୁଟ ଭିଜିଲାନସ ଡିଭିଜନ ର ଇନଚାର୍ଜ ଏସପି ଭାବରେ ନିଯୁକ୍ତି ଦିଆଯାଇଛି । ବ୍ରହ୍ମପୁର ଭିଜିଲାନସ ଡିଭିଜନ ରେ ଥିବା ଅତିରିକ୍ତ ଏସପି ଶାନ୍ତନୁ କୁମାର ଦାସ ଙ୍କୁ ଭିଜିଲାନସ ଡାଇରେକ୍ଟୋରେଟ କୁ ବଦଳି କରାଯାଇଛି । ସେହିପରି ଭିଜିଲାନସ ଡାଇରେକ୍ଟୋରେଟ ର କୋଅର୍ଡିନେସନ ବିଭାଗରେ ଥିବା ଡିଏସପି ରଂଜନ କୁମାର ଦାସ ଙ୍କୁ ଡିଏସପି(ଲିଙ୍କ୍-ଏନ୍) ପଦକୁ ବଦଳି କରାଯାଇଥିବା ବେଳେ ନିକଟରେ ଅତିରିକ୍ତ ଏସପି ପାହ୍ୟା କୁ ପଦୋନ୍ନତି ପାଇଥିବା ନବରଙ୍ଗପୁର ଭିଜିଲାନସ ୟୁନିଟ ର ଡିଏସପି ପ୍ରଶାନ୍ତ କୁମାର ଦ୍ୱିବେଦୀ ଙ୍କୁ ସମ୍ବଲପୁର ଭିଜିଲାନସ ଡିଭିଜନ ରେ ଅତିକ୍ତ ଏସପି ପଦରେ ନିଯୁକ୍ତି ଦିଆଯାଇଛି । ଅନୁରୂପଭାବରେ ନିକଟରେ ପଦୋନ୍ନତି ପାଇଥିବା ଭିଜିଲାନସ ଡାଇରେକ୍ଟୋରେଟ ଡିଏସପି ଅଶ୍ୱିନୀ କୁମାରୀ ପଟ୍ଟନାୟକ ଙ୍କୁ ଅତିରିକ୍ତ ଏସପି(ଲିଙ୍କ୍-ଏନ) ପଦରେ ନିଯୁକ୍ତି ଦିଆଯାଇଛି । ତେବେ ଏହି ଅକ୍ଟୋବର ମାସ ଶେଷରେ ଭୁବନେଶ୍ୱର ଭିଜିଲାନସ ଡିଭିଜନ ରେ କାର୍ଯ୍ୟରତ ଅତିରିକ୍ତ ଏସପି ଯୁଧିଷ୍ଠିର ମଲ୍ଲିକ ଅବସର ଗ୍ରହଣ କରିବାକୁ ଥିବାରୁ ତାପରେ ପୁଣି ଜଣେ ଅତିରିକ୍ତ ଏସପି ସେହି ଡିଭିଜନ ରେ ନିଯୁକ୍ତି ପାଇବେ ବୋଲି ଅନୁମାନ କରାଯାଉଛି । ସୂଚନାଯୋଗ୍ୟ ଯେ ରେଳବାଇ ଆଇଜି ଅଫିସରେ କାର୍ଯ୍ୟରତ ଅତିରିକ୍ତ ଏସପି ଅନିଲ କୁମାର ପାତ୍ର ଙ୍କୁ ଭିଜିଲାନସ ଡାଇରେକ୍ଟୋରେଟ କୁ ବଦଳି କରାଯାଇଥିଲେ ହେଁ ସେ ଅଦ୍ୟାବଧି ତାଙ୍କର ନୂତନ ସ୍ଥାନରେ ଯୋଗ ଦେଇନାହାନ୍ତି ।

ଏସସିବି ଡାକ୍ତରୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା

ପୀଡିତାଙ୍କ ବୟାନ ରେକର୍ଡ ; ବିଭାଗୀୟ ମୁଖ୍ୟଙ୍କ ଖଣ୍ଡନ

କଟକ, ୧୦/୧୦(ଶ୍ରୁ.ମି.) : ଏସସିବି ମେଡିକାଲ କଲେଜ ଦନ୍ତ ବିଭାଗ ଜନୈକା ପିଜି ଛାତ୍ରୀଙ୍କୁ ଯୌନ ନିର୍ଯାତନା ହୋଇଥିବା ଘଟଣାରେ ଆଜି ମଙ୍ଗଳାବାଗ ଥାନା ଅଧିକାରୀ ଅରୁଣ କୁମାର ସ୍ୱାଇଁ ମହିଳା ଇନ୍ସପେକ୍ଟରଙ୍କ ସହାୟତାରେ ଛାତ୍ରାବାସରେ ପହଂଚି ସିଆରପିସି ୧୬୧ରେ ପୀଡିତାଙ୍କ ବୟାନ ରେକର୍ଡ କରିଛନ୍ତି । ତେବେ ସଂପୃକ୍ତ ଛାତ୍ରୀ ଡାକ୍ତରୀ ମାଇନା ପାଇଁ ରାଜି ହୋଇନଥିବା ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି । ଆସନ୍ତା କାଲି ସିଆରପିସି ୪୧ ଅନୁଯାୟୀ ଅଭିଯୁକ୍ତମାନଙ୍କୁ ନୋଟିସ କରାଯିବ ବୋଲି ମଧ ସେ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯେ, ଏସସିବିର ଡେଣ୍ଟାଲ ପିଜି ବିଭାଗର ୨ୟ ବର୍ଷରେ ପଢୁଥିବା ଉତ୍ତରାଖଣ୍ଡ ଅଂଚଳର ଜନୈକା ଛାତ୍ରୀ ବିଭାଗୀୟ ମୁଖ୍ୟ ଡାକ୍ତର ଇନ୍ଦୁଭୁଷଣ କର, ଆସୋସିଏଟ ପ୍ରଫେସର ଡାକ୍ତର ନିରଂଜନ ମିଶ୍ର ଓ ସିନିୟର ରେସିଡେଣ୍ଟ ଡାକ୍ତର କ୍ରିଷ୍ଣଗୋପାଲ ବିର୍ମିଓ୍ୱାଲଙ୍କ ବିରୋଧରେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଥିଲେ । ବିଭାଗୀୟ ମୁଖ୍ୟ ତାଙ୍କୁ ଦୁର୍ବ୍ୟବହାର କରିଥିବା ବେଳେ ଆସୋସିଏଟ ପ୍ରଫେସର ଓ ସିନିୟର ରେସିଡେଣ୍ଟ ଡାକ୍ତର ତାଙ୍କୁ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନା ଦେଇଥିବା ସଂପର୍କରେ ଛାତ୍ରୀଜଣକ ଅଭିଯୋଗ କରିଥିଲେ । ମଙ୍ଗଳାବାଗ ଥାନାରେ ଆଇପିସି ୩୫୪, ୩୫୪(କ), ୨୯୪, ୩୨୩, ୫୦୬ ଓ ୩୪ରେ ଏକ ମାମଲା ରୁଜୁ କରାଯାଇଥିଲା । ସଂପୃକ୍ତ ଛାତ୍ରୀ ପ୍ରଥମେ ଯୌନ ନିର୍ଯାତନା ସଂପର୍କରେ ବିଭାଗୀୟ ମୁଖ୍ୟଙ୍କୁ ଜଣାଇ ଦୁର୍ବ୍ୟବହାରର ଶିକାର ହେବା ପରେ ଏସସିବି ଅଧକ୍ଷ ଡାକ୍ତର ସିଦ୍ଧାର୍ଥ ଦାସଙ୍କୁ ମଧ ଜଣାଇ କୌଣସି ସୁଫଳ ନପାଇବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ । ପ୍ରକାଶ ଯେ, ୨୦୧୪ ଜୁନ ୧୮ରେ ପାଥୋଲୋଜି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ର ଏବଂ ଫେବୃଆରୀ ୨୦୧୬ରେ ଆନାସ୍ଥେସିଆ ପ୍ରଫେସର ଡାକ୍ତର ଲକ୍ଷ୍ମୀକାନ୍ତ ଦାସଙ୍କ ବିରୋଧରେ ମଧ ଯୌନ ଅଭିଯୋଗ ଆସିଥିଲା । ଅନ୍ୟ ପକ୍ଷରେ ଛାତ୍ରୀ ଙ୍କ ଅଭିଯୋଗ କୁ ବେଶ ସ୍ପଷ୍ଟ ସ୍ୱରରେ ଖଣ୍ଡନ କରିଛନ୍ତି ବିଭାଗୀୟ ମୁଖ୍ୟ ଡାକ୍ତର ଇନ୍ଦୁଭୂଷଣ କର । ତାଙ୍କ କହିବାନୁସାରେ ଛାତ୍ରୀ ଜଣକ ରାତ୍ରିକାଳୀନ ଏମର୍ଜେନସି ଡିଉଟି ରେ ଅବହେଳା କରୁଥିବାରୁ ତାଙ୍କୁ ତାଗିଦ କରାଯାଇଥିଲା । ଏଥିରେ ସେ ଉତକ୍ଷିପ୍ତ ହୋଇ ଏମିତି ମନଗଢା ଅଭିଯୋଗ କରିଥାଇ ପାରନ୍ତି । ତେବେ ମାମଲାର ତଦନ୍ତ ଆରମ୍ଭ ହୋଇଛି ଏବଂ ଖୁବଶିଘ୍ର ସତ୍ୟ ପଦାକୁ ଆସିବ । ଯିଏ ଦୋଷୀ ଜଣାପଡିବ ସେ ଦଣ୍ଡିତ ହେବା ଉଚିତ ବୋଲି କୁହାଯାଇଛି ।

କର୍କଟ କେନ୍ଦ୍ର ନିର୍ଦ୍ଦେଶକଙ୍କ ବିରୋଧରେ ଥାନାରେ ଏତଲା

କଟକ, ୧୦/୧୦(ଶ୍ରୁ.ମି.) : ଆଚାର୍ଯ୍ୟ ହରିହର କର୍କଟ ରୋଗ କେନ୍ଦ୍ରକୁ ନିରାମୟ ଯୋଜନାରେ ଆସୁଥିବା ମାଗଣା ଔଷଧ ମଧ୍ୟରୁ କେମୋଥେରାପିରେ ଲାଗୁଥିବା ଦୁଇଟି ନାମୀ ଇଂଜେକ୍ସନକୁ ରୋଗୀମାନଙ୍କୁ ବିକ୍ରି କରିବା ପାଇଁ ୨୦୧୭ ଜାନୁଆରୀ ୧୯ରେ କେନ୍ଦ୍ର ନିର୍ଦ୍ଦେଶକ ଡାକ୍ତର ଲଲାଟେନ୍ଦୁ ଷଡଙ୍ଗୀ ଏକ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ । ସେହିଦିନ ଠାରୁ ଏହି ମାଗଣା ଇଂଜେକ୍ସନକୁ ରୋଗୀମାନଙ୍କୁ ବିକ୍ରି କରାଯାଉଅଛି । ଏହି ବେଆଇନ ଘଟଣା ପ୍ରଘଟ ହେବା ପରେ କେନ୍ଦ୍ର ନିର୍ଦ୍ଦେଶକ ଗତ ସେପ୍ଟେମ୍ବର ଶେଷ ସପ୍ତାହରେ ଆଉ ଏକ ବିଜ୍ଞପ୍ତି ପ୍ରକାଶ କରି ନିରାମୟର ସମସ୍ତ ଔଷଧ ମାଗଣା ବିତରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ୧୯ ତାରିଖରେ ପ୍ରକାଶିତ ବିଜ୍ଞପ୍ତିକୁ ଏହାଦ୍ୱାରା ରଦ୍ଦ କରାଗଲା ବୋଲି ନୂତନ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ଏଥିରୁ ସ୍ପଷ୍ଟ ହେଉଛି ଯେ, ନିରାମୟ ଔଷଧକୁ ରୋଗୀମାନଙ୍କୁ ମାଗଣା ଦେବା ପାଇଁ ସରକାରଙ୍କର ନିର୍ଦ୍ଦେଶ ଥିବା ସତ୍ୱେ ଡାକ୍ତର ଷଡଙ୍ଗୀ ଚଂଚକତା କରି ମାଗଣା ଔଷଧକୁ ବିକ୍ରି କରି ଲକ୍ଷ ଲକ୍ଷ ଟଙ୍କା ଗରିବ ରୋଗୀଠାରୁ ଆଦାୟ କରୁଥିଲେ । ଏହିଭଳି ବେଆଇନ ଓ ଦୁର୍ନୀତିଖୋର କର୍କଟ କେନ୍ଦ୍ର ନିର୍ଦ୍ଦେଶକ ଡାକ୍ତର ଷଡଙ୍ଗୀଙ୍କୁ ତୁରନ୍ତ ଗିରଫ କରିବା ସହିତ ଫୌଜଦାରୀ ମକଦ୍ଦମା ରୁଜୁ କରିବାକୁ କଳିଙ୍ଗ ସେନା ପକ୍ଷରୁ ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଭାପତି ହେମନ୍ତ ରଥ, ସାଧାରଣ ସଂପାଦକ ହୃଷିକେଶ ସେନାପତି, ସଂପାଦକ ଜଗବନ୍ଧୁ ମହାନ୍ତି, ସବ୍ୟସାଚୀ ମହାପାତ୍ର, ଗୌରାଙ୍ଗ ପ୍ରଧାନ, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ମହିମାଙ୍କ ଜାମିନ ଆବେଦନ ଖାରଜ

କଟକ, ୧୦/୧୦ ମଧୁପାଟଣା ଥାନା ଅଂଚଳରେ ୨୦୧୩ ମସିହାରେ ହୋଇଥିବା ବୋମାମାଡ଼ ଘଟଣାରେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ଜାମିନ ଆବେଦନର ଶୁଣାଣି କରି କଟକ ଜିଲ୍ଲା ଓ ଦୌରାଜଜ୍ ଖାରଜ କରିଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଗତ ୨୬ ତାରିଖରେ ଏହି ମାମଲାରେ ଶ୍ରୀ ମିଶ୍ର କଟକ ଏସ.ଡି.ଜେ.ଏମ.ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ । ଏସ.ଡି.ଜେ.ଏମ. ଜାମିନ ଖାରଜ କରିବା ପରେ ମହିମା ମିଶ୍ର ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ ।

ନିର୍ବାଚନ କାର୍ଯ୍ୟରେ ନିୟୋଜିତ ତ୍ରିଲୋଚନ ପତିଙ୍କୁ ଅନୁକମ୍ପା ରାଶି ପ୍ରଦାନ

କଟକ, ୧୦/୧୦ ଗତ ପଞ୍ଚାୟତ ନିର୍ବାଚନରେ ନିୟୋଜିତ ହୋଇଥିବା ସମୟରେ ଜୟନ୍ତୀ ଦେବୀ ବିଦ୍ୟାପୀଠ, ମହେଶ୍ୱରପୁର(ବୟାଳିଶ ମୌଜା)ର ସହକାରୀ ଶିକ୍ଷକ ତ୍ରିଲୋଚନ ପତି ପଡିଯାଇ ତାଙ୍କର ଗୋଟିଏ ଗୋଡ ଭାଙ୍ଗି ଯାଇଥିଲା । ରାଜ୍ୟ ସରକାରଙ୍କ ନିର୍ବାଚନ ନିୟମ ଅନୁଯାୟୀ ଶ୍ରୀ ପତିଙ୍କୁ ଆଜି ଅପରାହ୍ଣରେ ଜିଲ୍ଲାପାଳ ସୁଶାନ୍ତ ମହାପାତ୍ର ତାଙ୍କ କାର୍ଯ୍ୟାଳୟରେ ୪୨ ହଜାର ଟଙ୍କାର ଅନୁକମ୍ପା ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି । ଏହି ଅନୁକମ୍ପା ରାଶି ପ୍ରଦାନ ସମୟରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ରଜନୀ କାନ୍ତ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମୀନକେତନ ବେହେରା,ଜିଲ୍ଲାପାଳଙ୍କ ଆବାସିକ ଅଧିକାରୀ ପ୍ରବୋଧ କୁମାର ରାଉତ, ଜିଲ୍ଲା ପଂଚାୟତ କାର୍ଯ୍ୟାଳୟର କୋଷାଧକ୍ଷ କେଦାରନାଥ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

ସି.ଡି.ପି.ଓ.ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମଚାରୀଙ୍କ ବିକ୍ଷୋଭ

କଟକ ୧୦/୧୦(ଶ୍ରୁ.ମି.) : ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଲେଡିଜ୍ ଓ୍ୱାର୍କରସ୍ ଆସୋସିଏସନ ପକ୍ଷରୁ ଅଙ୍ଗନୱାଡି କର୍ମଚାରୀମାନଙ୍କ ବିଭିନ୍ନ ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ବହୁବାର ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ ବିଭାଗୀୟ ମନ୍ତ୍ରୀ ଏହି ଦିଗରେ କୌଣସି ପଦକ୍ଷେପ ନନେବାରୁ ଅଙ୍ଗନୱାଡି କର୍ମଚାରୀମାନେ ୨୦୧୭ ମେ ୧ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ମୁଖ୍ୟ ସଚିବ ଏବଂ ବିଭାଗୀୟ ସଚିବ ଅଙ୍ଗନୱାଡି କର୍ମଚାରୀମାନଙ୍କର ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଦୁଃଖର ବିଷୟ ୪ମାସ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ଦାବିଗୁଡିକ ପ୍ରତି କୌଣସି ପଦକ୍ଷେପ ନିଆଯାଇନାହିଁ । ଅଙ୍ଗନୱାଡି କର୍ମୀ, ସହାୟିକା ମିନି ଅଙ୍ଗନୱାଡି କର୍ମଚାରୀମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ସୁପରଭାଇଜର ପଦବୀକୁ କେବଳ ଅଙ୍ଗନୱାଡି କର୍ମୀଙ୍କର ପଦୋନ୍ନତି ସହିତ ରାଜ୍ୟର ଯେଉଁ ଜିଲ୍ଲା ଗୁଡିକରେ ଦୀର୍ଘ ଦିନ ଧରି ସୁପରଭାଇଜର ପଦବୀଗୁଡିକ ପୂରଣ କରାଯାଇନାହିଁ ତାହା ତୁରନ୍ତ ପୂରଣ କରାଯିବା, ମିନି ଅଙ୍ଗନୱାଡି କର୍ମୀଙ୍କୁ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ କରିବା ସହିତ ସେହି କେନ୍ଦ୍ରରେ ଜଣେ ସହାୟିକା ନିଯୁକ୍ତି ଦେବାର ବ୍ୟବସ୍ଥା କରାଯିବା, ସମସ୍ତ ସହରାଂଚଳରେ ଟି.ଏ., ଡି.ଏର ବ୍ୟବସ୍ଥା ଲାଗୁ କରାଯିବା ସହିତ ଅଙ୍ଗନୱାଡି କେନ୍ଦ୍ରର ପରିଚାଳନା ପାଇଁ ଘରଭଡା ପ୍ରତ୍ୟେକ ମାସରେ ପ୍ରଦାନ କରାଯିବା, ରାଜ୍ୟରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଓ ସହାୟିକା ମାନଙ୍କୁ ୬୦ବର୍ଷ ବୟସରେ କାର୍ଯ୍ୟ ରହିତ କରାଯିବା, ସେମାନଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ ସହ ମାସିକ ୩୦୦୦ ଟଙ୍କା ପେନସନ ପ୍ରଦାନ କରାଯିବା ଆଦି ଦାବିଗୁଡିକ ପୂରଣ ନ ହେବା ଦ୍ୱାରା ଅଙ୍ଗନୱାଡି କର୍ମଚାରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଥିଲା । ରାଜ୍ୟ ସଂଘର ନିଷ୍ପତି ଅନୁଯାଇ ଅଲ ଓଡିଶା ଲେଡିଜ୍ ଅଙ୍ଗନୱାଡି ଲେଡିଜ୍ ଓ୍ୱାର୍କରସ୍ ଆସୋସିଏସନ କଟକ ସଦର ଶାଖା ତରଫରୁ ଆଜି କଟକ ସଦର ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପର୍ଦଶନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର ରାଜ୍ୟ ଅସଂଗଠିତ କ୍ଷେତ୍ର ପ୍ରମୁଖ ବସନ୍ତ କୁମାର ସାହୁ କଟକ ଜିଲ୍ଲା ସଭାପତି ଗୌରାଙ୍ଗ ଚରଣ ରଥ, ସଂପାଦକ ଭାଗୀରଥୀ ବେହେରା, କୋଷାଧକ୍ଷ ସ୍ୱର୍ଣ୍ଣଲତା ସାହୁ, କଟକ ସହରାଂଚଳ-୧ ଶଖା ସଂପାଦିକା ଦୁଲ୍ଲାରାଣୀ ମହାନା, ଶାଖାର ସଭାନେତ୍ରୀ ଚାରୁଲତା ପାଣି, ଉପ ସଭାନେତ୍ରୀ ସ୍ୱର୍ଣ୍ଣଲତା ମହାନ୍ତି, ସଂପାଦିକା ଜ୍ୟୋସ୍ନା ମହାପାତ୍ର, କୋଷାଧ୍ୟକ୍ଷ ସଲୀଳା ଜେନା, ସହସମ୍ପାଦିକା ସସ୍ମିତା ପାତ୍ର , ପ୍ରମୋଦିନୀ ପତି, ଇତି ମାଝୀ, କଟକ ସହାରାଚଂଳ-୨ ଶାଖାର ସମ୍ପାଦିକା ଜ୍ୟୋସ୍ନାରାଣୀ ସିଂ, ଯାଜପୁର ଜିଲ୍ଲା ସଭାନେତ୍ରୀ ସବିତା ପାଢ଼ୀ, ଲିପିକା ନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ ।

କୋଇଲା ଉତ୍ପାଦନ ବନ୍ଦ କରୁଥିବା ଅସାମାଜିକ ଗୁଣ୍ଡା ମାନଙ୍କ ପାଇଁ ନା ନିଜର ଅଧିକାର ପାଇଁ ଲଢୁଥିବା ପ୍ରଜା ପାଇଁ, ଏସମା କାହା ସ୍ୱାର୍ଥ ପାଇଁ ଲଗାଇଛନ୍ତି ସରକାର : କାଳନ୍ଦି ସାମଲ

ଭୁବନେଶ୍ୱର, ୧୦ /୧୦(ଶ୍ରୁ.ମି.) : ତାଳଚେର କୋଇଲା ଖଣି ଅଂଚଳରେ ରାଜ୍ୟ ସରକାର କାହା ପାଇଁ ଏସମା ଲଗାଇଛନ୍ତି ତାହା ସ୍ପଷ୍ଟ କରିବାକୁ ବିଜେପି ରାଜ୍ୟ ସଂପାଦକ କାଳନ୍ଦୀ ସାମଲ ଦାବି କରିଛନ୍ତି । କୋଇଲା ଖଣି ଖନନ କାର୍ଯ୍ୟକୁ ବେଆଇନ ଭାବେ ବନ୍ଦ କରୁଥିବା ଅଣ ଶ୍ରମିକ ମାନଙ୍କ ବିରୁଦ୍ଧରେ କେବଳ ଏହି ଏସମା ଲାଗୁ ନା ଜମି ହରା ଗରୀବ ପ୍ରଜାଙ୍କ ଗଣତାନ୍ତ୍ରିକ ଅଧିକାରର କଂଠରୋଧ କରିବା ପାଇଁ ଏସମାକୁ ବ୍ୟବହାର କରିବାକୁ ଚାହୁଁଛନ୍ତି, ଏହାର ସ୍ପଷ୍ଟତା ରାଜ୍ୟ ସରକାର ଦିଅନ୍ତୁ ବୋଲି ଶ୍ରୀ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ କୋଇଲା ଖନନ କାର୍ଯ୍ୟରେ ବ୍ୟାପକ ସମସ୍ୟା ସୃଷ୍ଟି ହେଉଥିବା କାରଣରୁ ରାଜ୍ୟ ତହବିଲକୁ ବ୍ୟାପକ କ୍ଷତି ହେଉଛି ବୋଲି କେନ୍ଦ୍ର କୋଇଲା ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ମାତ୍ର ରାଜ୍ୟ ସରକାର ଜମିହରା ପ୍ରଜାର ଗଣତାନ୍ତ୍ରିକ ଅଧିକାରକୁ ଛଡାଇ ନେବା ପାଇଁ ଏସମାର ଦୁରୁପଯୋଗ କଲାଭଳି ପରିସ୍ଥିତି ଉତ୍ପନ୍ନ ହୋଇଛି । ଜମି ହରା ପ୍ରଜା ନୁହେଁ ଶ୍ରମିକ ମାନଙ୍କର ସ୍ୱାର୍ଥ ସହ ସମ୍ପର୍କ ନ ଥିବା ବଟି ଆଦାୟ କରୁଥିବା ଅସାମାଜିକ ତତ୍ୱ ବିରୁଦ୍ଧରେ ଏସମା ଲଗାଇ ଗରୀବଙ୍କ ଅଧିକାରରୁ କ୍ଷୁର୍ଣ ନ କରିବା ପାଇଁ ଶ୍ରୀ ସାମଲ କରିଛନ୍ତି

ସିଡିଏ ଉପାଧକ୍ଷଙ୍କ ଅଚାନକ ବଦଳିକୁ କର୍ମଚାରୀ ସଂଘର ନିନ୍ଦା

କଟକ, ୧୦/୧୦(ଶ୍ରୁ.ମି.) : ଆଇଏଏସ ଶୁଭମ୍ ସକ୍ସେନା ସିଡିଏର ଉପାଧକ୍ଷ ଭାବରେ ମାତ୍ର ୪ ମାସ ରହିବା ପରେ ତାଙ୍କର ଅଚାନକ ବଦଳିକୁ ସିଡିଏ କର୍ମଚାରୀ ସଂଘ ପକ୍ଷରୁ ନିନ୍ଦା କରାଯାଇଛି । ଗତ ୨୬.୪.୧୭ରେ ସିଡିଏର ଉପାଧକ୍ଷ ଭାବରେ ଶ୍ରୀ ସକ୍ସେନା କାର୍ଯ୍ୟ ଭାର ଗ୍ରହଣ କରିବା ପରେ ସଂସ୍ଥାକୁ କଟକ ସହର ଜନସାଧାରଣଙ୍କ ନିକଟରେ ବିଶ୍ୱାସ ଭାଜନ କରାଇବା ସହ କର୍ମଚାରୀମାନଙ୍କର ସମସ୍ୟା ଦୂର କରିବାରେ ପଦକ୍ଷେପ ନେଇ ଆସୁଥିଲେ । ଦୀର୍ଘ ୧୫ ବର୍ଷ ସେକ୍ଟର ୧୩ରେ ଗୃହପଯୋଗୀ ଜମି ପାଇଁ ଆବେଦନ କରିଥିବା ଉପଭୋକ୍ତାମାନେ ସିଡିଏ ଅଫିସକୁ ଦଉଡି ଦଉଡି ନିରାଶ ହେବା ଏବଂ ଏକାଧିକ ବାର ସିଡିଏ ଅଫିସ ସମ୍ମୁଖରେ ଧାରଣା ଦେଇଥିବା ବେଳେ ନୂତନ ଉପାଧକ୍ଷ ତୁରନ୍ତ ସେମାନଙ୍କୁ ପ୍ଲଟ ଆଲାଟମେଣ୍ଟ ଦେବା ସହ ଗୃହ ନିର୍ମାଣ ପାଇଁ ପ୍ଲାନ, ବିଜୁଳି, ପାଣି ଏବଂ ପରିମଳ ବ୍ୟବସ୍ଥା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ସେହିଭଳି କର୍ତ୍ତୃପକ୍ଷଙ୍କ ପ୍ରତିଷ୍ଠା ଦିବସରେ କର୍ମଚାରୀ ସଂଘକୁ ନେଇ ରକ୍ତଦାନ ଶିବିର ସହ କର୍ମଚାରୀମାନଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ଏତଦବ୍ୟତୀତ ସିଡିଏର ସମସ୍ତ ସେକ୍ଟରର ଜମି ଲିଜ୍ ଡିଡ୍, ଥାର୍ଡ ପାର୍ଟି ଟ୍ରାନ୍ସଫର କାର୍ଯ୍ୟକୁ ମଧ ତ୍ୱରାନ୍ୱିତ କରାଇଥିଲେ । ମାତ୍ର ଚାରି ମାସ କାର୍ଯ୍ୟକାଳ ଭିତରେ ବର୍ଷ ବର୍ଷ ଧରି ପ୍ରଶାସନିକ ସ୍ଥାଣୁ ଅବସ୍ଥାରେ ପଡିଥିବା ସିଡିଏକୁ ଚଳଚଂଚଳ କରାଇଥିବା ଉପାଧକ୍ଷଙ୍କ ଅଚାନକ ବଦଳି ଏବେ କର୍ମଚାରୀ ଏବଂ ଜନସାଧାରଣ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ସିଡିଏ କର୍ମଚାରୀ ସଂଘର ସାଧାରଣ ସଂପାଦକ ବିଜୟ ଭୁଷଣ ପତି, ଉପସଭାପତି ଦେବାଶିଷ ଦାସ, ଯୁଗ୍ମ ସଂପାଦକ ରବୀନ୍ଦ୍ର ସାହୁ, ସାଂସ୍କୃତିକ ସଂପାଦକ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ମଚାରୀମାନେ ବିଦାୟୀ ଉପାଧକ୍ଷଙ୍କୁ ବିଦାୟକଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ବି ପୁନଶ୍ଚ ଶ୍ରୀ ସକ୍ସେନାଙ୍କୁ ଉପାଧକ୍ଷ ଭାବରେ ଅବସ୍ଥାପିତ କରିବା ପାଇଁ ନଗର ଉନ୍ନୟନ ମନ୍ତ୍ରୀ ତଥା ସିଡିଏର ଅଧକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି । ସେହିଭଳି କର୍ମଚାରୀ ନେତା ଅଜୟ କୁମାର ରାଉତ, ସ୍ୱଦେଶ ଜେନା, ଦିଲିପ ମହାପାତ୍ର, ଦେବେନ୍ଦ୍ର ପ୍ରଧାନ, ସୁଶାନ୍ତ ବରାଳ, ପ୍ରମୋଦ ଦାସ, ଦିଲ୍ଲୀପ ଜେନା ଓ ସୁବ୍ରତ ମିଶ୍ର ପ୍ରମୁଖ ସରକାରଙ୍କର ସିଡିଏ ପ୍ରତି ବୈମାତୃକ ମନୋଭାବ ସ୍ୱରୂପ ଉପାଧକ୍ଷଙ୍କ ଅଚାନକ ବଦଳିକୁ ନିନ୍ଦା କରିଛନ୍ତି ।

୨୬ ଦିନରେ ମିଳିତ ବି.ଏଡ୍ ଶିକ୍ଷକ ମହାସଂଘର ଧାରଣା

ଭୁବନେଶ୍ୱର, ୧୦ ଅକ୍ଟୋବର (ହି.ସ.) ମିଳିତ ବି.ଏଡ୍ ଶିକ୍ଷକ ମହାସଂଘର ଧାରଣା ୨୬ ଦିନରେ ପହଂଚିଛି । ମଙ୍ଗଳବାର ଦିନ ଭଦ୍ରକ ଜିଲ୍ଲା କେନ୍ଦୁଝର ଜିଲ୍ଲା, ସୋନପୁର ଜିଲ୍ଲା, ଗଞ୍ଜାମ ଜିଲ୍ଲା ତରଫରୁ ରାଜ୍ୟ ବି.ଏଡ୍ ଶିକ୍ଷା ସହାୟକ ସଂଘର ପଦାଧିକାରୀ ମାନେ ଏହି ଧାରଣାରେ ଯୋଗ ଦେଇଥିଲେ ।

ସେମାନେ ଧାରଣାରେ ଯୋଗଦେଇ ଦାବି ପ୍ରତି ସରକାର ଉପେକ୍ଷା କରୁଥିବାରୁ ନିଜ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଆଜିର ଧାରଣା ୨୫ଦିନ ପୂର୍ଣ୍ଣ କରିଥିଲେ ହେଁ ସରକାରଙ୍କ ଉଦାସୀନତା ଓ ବୈମାତୃକ ମନୋଭାବ ବିରୁଦ୍ଧରେ ବିକ୍ଷୋଦଗାର କରିଥିଲେ । ସରକାରଙ୍କ କାଳକ୍ଷେପଣ ନୀତି ଆନ୍ଦୋଳନକୁ ଅଧିକ ସକ୍ରିୟ ଓ ତେଜିୟାନ କରୁଛି । ଦାବୀ ପୂରଣ ନ ହେବା ଯାଏ ପୂର୍ବ ନିଷ୍ପତି ମୁତାବକ ପ୍ରତୀକ ଧାରଣା କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସେମାନେ କହିଛନ୍ତି ।ଏଥିରେ ବି.ଏଡ୍ ଶିକ୍ଷା ସହାୟକ ସଂଘର ସଭାପତି ଅଜୟ ଧଳ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାୟକ, ମହାସଚିବ ଉମେଶ ଚନ୍ଦ୍ର ନାୟକ, ଜିଲ୍ଲାପରିଷଦ ଟି.ଜି. ଶିକ୍ଷକ ସଂଘର ସଭାପତି ସନ୍ତୋଷ ପ୍ରଧାନ, ରାଜ୍ୟ ବି.ଏଡ୍ ଶିକ୍ଷା ସହାୟକ ସଂଘର ରାଜ୍ୟ ସଂଯୋଜକ ଅମରେନ୍ଦ୍ର ଜେନା, ବାସୁଦେବ ସାହୁ, ରମଣୀରଂଜନ ନାୟକ, ଦିଲ୍ଲୀପ ଖଣ୍ଡାୟତ ରାୟ, କାଳନ୍ଦି ଜେନା, ସଦାଶିବ ବେହୁରା ପ୍ରମୁଖ ଅଭିଭାଷଣ ରଖିଥିବା ବେଳେ ଆସନ୍ତା କାଲିଠାରୁ ଆନ୍ଦୋଳନର ଦିଗ ପରିବର୍ତନ କରି ନୂତନ ପଦକ୍ଷେପ ନେବାପାଇଁ ଯୋଜନା କରାଯାଇଛି ।

ପ୍ରଥମ ପୃଷ୍ଠାରୁ...

ଅଙ୍ଗନବାଡିକର୍ମୀଙ୍କ ସହ ମନ୍ତ୍ରୀଙ୍କ ଆଲୋଚନା ବିଫଳ

ପ୍ରସ୍ତାବରେ ଅରାଜି ହେବାରୁ ଆଲୋଚନା ବିଫଳ ହେଲା । ସଂଘର ଯୁକ୍ତି ହେଉଛି ସରକାର ଲୁଚକାଳି ଖେଳୁଛନ୍ତି ଓ ସେମାନଙ୍କ ଦାବିକୁ ପୁରଣ କରିବା ପରିବର୍ତ୍ତେ ପରୋକ୍ଷରେ ଉପହାସ କରୁଛନ୍ତି । ମେ ମାସ ୧ ତାରିଖରେ ପ୍ରଥମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆ ଯାଇଥିଲା । ମେ ୪ ତାରିଖରେ ମୁଖ୍ୟ ଶାସନ ସଚିବ ସେମାନଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ସମୟ ନେଇଥିଲେ । ପୁଣି ଥରେ ମେ ମାସ ୧୬ ତାରିଖରେ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲେ ସୁଦ୍ଧା ସେମାନଙ୍କ ଦାବିର ବିଚାର ହେଉନଥିବାରୁ ସେମାନେ ଆନ୍ଦୋଳନରୁ ଓହରିବେ ନାହିଁ । ସେମାନଙ୍କ ପ୍ରମୁଖ ଦାବି ଗୁଡିକ ମଧ୍ୟରେ ରହିଛି ସରକାରୀ କର୍ମଚାରୀ ମାନ୍ୟତା, ମାସିକ ୧୮ହଜାର ଟଙ୍କା ଦରମା, ସହାୟିକା ମାନଙ୍କୁ ମାସିକ ୯ ହଜାର ଟଙ୍କା ଦରମା, ୬୦ ବର୍ଷ ପରେ ଅବସରକାଳୀନ ପେନସନ, ଗ୍ରାଚ୍ୟୁଟି ଇତ୍ୟାଦି

ଦୀପାବଳି ଲାଗି ମାର୍ଗଦର୍ଶିକା ଜାରି କଲା ପୋଲିସ

ପୁଣିଥରେ ଫୁଟାଇବାର ପ୍ରୟାସ ନକରିବା ଓ କୌଣସି ଜୀବଜନ୍ତୁଙ୍କ ଶରୀର ଉପରକୁ ବାଣ ନଫିଙ୍ଗିବାକୁ କଡା ନିର୍ଦ୍ଦେଶ ଦେଇଛି କମିଶନରେଟ ପୋଲିସ । ବାଣ ଫୁଟାଇବାବେଳେ କୌଣସି ଅଘଟଣ ଘଟିଲେ ତୁରନ୍ତ ୧୦୦ ନମ୍ବରରେ ଫୋନ କରି ପୋଲିସ କଣ୍ଟ୍ରୋଲ ରୁମ ଓ ୧୦୧ ନମ୍ବରରେ ଅଗ୍ନିଶମ ବିଭାଗକୁ କଲ କରିବାକୁ ପରାମର୍ଶ ଦେଇଛି କମିଶନରେଟ ପୋଲସ । ଏହାସହ ବାଣ କିଣିବାବେଳେ ଏହା କିପରି ଫୁଟାଯିବ ସେ ନେଇ ସମସ୍ତ ତଥ୍ୟ ଦୋକାନୀ ଗ୍ରାହକଙ୍କୁ ଜଣାଇବା ବାଧ୍ୟତାମୂଳକ କରାଯାଇଛି । ଯଦି କୌଣସି ଦୋକନୀ ଏହି ନିୟମକୁ ଉଲ୍ଲଙ୍ଘନ କରେ ତେବେ ଉକ୍ତ ଦୋକନୀ ପ୍ରତି ଆଇନତଃ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଲାଇସେନସ ମଧ ରଦ୍ଦ କରାଯିବ ବୋଲି କମିସନରେଟ ପୋଲିସ ପକ୍ଷରୁ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି ।

ଟ୍ରିପଲ ମର୍ଡର : ଦମ୍ପତି ଏବଂ ପୁତ୍ରକୁ ଗଳା କାଟି ହତ୍ୟା

ଥାନା ଅନ୍ତର୍ଗତ ଗମ୍ଭାରି ମଳିଆ ଗ୍ରାମର ନିଜ ଘର ନିକଟରୁ ଏବଂ ବିରଂଚିଙ୍କର ମୃତ ଦେହ ଗ୍ରାମରୁ ପ୍ରାୟ ୭୦ କି.ମି ଦୂର ଠାକୁରଗଡ଼ ଥାନା ଅନ୍ତର୍ଗତ ପୋକଣ୍ଡା ପୋଲ ତଳୁ ଉଦ୍ଧାର କରାଯାଇଛି । ସେହିପରି ବିରଂଚିଙ୍କର ୮ବର୍ଷର ନିଖୋଜ ନାବାଳକ ପୁଅର ମୃତ ଦେହ ମଧ ପରବର୍ତୀ ସମୟରେ ବିରଂଚିଙ୍କ ମୃତ ଦେହଠାରୁ ପ୍ରାୟ ୧କି.ମି ଦୂରରେ ଉଦ୍ଧାର କରାଯାଇଛି । ତେବେ ଦମ୍ପତିଙ୍କର ୨ବର୍ଷର ଝିଅ ଏହି ଲୋମ ହର୍ଷଣକାରୀ ହତ୍ୟାକାଣ୍ଡରୁ ସୌଭାଗ୍ୟବଶତଃ ବର୍ତିଯାଇଛି । ସୂଚନାପାଇ ଜିଲ୍ଲା ପୋଲିସର ଏକ ସ୍ୱତନ୍ତ୍ର ଦଳ ଘଟଣାସ୍ଥଳକୁ ଯାଇ ଫରେନସିକ ଦଳ ଏବଂ ସନ୍ଧାନୀ କୁକୁର ସହାୟତାରେ ଏପରି ନାରକୀୟ ହତ୍ୟାକାଣ୍ଡର ତନ୍ନତନ୍ନ କରି ଯାଂଚ ଆରମ୍ଭ କରିଛି ।

ଯବାନଙ୍କ ନାବାଳିକାଙ୍କୁ ଗଣଦୁର୍ଷ୍କମ ଅଭିଯୋଗ

ସିଆରପିଏଫର ସଂପୃକ୍ତି ଥିବା ଜଣା ପଡିବା ପରେ ପ୍ରାଥମିକ ତଦନ୍ତ କରିବା ସହ କିଛି ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା । କିନ୍ତୁ ସେହି ଅଞ୍ଚଳରେ ଯବାନଙ୍କ ଉପସ୍ଥିତି ନଥିବାରୁ ଏହି ଗଣଦୁଷ୍କର୍ମରେ ସିଆରପିଏଫ ବା କୋବ୍ରା ବାହିନୀର ଯବାନ ସାମିଲ ନଥିବା ସେ ସ୍ପଷ୍ଟ କରିଥିଲେ । ଏନେଇ ପଟାଙ୍ଗୀ ଥାନାରେ ମାମଲା ଦାୟର କରାଯାଇ ତଦନ୍ତ ଆରମ୍ଭ କରାଯାଇଛି ।

ଶାନ୍ତି ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଅନଶନ

ଅଶାନ୍ତିର ବାତାବରଣ ଦେଖିବାକୁ ମିଳିଛି । ଅନ୍ୟପଟେ ବିଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ କୁଳପତି ଧାରଣାରେ ବସିବା ଲାଗି ସରକାରଙ୍କ ଠାରୁ ଅନୁମତି ନେଇ ନାହାନ୍ତି । ଅନଶନରେ ବସିବା ତାଙ୍କର ନିଜସ୍ୱ ନିଷ୍ପତି । ଏଥିପ୍ରତି ସରକାରଙ୍କର ନୈତିକ ସମର୍ଥନ ମଧ୍ୟ ନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ପ୍ରକାଶ କରିଛନ୍ତି । ବାଣୀବିହାରରେ ନିର୍ବାଚନ ହେବ କି ନାହିଁ ତାହା କହିହେବ ନାହିଁ । ଦ୍ୱିତୀୟ ବାର ନିର୍ବାଚନ କରିବାର ପରମ୍ପରା ମଧ୍ୟ ନାହିଁ । ପୁନର୍ବାର ନିର୍ବାଚନ ସମ୍ପର୍କରେ ମଧ୍ୟ କୁଳପତି ସରକାରଙ୍କ ସହିତ ଆଲୋଚନା କରି ନାହାନ୍ତି । ଏସମ୍ପର୍କରେ ତାଙ୍କ ଠାରୁ ରିପୋର୍ଟ ମଗାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି । ହେଲେ କୁଳପତିଙ୍କ ଏଭିଳି ୧୨ ଘଣ୍ଟିଆ ଅନଶନ ଓ ମୌନବ୍ରତକୁ ନେଇ କ୍ୟାମ୍ପସ ରାଜନୀତି ସରଗରମ ହେବାରେ ଲାଗିଛି ।

ବାଜିସେନା ତରଫରୁ ସହିଦ୍ ରଘୁନାୟକ,ଗୁରୀ ନାୟକଙ୍କ ସ୍ମୃତିଚାରଣ ସଭା

ଭୁବନ,୧୦ ଅକ୍ଟୋବର (ହି.ସ.) -ଭୁବନ ର ଯୁବଗୋଷ୍ଠୀ ମାନଙ୍କୁ ନେଇ ଗଠିତ ବାଜିସେନା ତରଫରୁ ୧୯୩୮ ମସିହା ଅକ୍ଟୋବର ୧୦ ତାରିଖ ପ୍ରଜା ଆନ୍ଦୋଳନରେ ସହିଦ୍ ହୋଇଥିବା ଭୁବନ ଗ୍ରାମର ରଘୁ ନାୟକ ଓ ଗୁରୀ ନାୟକ ଙ୍କ ୭୯ ତମ ଶ୍ରାଦ୍ଧୋତ୍ସବ ପାଳନ କରାଯିବା ସହିତ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆଜି ସଂଧ୍ୟାରେ କାଳୀବଜାର ସ୍ଥିତ ସହିଦ୍ ବାଜି ରାଉତ ଙ୍କ ପ୍ରତିମୂର୍ତୀ ନିକଟରେ ଉପଦେଷ୍ଟା ଲଳିତ କୁମାର ବେହେରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ବାଜିରାଉତ ସ୍ମୃତି ପରିଷଦର ଅଧ୍ୟକ୍ଷ କାଳନ୍ଦି ଚରଣ ସାହୁ,ସାରସ୍ୱତ ସାଧକ ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା,ପୂର୍ବତନ ନଗରପାଳ ଜଗନ୍ନାଥ ଗୁରୁ,ଭୁବନ ଓକିଲ ସଂଘ ସଭାପତି ବାବୁଲି କୁମାର ସେଠୀ,ସ୍ତମ୍ଭକାର ପ୍ରେମାନନ୍ଦ ପାଣିଗ୍ରାହୀ,ସାମ୍ବାଦିକ ସୁଶାନ୍ତ କୁମାର ପୋଥାଳ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ସଭାପତି କମଳ ଲୋଚନ ମହାରଣା ଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନେ କ୍ୟାଣ୍ଡେଲ ର୍ୟାଲିରେ ସହର ପରିକ୍ରମା କରି ସହିଦ ବାଜିରାଉତ ଙ୍କ ପ୍ରତିମୂର୍ତୀ ନିକଟରେ ପହଁଚିଥିଲେ ।

ରାହୁଲ ଏବଂ ନବୀନ ବାବୁଙ୍କ ଅଭିଯୋଗ ସଂପୂର୍ଣ୍ଣ ଭାବେ ମିଥ୍ୟା ଓ ତଥ୍ୟ ଆଧାରିତ ନୁହେଁ : ବିଜେପି

ଭୁବନେଶ୍ୱର, ୧୦ /୧୦(ଶ୍ରୁ.ମି.) : ନ୍ୟୁଜ ପୋର୍ଟାଲ ‘ଦ ଓ୍ୱାୟର’ ଦ୍ୱାରା ବିଜେପିର ଜାତୀୟ ସଭାପତି ଅମିତ ଶାହା ଓ ତାଙ୍କର ପୁତ୍ର ଜୟ ଅମିତ ଶାହାଙ୍କ ବିରୁଦ୍ଧରେ ଦୁର୍ଭାବନାପୂର୍ଣ୍ଣ ଭାବେ ଅସତ୍ୟ, ଆଧାରହୀନ, ଅପମାନଜନକ, ମାନହାନିକାରକ ଅଭିଯୋଗ କରାଯାଇଛି । ଜାଣି ଶୁଣି ଯୋଜନାବଦ୍ଧ ଭାବେ ଏପରି ଲେଖା ପ୍ରସାରିତ କରା ଯାଇଛି ଯାହାର ଉଦ୍ଦେଶ୍ୟ ବିଜେପିର ଜାତୀୟ ସଭାପତି ଓ ତାଙ୍କର ପରିବାରର ଭାବମୂର୍ତିକୁ ଖରାପ କରିବା ବୋଲି ରାଜ୍ୟ ମୁଖପାତ୍ର ଶ୍ରୀ ସଜ୍ଜନ ଶର୍ମା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ।



ଜୟ ଅମିତ ଶାହାଙ୍କର ବ୍ୟବସାୟ ସମ୍ପୂର୍ଣ୍ଣ ରୂପେ ଆଇନ ସିଦ୍ଧ ଓ ସ୍ୱଚ୍ଛ । ଏହା ଦେଶର ବାଣିଜ୍ୟିକ ମାପଦଣ୍ଡ ଆଧାରରେ ହୋଇଛି । ଏହା ତାଙ୍କର ରେକର୍ଡ ଓ ବ୍ୟାଙ୍କିଙ୍ଗ ଦେଣ ନେଣରୁ ପରିଲକ୍ଷିତ ହେଉଛି । ‘ଦ ଓ୍ୱାୟର’ ମାନେ ସଂପତି କିମ୍ବା ବ୍ୟବସାୟୀକ ଲାଭ ନୁହେଁ । କଂଗ୍ରେସ ଉପାଧକ୍ଷ ରାହୁଲ ଗାନ୍ଧୀଙ୍କ ଅଭିଯୋଗ ସଂପୂର୍ଣ୍ଣ ଭାବେ ମିଥ୍ୟା ଓ ତଥ୍ୟ ଆଧାରିତ ନୁହେଁ । ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଏଭଳି ବକ୍ତବ୍ୟ ଉଦ୍ଦେଶ୍ୟାତ୍ମକ ଭାବେ ଶ୍ରୀ ଗାନ୍ଧୀ କହିଛନ୍ତି । କମୋଡିଟି ମାର୍କେଟ ଉପରେ ଜ୍ଞାନ ରଖୁଥିବା ବିଶେଷଜ୍ଞମାନେ ଏହି ପ୍ରସଙ୍ଗକୁ ହାସ୍ୟାସ୍ପଦ ବୋଲି କହି ସେମାନଙ୍କ ଉପରେ ହସୁଛନ୍ତି ବୋଲି ଶ୍ରୀ ଶର୍ମା କହିଛନ୍ତି ।

ରାଷ୍ଟ୍ରୀୟ ସଭାପତି ଶ୍ରୀ ଶାହାଙ୍କ ଓଡିଶା ଗସ୍ତ ଏବଂ ରାଜ୍ୟ ପ୍ରତି ବିଜେପିର ପ୍ରତିବଦ୍ଧତାରେ ବ୍ୟସ୍ତ ବିବ୍ରତ ହୋଇ ପଡିଛି ଶାସକ ବିଜେଡି । ଓଡିଆ ପ୍ରବାଦ ‘ଓଧ ସଙ୍ଗେ ବଣ ଭୂଆଁ ବାଇନ୍ତ ଭଳି ଓଡିଶାରେ ମଧ ଶାସକ ବିଜୁ ଜନତା ଦଳ ବିଜେପି ପ୍ରତି ଅସହିଷ୍ଣୁ ହୋଇ ପଡି ଏହି ଅବାସ୍ତବ ପ୍ରସଙ୍ଗରେ କଂଗ୍ରେସ ସହ ସ୍ୱର ମିଶାଇ ଅଭିଯୋଗ କରୁଛି ବୋଲି ଶ୍ରୀ ଶର୍ମା ଅଭିଯୋଗ କରିଛନ୍ତି । ରାହୁଲ ଗାନ୍ଧୀଙ୍କ ସ୍ୱର ସହ ସ୍ୱର ମିଶାଇ ବିଜୁ ଜନତା ଦଳ ଏକ ଅବାସ୍ତବ ପ୍ରସଙ୍ଗକୁ ରାଜନୈତିକ ଉଦ୍ଦେଶ୍ୟ ରଖି ଅଯଥାରେ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛି । ଈର୍ଷାପରାୟଣ ହୋଇ ଅପପ୍ରଚାର କରୁଥିବା ଉଭୟ କଂଗ୍ରେସ ଏବଂ ବିଜେଡିର ଏଭଳି ପ୍ରୟାସକୁ ଭାରତୀୟ ଜନତା ପାର୍ଟି ଦୃଢ ନିନ୍ଦା କରିବା ସହ ଉଭୟଙ୍କ ଏଭଳି ଆଚରଣ ଓ ଅଭିଯୋଗ ହତାସାଭାବର ପରିଚୟ ଦେଉଛି ବୋଲି ଶ୍ରୀ ଶର୍ମା କହିଛନ୍ତି ।

ଏହି ଅବସରରେ ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି ଏବଂ ଅନ୍ୟତମ ମୁଖପାତ୍ର ଶ୍ରୀ ଦିଲୀପ ମହାନ୍ତି ଉପସ୍ଥିତ ଥିଲେ ।

ନୀତିଶ୍ଳୋକ

ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍ଭବମ୍ ।
ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ॥

ଅଶ୍ୱମାନଙ୍କ ମଧ୍ୟରେ ଅମୃତ ସହିତ ସମୁଦ୍ରରୁ ବାହାରିଥିବା ଉଚ୍ଚୈଃଶ୍ରବା ନାମକ ଅଶ୍ୱକୁ, ଶ୍ରେଷ୍ଠ ହସ୍ତୀମାନଙ୍କ ମଧ୍ୟରେ ଐରାବତ ନାମକ ହସ୍ତୀକୁ ଏବଂ ମନୁଷ୍ୟମାନଙ୍କ ମଧ୍ୟରେ ରାଜାଙ୍କୁ ମୋର ବିଭୂତି ବୋଲି ଜାଣ ।

ପ୍ରଦୂଷଣ ମୁକ୍ତ ଦୀପାବଳି

ଦୀପାବଳି ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ଉନ୍ମାଦ ଓ ଉତ୍ସାହର ବାର୍ତ୍ତା ବହନ କରେ । ଏହାକୁ ଅନ୍ୟାୟ ବିରୁଦ୍ଧରେ ନ୍ୟାୟର ବିଜୟ ଉତ୍ସବ ରୂପେ ପାଳନ କରାଯାଏ । ଦୁଷ୍ଟ ରାବଣ ସଂହାର କରି ଲଙ୍କାରେ ବିଜୟର ବାନା ଉଡାଇବା ସହ ୧୪ବର୍ଷର ବନବାସ ଅବଧି ସାରିବା ପରେ ଭଗବାନ ଶ୍ରୀରାମଚନ୍ଦ୍ର ଜନ୍ମମାଟି ଅଯୋଧ୍ୟା ନଗରୀକୁ ମାତା ସୀତା, ଲକ୍ଷଣ ଓ ହନୁଙ୍କ ସହ ଫେରିବା ପରେ ଭଗବାନଙ୍କୁ ନିଜର ପ୍ରିୟ ଓ ଆଦର୍ଶ ଭାବେ ଧରିନେଇଥିବା ଅଯୋଧ୍ୟାବାସୀ ଏହି ଦିନକୁ ସ୍ମରଣୀୟ ରଖିବା ପାଇଁ ସମଗ୍ର ଅଯୋଧ୍ୟାନଗରୀକୁ ଦୀପଜାଳି ଆଲୋକମାଳାରେ ଉଦ୍‌ଭାସିତ କରିଥିଲେ । ଭଗବାନ ଶ୍ରୀରାମଙ୍କୁ ଅଯୋଧ୍ୟାର ପ୍ରଜାଙ୍କ ପକ୍ଷରୁ ସେଦିନର ସେହି ଭବ୍ୟ ସ୍ୱାଗତକୁ ଶତାବ୍ଦୀ ଶତାବ୍ଦୀ ବିତି ଯାଇଥିଲେ ମଧ୍ୟ ଆଜି କେବଳ ଅଯୋଧ୍ୟା ନୁହେଁ ସମଗ୍ର ଭାରତବର୍ଷ ସହ ବିଶ୍ୱର ଅନେକ ପ୍ରାନ୍ତରେ ଏହି ପର୍ବର ମହତ୍ୱକୁ ବୁଝି ଭାଇଚାରାର ପର୍ବରୂପେ ପାଳନ କରାଯାଉଛି । ସଂସ୍କୃତିର ବାର୍ତ୍ତା ବହନ କରୁଥିବା ଦିପାବଳୀ ପର୍ବ ପାଳନରେ ଯେପରି ଭାବେ ବ୍ୟାପକ ଧ୍ୱନି ପ୍ରଦୁଷଣ କରାଯାଉଛି ତାହା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ନୂଆଦିଲ୍ଲୀ ଓ ଏନ୍‌ସିଆର ଅଞ୍ଚଳରେ ଜନସାଧାରଣ ବିଶେଷକରି ଗର୍ଭବତୀ ମହିଳା, ଛାତ୍ରଛାତ୍ରୀ, ଶିଶୁ ଓ ରୋଗୀମାନେ ଏହି ଧ୍ୱନି ପ୍ରଦୂଷଣ ଦ୍ୱାରା ସବୁଠୁ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉଚ୍ଚ ଶବ୍ଦସ୍ତର ସଂସ୍ପର୍ଶରେ ଦୀର୍ଘସମୟ ଆସିବା ଦ୍ୱାରା ହାଇପର ଟେନ୍‌ସନ, ହୃଦଘାତ, ଅନିଦ୍ରା,ଚିଡିଚିଡାପଣ ଓ ଶ୍ରବଣ ଶକ୍ତି ହ୍ରାସ ପାଇବା ପରି ସମସ୍ୟା ଦେଖାଯାଇଥାଏ । ବ୍ୟସ୍ତବହୁଳ ସହରୀ ଜୀବନରେ ରାସ୍ତାର ୫୦ମିଟର ଦୂରତା ମଧ୍ୟରେ ରହୁଥିଲେ ସ୍ମରଣଶକ୍ତି ହ୍ରାସ ହେବା ପରି ଡିମେନସିଆ ରୋଗ ମଧ୍ୟ ଉଚ୍ଚଶବ୍ଦ ଦ୍ୱାରା ସୃଷ୍ଟି ହୋଇଥାଏ । ଗର୍ଭବତୀ ମହିଳାମାନେ ଧ୍ୱନି ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୁଏନ୍ତି । ଗର୍ଭସ୍ଥ ଶିଶୁର ଓହନ ହାରାହାରି ଓଜନ ଠାରୁ ବହୁତ କମ୍ (ସାଧାରଣତଃ ୨.୫କେ.ଜି ଠାରୁ କମ)ହେବା ସହ ଜନ୍ମ ସମୟରେ ମଧ୍ୟ ଧ୍ୱନିପ୍ରଦୁଶଣ ଜନିତ କୁପ୍ରଭାବ ଶିଶୁ ଉପରେ ପଡିଥାଏ । ଗର୍ଭଧାରଣ କରିବାର ୧୫ରୁ ୬୦ଦିନ ମଧ୍ୟରେ ଉଚ୍ଚଧ୍ୱନୀ ସଂସ୍ପର୍ଶରେ ଆସିବା ଦ୍ୱାରା ସେହି ସମୟରେ କେନ୍ଦ୍ରୀୟ ସ୍ନାୟବିକ ବ୍ୟବସ୍ଥା ଓ ଗୁରୁତ୍ୱପୂର୍ଣ୍ଣ ଅଭ୍ୟନ୍ତର ଅଙ୍ଗ ଗୁଡିକର ବିକାଶ ପ୍ରାରମ୍ଭିକ ଅବସ୍ଥାରେ ଥିବାରୁ ଏଗୁଡିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ଉଚ୍ଚଧ୍ୱନି ଗର୍ଭାଶୟ ମଧ୍ୟକୁ ରକ୍ତସଂଞ୍ଚାଳନକୁ ହ୍ରାସ କରିଥାଏ ଯାହାଦ୍ୱାରା ଅମ୍ଳଜାନର ମଧ୍ୟ ଆବଶ୍ୟକ ପରିଣାମର ପହଞ୍ଚିନଥାଏ ଯାହା ଶିଶୁର ବିକାଶ ପାଇଁ ସବୁଠାରୁ ଅଧିକ ଆବଶ୍ୟକତା ହୋଇଥାଏ । ଜନ୍ମ ବିଲକ୍ଷଣ(ବାର୍ଥ ଆସ୍ପେକ୍ସିଆ) ସେରେବ୍ରାଲ ପାଲସି (ସିପି) ପରି ଶିଶୁମାନଙ୍କ ମାନସିକ ବିକଳାଙ୍ଗ ସମସ୍ୟା ପାଇଁ ଧ୍ୱନି ପ୍ରଦୂଷଣ ଅନ୍ୟତମ କାରଣ । କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସୂଚନା ଅନୁଯାୟୀ ଉଚ୍ଚଧ୍ୱନି ଥିବା ଭାରତୀୟ ସହର ମାନଙ୍କ ତାଲିକାରେ ନୂଆଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଛି । ମୁମ୍ବାଇ ଏହି ତାଲିକାରେ ଦେଶର ଏକ ନମ୍ବର ସ୍ଥାନରେ ରହିଛି । ସିପିସିବି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ମଧ୍ୟ ମୁମ୍ବାଇରେ ସବୁଠାରୁ ଅଧିକ ଉଲ୍ଲଂଘନ କରାଯାଉଥିବା ବେଳେ ଏହା ତଳକୁ ଲକ୍ଷ୍ନୌ,ହାଇଦ୍ରାବାଦ, ନୂଆଦିଲ୍ଲୀ ଓ ଚେନ୍ନାଇ ରହିଛି । ନୂଆଦିଲ୍ଲୀରେ ଧ୍ୱନିସ୍ତର ୭୪ଡେସିବେଲ ରହିଛି । ବ୍ୟବସାୟିକ ଅଞ୍ଚଳ ପାଇଁ ଥାବା ସ୍ତର ଠାରୁ ୧୦ଡେସିବେଲ ଅଧିକ । ପ୍ରତି ୧୦ଡେସିବେଲ ଧ୍ୱନିସ୍ତର ବଢିବା ଦ୍ୱାରା ଶ୍ରବଣ ପାଇଁ ଦୁଇଗୁଣା ଧ୍ୱନିର ଆବଶ୍ୟକ ହୋଇଥାଏ । ଚକ୍ଷୁନାକକାନ ବିଶେଷଜ୍ଞଙ୍କ (ଇଏନଟି) କହିବା ଅନୁଯାୟୀ ସହରାଞ୍ଚଳରେ ଧ୍ୱନୀପ୍ରଦୂଷଣ ଯୋଗୁଁ ଶ୍ରବଣଶକ୍ତି ପାଇଁ ଆବଶ୍ୟକ ସର୍ବନିମ୍ନ ଧ୍ୱନିସ୍ତରରେ ୨୦ଡେସିବେଲ ବୃଦ୍ଧି ପାଇଛି । ଏହା ଦର୍ଶାଉଛି ଯେ, ଆମେ ସମସ୍ତେ ଏହି ସମସ୍ୟା ଦ୍ୱାରା ଅଳ୍ପ ବହୁତ ପ୍ରଭାବିତ ହୋଇଛେ । ପ୍ରଦୂଷଣ ସ୍ତର ସୁରକ୍ଷିତ ସ୍ତରରୁ ଉର୍ଦ୍ଧ୍ୱରେ ରହିଛି । ସର୍ବୋଚ୍ଚ ନ୍ୟାୟାଳୟ ଇତିମଧ୍ୟରେ ଦୀପାବଳି ପାଳନ ହେବାକୁ ୯ଦିନ ବାକି ରହିଥିବାବେଳେ ଏନ୍‌ସିଆର ଅଞ୍ଚଳରେ ବାଣ ବିକ୍ରି ଉପରେ କଟକଣା ଲଗାଇଛନ୍ତି । ବାଣ ବ୍ୟବସାୟୀମାନଙ୍କ ଯୁକ୍ତି ହେଉଛି ଯେ, ଏହି କଟକଣା ପୂର୍ବରୁ ଲଗାଇଥିଲେ ସେମାନେ ଅଧିକ ସମୟ ପାଇଥାନ୍ତେ ଏନ୍‌ସିଆର ବାହାରେ ଏହାକୁ ବିକ୍ରି କରିବା ପାଇଁ ବ୍ୟବସ୍ଥା କରିବା ପାଇଁ । ଯେହେତୁ ଦୀପାବଳି ମୁଣ୍ଡ ଉପରେ ଅଛି ପ୍ରଶାସନ ମଧ୍ୟ ଏହି କଟକଣାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବ । ସୂଚନାଯୋଗ୍ୟ ଯେ, ଦେଶରେ ବିକ୍ରି ହେଉଥିବା ବାଣର ୨୦-୨୫ପ୍ରତିଶତ ବାଣ କେବଳ ନୂଆଦିଲ୍ଲୀ ଏନ୍‌ସିଆର ଅଞ୍ଚଳର ବେପାରି ମାନେ କାରବାର କରିଥାନ୍ତି । ବେପାରିମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ବାଣଯୋଗୁଁ ହୁଏତ ଗୋଟିଏ ସପ୍ତାହର ପ୍ରଦୂଷଣ ସ୍ତର ବଢିବ କିନ୍ତୁ ବର୍ଷକର ୫୨ସପ୍ତାହ ମଧ୍ୟରୁ ଅନ୍ୟ ୫୧ସପ୍ତାହରେ ମଧ୍ୟ ମହାନଗର ପ୍ରଦୂଷଣ ଘେରରେ ଅସୁରକ୍ଷିତ ଅବସ୍ଥାରେ ରହୁଛି । ଏଥିପାଇଁ ଆଇଆଇଟି ଦିଲ୍ଲୀ ଦ୍ୱାରା ଯେଉଁ ମୁଖ୍ୟ କାରଣ ଗୁଡିକୁ ଦାୟୀ କରାଯାଇଛି ସେଗୁଡିକ ମଧ୍ୟରେ ମାତ୍ରାଧିକ ଜାନବାହନ ଚଳାଚଳ, ଜୈବିକ ବର୍ଯ୍ୟ ଓ ରାସ୍ତାର ଧୁଳି । ଏଗୁଡିକରୁ ବର୍ତ୍ତିବା ପାଇଁ ବଡ ପଦକ୍ଷେପ ନେବାର ଅଧିକ ଆବଶ୍ୟକ ଥିବାବେଳେ କେବଳ ବାଣ ଉପରେ କଟକଣା ସଂସ୍କୃତି ଉପରେ ପ୍ରହାର ବୋଲି ବ୍ୟବସାୟୀମାନେ କ୍ଷୋଭ କରିଛନ୍ତି । ଶିକ୍ଷା ଅନୁଷ୍ଠାନ,କୋର୍ଟ ଓ ଚିକିତ୍ସାଳୟ ଗୁଡିକରୁ ୧୦୦ମି ବ୍ୟାସାର୍ଦ୍ଧ ପରିବେଷ୍ଟିତ ଅଞ୍ଚଳକୁ ନିଃଶବ୍ଦାଞ୍ଚଳ ଭାବେ ନିଶ୍ଚିତ କରିବାକୁ ଆଇନରେ ପ୍ରାବଧାନ ରହିଛି । କିନ୍ତୁ ଏହାକୁ କାର୍ଯ୍ୟକାରୀ କରାଯିବାରେ ମାନସିକତା ନାହିଁ । ଏନ୍‌ଜିଟି (ନେସନାଲ ଗ୍ରୀନ ଟ୍ରିବ୍ୟୁନାଲ) ଧ୍ୱନି ପ୍ରଦୁଷଣ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ନିର୍ଦ୍ଦେଶାବଳୀକୁ କଡାକଡି କାର୍ଯ୍ୟକାରୀ କରିବାକୁ ଦିଲ୍ଲୀ ପ୍ରଦେଶର ସମସ୍ତ ଅନୁଷ୍ଠାନ ମାନଙ୍କୁ ନିର୍ଦ୍ଦେଶ ଦେଇଛି । ଓଡିଶାରେ ମଧ୍ୟ ବିଗତ ବର୍ଷରୁ ଜନବସତି ଅଞ୍ଚଳରେ ବାଣ ବିକ୍ରି ପାଇଁ ରହିଥିବା କଟକଣା ଚଳିତ ବର୍ଷ ବଳବତ୍ତର ରହିଛି । ୧୨୫ ଡେସିବେଲରୁ ଅଧିକ ଶବ୍ଦ ସୃଷ୍ଟି କରୁଥିବା ବାଣ ବିକ୍ରି ଉପରେ ନିଷେଧାଦେଶ ରହିଛି । ନ୍ୟାୟାଳୟଙ୍କ ଏଭଳି ନିଷ୍ପତ୍ତି କେତେକଙ୍କୁ ସଂସ୍କୃତି ବିରୋଧୀ ବୋଲି ଅନୁଭବ ହେଉଥାଇପାରେ କିନ୍ତୁ ସାମୟିକ ଭାବେ ପ୍ରଦୁଷଣ ଓ ଧ୍ୱନି ପ୍ରଦୁଷଣକୁ ଅତ୍ୟାଧିକ ଭାବେ ବଢିବାରୁ ରୋକାଯାଇପାରିବ । ଏହି ନିଷ୍ପତ୍ତି ପ୍ରଦୂଷଣ କରୁଥିବା ମାନସିକତାକୁ ନିରୁତ୍ସାହିତ କରିବା ପାଇଁ ନିଆଯାଇଛି । ନ୍ୟାୟାଳୟଙ୍କ ଏଭଳି ନିଷ୍ପତ୍ତି ପ୍ରତ୍ୟକ୍ଷ ଭାବେ ସେହି ଗର୍ଭବତୀ ମହିଳା,ରୋଗି,ଶିଶୁ ଓ ଛାତ୍ରଛାତ୍ରୀମାନଙ୍କୁ ଲାଭାନ୍ୱିତ କରିବ । କେବଳ ଯେ, ବାଣ ଫୁଟାଇ ଆମେ ଦିପାବଳୀ ମାନିପାରିବା ଏପରି ଭାବିବା ଠିକ ନୁହେଁ । ରଙ୍ଗବେରଙ୍ଗର ଆଲୋକ ସହ ଝୋଟି ପକାଇ ଦିପ ପ୍ରଜ୍ୱଳନ କରି ଦୀପାବଳିକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ । ନ୍ୟାୟାଳୟ ଆଗାମୀ ଦିନରେ ଧ୍ୱନି ପ୍ରଦୂଷଣକୁ କମାଇବା ପାଇଁ ଅଧିକ କଠୋର ପଦକ୍ଷେପ ଗ୍ରହଣ କରିବେ । ଗୋଟିଏ ଗୋଟିଏ ବିନ୍ଦୁର ସିନ୍ଧୁ ହୋଇଥାଏ । ଏପରି ଗୋଟିଏ ଗୋଟିଏ ନିଷ୍ପତ୍ତିକୁ ସହୃଦୟତାର ସହ ସ୍ୱୀକାର କଲେ ଲୋକଙ୍କ ମାନସିକତା ବଦଳିବ । ସମାଜରେ ଏଥିପ୍ରତି ବ୍ୟାପକ ଜନସଚେତନତା ସୃଷ୍ଟି ହେବାର ଆବଶ୍ୟକ ରହିଛି । ଛାତ୍ରଛାତ୍ରୀ, ସାହିତ୍ୟିକ, କଳାକାର ଓ ରାଜନୈତିକ ନେତାମାନେ ଜନସଚେତନତା ସୃଷ୍ଟି କରିବାକୁ ହାତ ବଢାଇବା ଆବଶ୍ୟକ । ଆଜି ଦୀପାବଳିରେ ବାଣ ବିକ୍ରି ଉପରେ କଟକଣା ଲାଗିଛି କାଲି ନୂଆବର୍ଷ ପାଳନରେ ମଧ୍ୟ କଟକଣା ଲାଗିବ । ଆମେ ଖେଳରେ ଜିତିଲେ, ନିର୍ବାଚନରେ ଜିତିଲେ ମଧ୍ୟ ବାଣ ଫୁଟାଇ ସନ୍ଦେଶ ଦେଇଥାଉ । କିନ୍ତୁ ଏପରି କରିବାରୁ ନିବୃତ୍ତ ରହିବା ଆବଶ୍ୟକ । ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ କୌଣସି ବାହାନା କରି ଆମେ ସେ ମନ୍ଦଭ୍ୟାସକୁ ଉତ୍ସାହିତ କରିବା ଅନୁଚିତ ।

> **ଦୀପାବଳି ମୁଣ୍ଡ ଉପରେ ଅଛି ପ୍ରଶାସନ ମଧ୍ୟ ଏହି କଟକଣାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବ । ସୂଚନାଯୋଗ୍ୟ ଯେ, ଦେଶରେ ବିକ୍ରି ହେଉଥିବା ବାଣର ୨୦-୨୫ପ୍ରତିଶତ ବାଣ କେବଳ ନୂଆଦିଲ୍ଲୀ ଏନ୍‌ସିଆର ଅଞ୍ଚଳର ବେପାରି ମାନେ କାରବାର କରିଥାନ୍ତି । ବେପାରିମାନେ ଯୁକ୍ତି ଦର୍ଶାଇଛନ୍ତି ଯେ, ବାଣଯୋଗୁଁ ହୁଏତ ଗୋଟିଏ ସପ୍ତାହର ପ୍ରଦୂଷଣ ସ୍ତର ବଢିବ କିନ୍ତୁ ବର୍ଷକର ୫୨ସପ୍ତାହ ମଧ୍ୟରୁ ଅନ୍ୟ ୫୧ସପ୍ତାହରେ ମଧ୍ୟ ମହାନଗର ପ୍ରଦୂଷଣ ଘେରରେ ଅସୁରକ୍ଷିତ ଅବସ୍ଥାରେ ରହୁଛି । ଏଥିପାଇଁ ଆଇଆଇଟି ଦିଲ୍ଲୀ ଦ୍ୱାରା ଯେଉଁ ମୁଖ୍ୟ କାରଣ ଗୁଡିକୁ ଦାୟୀ କରାଯାଇଛି ସେଗୁଡିକ ମଧ୍ୟରେ ମାତ୍ରାଧିକ ଜାନବାହନ ଚଳାଚଳ, ଜୈବିକ ବର୍ଯ୍ୟ ଓ ରାସ୍ତାର ଧୁଳି । ଏଗୁଡିକରୁ ବର୍ତ୍ତିବା ପାଇଁ ବଡ ପଦକ୍ଷେପ ନେବାର ଅଧିକ ଆବଶ୍ୟକ ଥିବାବେଳେ କେବଳ ବାଣ ଉପରେ କଟକଣା ସଂସ୍କୃତି ଉପରେ ପ୍ରହାର ବୋଲି ବ୍ୟବସାୟୀମାନେ କ୍ଷୋଭ କରିଛନ୍ତି । ଶିକ୍ଷା ଅନୁଷ୍ଠାନ,କୋର୍ଟ ଓ ଚିକିତ୍ସାଳୟ ଗୁଡିକରୁ ୧୦୦ମି ବ୍ୟାସାର୍ଦ୍ଧ ପରିବେଷ୍ଟିତ ଅଞ୍ଚଳକୁ ନିଃଶବ୍ଦାଞ୍ଚଳ ଭାବେ ନିଶ୍ଚିତ କରିବାକୁ ଆଇନରେ ପ୍ରାବଧାନ ରହିଛି ।**

ଚଷମା : ଆଖି ଉପରେ ଆଉ ଦି'ଟା ଆଖି



ଡକ୍ଟର ସର୍ବେଶ୍ୱର ସେଣ

ବୟସ ବଢ଼େ, ଯୌବନ ବାଟକାଟେ, ବାର୍ଦ୍ଧକ୍ୟ ଛୁଏଁ। ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ ହେବାକୁ ଆରମ୍ଭ କରେ। ଦୃଷ୍ଟିଶକ୍ତି ହ୍ରାସ ପାଏ। ଲୋଡ଼ା ପଡ଼େ ବାର୍ଦ୍ଧକ୍ୟ ଚଷମା। ତା'ପରେ ବାରି ହୋଇପଡ଼େ ନୁଆଁଣିଆ ବୟସର ଛାପ। ଚଷମାର ଆଉ ଏକ ବ୍ୟବହାର। ଶିକ୍ଷିତ, ଶିକ୍ଷିତା ମାନେ ଚଷମା ପିନ୍ଧନ୍ତି, ସୌଖିନ ଚଷମା। ତାହା ପୁଣି କେତେ ବାଗର। ଚଷମା ଦୋକାନରେ ଏଇମାନଙ୍କ ଭିଡ଼। ଚଷମାର ଥାଏ ବିଶେଷ ବିଶେଷ ଗୁଣ। ଅସ୍ପଷ୍ଟ ଅଦୃଶ୍ୟ ହୋଇଥିବା ଚିଜ ମାନ ସ୍ପଷ୍ଟ ହୁଏ, ଦୃଶ୍ୟମାନ ବି। ରଙ୍ଗୀନ ଚଷମା କଥା ଭିନ୍ନ। ଏହାର ରଙ୍ଗ ଅନୁଯାୟୀ ବସ୍ତୁର ରଙ୍ଗ ବଦଳେ। ଧୂସର, ପାଣ୍ଡୁର ପୃଥିବୀ ସବୁଜିମା ପୂର୍ଣ୍ଣ ହୋଇଯାଏ। ଚଷମାର ରଙ୍ଗ ବସ୍ତୁର ପ୍ରକୃତ ରୂପ ବଦଳାଇ ଦିଏ। ବାର୍ଦ୍ଧକ୍ୟରେ ଚଷମା ଗୋଟିଏ ଆବଶ୍ୟକତା। ଏଇଟି ଠିଆ କରାଇଦିଏ ପ୍ରାଚୀରଟିଏ। ପଛରେ ରହିଯାଏ ଛଳଛଳ ଯୌବନ, ଆଗରେ ଥାଏ ବାର୍ଦ୍ଧକ୍ୟର କାରୁଣ୍ୟ। ଠିକ୍ ସେମିତି ବାଡ଼ିଖଣ୍ଡେ। ଥୁରୁଥୁରୁ ପାଦପାଇଁ ଲୋଡ଼ା, ଶରୀର ବୋଝକୁ ବାଡ଼ିଟି ସମ୍ଭାଳିନିଏ। ଏମିତି ଚଷମା, ବାଡ଼ି କିଣାକୁ ନେଇ 'ଗପଟିଏ'। ଗାଳ୍ପିକ ରାଜକିଶୋର ରାୟ। ଏହାରି ମାଧ୍ୟମରେ ସେ ଦେଖାଇ ଦେଇଛନ୍ତି ନୈସର୍ଗିକ ପ୍ରେମର ଚିତ୍ର। ନାହିଁ କାମନା, ଉପଭୋଗର ଲିପ୍‌ସା, ରହିଛି ସ୍ୱର୍ଗମୟ ପ୍ରେମର ସ୍ୱଚ୍ଛ ମନ୍ଦାକିନୀ ଧାରା। ଦୁଇ ପ୍ରେମୀ ଯୁଗଳ, ତାଙ୍କରି ଅତୀତ କଥା। ଯୌବନର ରଙ୍ଗିମା, ମନରେ ଅସରନ୍ତି ସ୍ୱପ୍ନ, ଗୋଟେ ନୀଡ଼ ଗଢ଼ିବାର ଇଚ୍ଛା, ହେଲେ ସମୟ ପ୍ରତିବନ୍ଧକ ପାଲଟେ - ପ୍ରେମିକ, ପ୍ରେମିକାଙ୍କର ରାସ୍ତା ବଦଳିଯାଏ। ଉଭୟ ଅଲଗା ଅଲଗା ଘର ସଜାନ୍ତି। ଅତୀତ ଅତୀତରେ ରହିଯାଇଛି, ପୁଣି ମୁଣ୍ଡ ଟେକିଛି, ଉଭୟଙ୍କର ଦେଖା ଚଷମା ଦୋକାନରେ। ରୂପେଲି ସ୍ୱପ୍ନମାନେ ପୁନଃ ଆଖି ଆଗରେ ଭାସି ଯାଇଛି। ଠିକ୍ ଆଲବମ୍ର ଛବି ପରି। ସେଦିନ ଥିଲା ମୋହ, ବାସନା, ଆଜି ଅଛି ଆପଣାର ପଣ, ଏକ ନିଆରା ଅନୁଭବ। ମନରେ ଅସରନ୍ତି କଥା, କିଏ ଫେରାଇ ଦିଅନ୍ତାକି ସେ ପିଲାଦିନ ? ଗଡ଼ିଯାଉଥିବା ପାଣି, ଚାଲିଯାଉଥିବା ସମୟ ଆଉ ଫେରେନା, ପୂରା ଅଣଲେଉଟା। ତଥାପି ଏଇ ସ୍ମୃତିମାନଙ୍କୁ ପୁଞ୍ଜିକରି ବଞ୍ଚିବାକୁ ହୁଏ। ଏଇ ତ ଜୀବନ ! ଧୁ ଧୁ ବାସ୍ତବତା, ସମାଜର ଶୃଙ୍ଖଳ, ଆଦର୍ଶର ବନ୍ଧନୀ ମଧ୍ୟରୁ ମୁକୁଳି ହୁଏନା, ମୁକୁଳିବା କାଠିକର ପାଠ। ଏହା ସତ୍ତ୍ୱେ ଅତୀତ ବର୍ତ୍ତମାନକୁ ଗୋଟିଏ ବିନ୍ଦୁରେ ମିଶେଇ ଦିଅନ୍ତି ଗାଳ୍ପିକ ରାଜକିଶୋର ରାୟ। ତାଙ୍କ ଚଷମା ଗପଟି ଭାରି ମନଛୁଆଁ। କରିମ୍ ଖାଁର ଚଷମା ଦୋକାନ, ଗହଳି ଲାଗିଛି। କାଚ ବାକ୍‌ସ, ତା' ମଧ୍ୟରେ ଧାଡ଼ିଧାଡ଼ି ପ୍ରଚକ୍ଷୁ। ଚଷମା କିଣିବାକୁ ଆସିଛନ୍ତି ତରୁଣ, ତରୁଣୀ, ବୃଦ୍ଧ, ବୃଦ୍ଧାମାନେ। କିଏ ଫ୍ରେମ ପସନ୍ଦ କରୁଛି, କିଏ ଆଇନା ଆଗରେ ଚଷମା ଲଗେଇ ପରଖୁଛି। ଚଷମା ତା' ମୁହଁକୁ ସୁନ୍ଦର ଲାଗୁଛି କି ନାହିଁ, ଏକଥା କିଏ ବାନ୍ଧବୀକି ତ କିଏ ଦୋକାନୀ କରିମ ଖାଁଙ୍କୁ ପଚାରୁଛି। କରିମ୍ ଖାଁ ବୁଢ଼ା ହେଲାଣି। ବେଶ୍ ବୁଝେ କିଣାଳୀଙ୍କ ମନସ୍ତତ୍ତ୍ୱକୁ। ବୃଦ୍ଧ, ପ୍ରୌଢ଼, ଯୁବକ, କିଶୋରୀ - ଏମାନଙ୍କ ମନକଥା ତା' ନିକଟରେ ଅଛପା ନାହିଁ। ଗ୍ରାହକ ପଚାରିଲେ, ଚଷମା ବାକ୍‌ସଟି ଖୋଲି ଦିଏ। ମୁରୁକି ମୁରୁକି ହସେ, ବିଡ଼ିଧରେ, ମଝିରେ ମଝିରେ ବାଃ ବାଃ କହେ। କଦବା ତୋଫା ତୋଫା କହି ପକାଏ, 'ଲିଜିଏ' ପଦରେ କଥା ସରେ, ଏମିତି ଗ୍ରାହକର ମନ କିଣେ। ଆଉ କେତେକ ଭାରି ଫେଣେଇ ହଅନ୍ତି, ପାଞ୍ଚ ଦଶ ଫ୍ରେମ ତାଙ୍କ ମନକୁ ପାଏନା, ମଣିଷର ଚଷମା କିଣା ଗୋଟାଏ ଶିଳ୍ପ ଚେତନା। ଏଥିରେ ଊଣା ଅଧିକେ ସଭିଏଁ ପାରଙ୍ଗମ।

ସୁପ୍ରିୟ, ହାତରେ ଡାକ୍ତରଙ୍କ ପ୍ରେସ୍‌କ୍ରିପସନ୍, ଜୀବନରେ ପ୍ରଥମ ବୁଢ଼ା ଚଷମା ପିନ୍ଧିବେ। ବୟସ ତାଙ୍କର ପଇଁଚାଳିଶି ଛୁଇଁଲାଣି। କେଶ ଗୁଚ୍ଛରେ ଲାବଣ୍ୟ ନାହିଁ। ଆଖି ଦୁଇଟି ନିଷ୍ପ୍ରଭ। ମୁହଁଟି ଶ୍ରୀହୀନ। ତଥାପି ଚଷମାର ଫ୍ରେମ ବାଛି ଚାଲିଛନ୍ତି। କରିମ୍ ଖାଁ ବୁଝେଇ ଦଉଛି, ସବୁ ମାଲ୍ ଭଲ, ଲେକିନ୍ ଚଷମାର ରଙ୍ଗ, ଡିଜାଇନ, ନାଡ଼ ସରୁ କି ମୋଟା, ବାଛିବା ଦାୟିତ୍ୱ ସୁପ୍ରିୟଙ୍କର। ହଠାତ୍ ସୁପ୍ରିୟଙ୍କ ଆଖି ପଡ଼ିଗଲା ରଜନୀଗନ୍ଧାଙ୍କ ଉପରେ ! ଅତୀତର ପ୍ରେମିକା, ଏବେ ପ୍ରୌଢ଼ା, ଚଷମାର ଫ୍ରେମ୍ ଭାଙ୍ଗି ଯାଇଛି, ଆଉ ଗୋଟେ ଦରକାର। ଜୀବନର ବିସ୍ତୃତ ଭୂମି ଅତିକ୍ରାନ୍ତ। ଅସ୍ତାୟମାନ ସୂର୍ଯ୍ୟପରି ବୟସ, ଯାନ୍ତ୍ରିକ ପ୍ରୟୋଗରେ ଉଭୟ ଆଖିକୁ ଉଜ୍ଜ୍ୱଳ କରିବାର ପ୍ରଚେଷ୍ଟା। ଅନେକ ଦିନ ପରେ ଦେଖା। ଦେହରେ ସେଇ ପୁରୁଣା ରୋମାଞ୍ଚ, ଅପ୍ରକାଶ୍ୟ ଶିହରଣ। ଜୀବନଟା ଗୋଟାଏ ଚଳଚ୍ଚିତ୍ରର ଛବି, ଘଡ଼ିକି ଘଡ଼ି ବଦଳି ଚାଲେ। କେତେବେଳେ କେଉଁ ଦୃଶ୍ୟ, ଆଖିରେ ଥାଏ। ପୁନଶ୍ଚ ମିଳେଇ ଯାଏ। ଭାବି ହୁଏନା, ଭାବିଲା ବେଳକୁ ସମୟ ନଥାଏ। ଏମିତି ଉଠପଡ଼ ଜୀବନଧାରା, କେବେ ଜୁଆର, କେବେ ଭଟ୍ଟା। କେବେ ପୁନେଇଁ ରାତି ତ ଆଉ କେତେବେଳେ ଅମାବାସ୍ୟାର ଘନ ଅନ୍ଧାର। କେବେ ହର୍ଷ, କେବେ ବିଷାଦ। ଏଥିରୁ ବାଦ୍ ପଡ଼ି ନାହିଁ ସୁପ୍ରିୟ, ରଜନୀଗନ୍ଧାଙ୍କ ଜୀବନ କଥା। ତଥାପି ମନ ଉଚ୍ଛନ୍ନ, ନୂଆବର୍ଷରେ ଏକାଠି ରାତ୍ରି ଉଦ୍‌ଯାପନର ତୃଷ୍ଣା। ବିକଶିତ ଯୌବନର ହଜିଲା ସାଥୀ ରଜନୀଗନ୍ଧା, ସୁପ୍ରିୟ ମନଖୋଲି କଥା ହେବେ, ସୁଖ ଦୁଃଖ ବାଣ୍ଟିବେ। ବଖାଣିବେ ନିଜ କଥା। ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବେ, ଅନୁରୂପ ଇଚ୍ଛା ରଜନୀଗନ୍ଧାଙ୍କର। ହଜିଲା ଅତୀତକୁ ଫେରାଇ ଆଣି ହବନି। ସମାଜ ଆଖିରୁ ଏପର୍ଯ୍ୟନ୍ତ ଚଷମା ଉଠି ନାହିଁ। ସେଇଟା ସହସ୍ର ବକ୍ଷ ଧାରଣ କରେ - ଯାହାର ଦୀପ୍ତି ବଡ଼ ତେଜୀୟାନ। ଏ ଦେଶ ସମାଜ ବଡ଼ ନିଷ୍ଠୁର, କ୍ଷମାକରି ପାରିବନି ସୁପ୍ରିୟ, ରଜନୀଗନ୍ଧାଙ୍କୁ।

ପୁଣି ବର୍ଷପରେ, ଆସିଲା ନୂଆବର୍ଷ। ବୟସ ବି ଆଉ ପାଦେ ଆଗରେ। ସୁପ୍ରିୟ ବାଡ଼ି ଖଣ୍ଡେ କିଣିବେ। ଗୋଡ଼ ଥରୁଛି, ଛିଡ଼ା ହେବା ପାଇଁ ଶକ୍ତ ବାଡ଼ିଟିଏ ଜରୁରୀ। ଏବେ ଶ୍ଳଥ ଚର୍ମ, ପେଷ୍ଟଖଣ୍ଡିକ ତଳକୁ ଖସି ଯାଉଚି। ଚଷମାର କାଚ ଚକ୍ ଚକ୍ କରୁଛି। ସୁପ୍ରିୟ ମନଲାଖି ବାଡ଼ିଟିଏ କିଣିଲେ। ବାଡ଼ିଟି ବଶମ୍ବଦ ସେବକ ପାଲଟିଲା। ବୃଦ୍ଧଙ୍କ ଶରୀର ଭାରକୁ ଧାରଣ କଲା। ଦୋକାନ ଆଗରେ ରିକ୍‌ସାଟିଏ, ବସିଥିଲେ ରଜନୀଗନ୍ଧା। ତାଙ୍କର ବି ବାଡ଼ି ଖଣ୍ଡେ ଦରକାର। ହେଲେ ଦୋକାନକୁ ଉଠିବାକୁ ସାହାସ ପାଉନି, ଶରୀର ଅତ୍ୟନ୍ତ ଦୁର୍ବଳ। ସୁପ୍ରିୟର ଦରଦ ଚାହାଁଣୀ ସେଇ ବୃଦ୍ଧାଙ୍କ ଉପରେ ଆବଦ୍ଧ। ତା' ଭିତରେ ଶତ ଗିରିଗାତ୍ରକୁ ଛିନ୍ନଭିନ୍ନ କରିବା ପାଇଁ ଯେମିତି ଶକ୍ତି ଧରୁଥିଲା। ସୁପ୍ରିୟ ହାତ ବଢ଼େଇ ଦେଲେ, ରଜନୀଗନ୍ଧାଙ୍କ ହାତ ତାଙ୍କ ହାତରେ। ଦୁଇ ହାତର ସ୍ପର୍ଶ, ଦୁଇ ସ୍ତବର ହାତର କମ୍ପିତ ସ୍ପର୍ଶ। ଦୁଇଟି ଶରୀର, ଦୁଇମନ ଚମକିତ ଚକିତ। ନବବର୍ଷ ସନ୍ଧ୍ୟା ଧରଣୀ ଛୁଉଁଥିଲା। ଶୁଭୁଛି ତରୁଣ ତରୁଣୀଙ୍କର ଆନନ୍ଦ ମୁଖରିତ ସଙ୍ଗୀତ। ଶତକାରୁଣ୍ୟ ସୃଷ୍ଟି କରୁଥିଲା ଅତୀତର ଏଇ ପ୍ରେମୀ ଯୁଗଳଙ୍କ ପ୍ରାଣରେ। ବାରମ୍ବାର ଯଷ୍ଟି ଧାରଣ ପର୍ବର ପ୍ରସ୍ତାବ ରଖିଲେ ସୁପ୍ରିୟ, ମାତ୍ର ତାହା ସମ୍ଭବ ନଥିଲା। ସେ ଦିନ ଚାଲି ଯାଉଛି, ରହିଛି ଚିହ୍ନ ଯାହା !

ଜୀଇଁବାର ପିପାସା କାହାର ବା ନାହିଁ ? ଏଥିରୁ ବାଦ ପଡ଼ିନଥିଲେ ସୁପ୍ରିୟ, ରଜନୀଗନ୍ଧା। ଗତରାତିର ଝରା ଗଙ୍ଗ ଶିଉଳି, ବାସ୍ନାରେ ବିଭୋର କରୁଥିଲା ତନୁ, ମନ, ପ୍ରାଣକୁ। ବୟସ ଆଉ ସାଥୀ ହେଇ ନଥିଲା। ପୁଣି ଏକ ନବବର୍ଷର ରାତ୍ରି, ଡାକ୍ତର ନର୍ସ ସମସ୍ତେ ବ୍ୟଗ୍ର, ଉତ୍ସବ ପାଳିବେ। ଅକ୍‌ସିଜେନ ଚାମ୍ବର ମଧ୍ୟରେ ସୁପ୍ରିୟ, ରଜନୀ ଗନ୍ଧା, କେହି କାହାକୁ ଜାଣି ପାରୁନଥିଲେ, ଜାଣିବା ସମ୍ଭବ ନଥିଲା। ଡାକ୍ତର ସେନ୍ ଆଦେଶ ଦଉଥିଲେ ଲଗାଅ ଅକ୍‌ସିଜେନ - ବଞ୍ଚିବାର ଆଶା ନାହିଁ, ଏବେ ସଂଗ୍ରାମ ମରଣ ସହ, ବାଲ୍ୟ, ଯୌବନ, ପୌଗଣ୍ଡ, ପ୍ରୌଢ଼ତ୍ୱ, ସବୁ ଅବସ୍ଥା ଡେଇଁଛନ୍ତି ଏମାନେ, ତଥାପି ଶାନ୍ତିରେ ମରିବା ପାଇଁ ଇଚ୍ଛାନାହିଁ। ଚେଷ୍ଟା ଚାଲିଛି, ନର୍ସ ଡାକ୍ତର ସବୁ ସମସ୍ତେ ବ୍ୟସ୍ତ, ମନ୍ତ୍ରୀଙ୍କ ଫୋନ୍ ଉପରେ ଫୋନ୍। ସୁପ୍ରିୟ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି, ସେବାରେ ତ୍ରୁଟି ନ କରିବାକୁ ପରାମର୍ଶ ଦେଲେ ଡାକ୍ତର। ଆର ଖଟିଆରେ ବୃଦ୍ଧା ରଜନୀଗନ୍ଧା, ଅନ୍ତିମ ନିଦ୍ରା ଉପଗତ କେବଳ ସ୍ଫୁରିତ ଭ୍ରୂ, ଜୀବନ ପ୍ରଦୀପର ସ୍ତିମିତ ଦୀପ ଶିଖା, ଜଳୁଥିଲା ଦିକି ଦିକି ହେଇ। ନର୍ସଙ୍କର ନାସିକା କୁଞ୍ଚନ ଭାବ, ନବବର୍ଷ ରାତି ଗଡ଼ି ଯାଉଛି, ଉତ୍ସବମାନଙ୍କରେ କାହିଁ କେଜାଣି ଏଇ ମାନେ ଆସନ୍ତି ମରିବାକୁ ? ରଜନୀଗନ୍ଧା ଜଣେ ସମ୍ମାନସ୍ପଦା ମହିଳା। ତାଙ୍କର ସେବା ଅଣଦେଖା କରା ଯାଇ ନପାରେ ? ଡାକ୍ତର ସେନ୍, ସେଦିନ କାହିଁକି ତାଙ୍କ ମନଟି ବ୍ୟାକୁଳ ହେଇ ଆସୁଥିଲା। ସାରାଦୁନିଆ ଉତ୍ସବ ମୁଖର, ନବବର୍ଷ ପାଳନ ଚାଲିଛି ଧୁମ୍‌ଧାମରେ। ବୁଢ଼ାବୁଢ଼ୀ ଦି'ଟା, ଆଉ ମାତ୍ର କେଇ ମିନିଟ୍, ଜୀବନ ଦୀପ ନିର୍ବାପିତ ହେଇଯିବ, ଦୁଇଜଣଙ୍କ ଖଟିଆକୁ ଏକାଠି କରିଦେଲେ। ନବବର୍ଷର ଅଭିନନ୍ଦନ ଜଣାଇଲେ। ଇତି ମଧ୍ୟରେ ଚାରୋଟି ଚକ୍ଷୁ ଅନନ୍ତକାଳ ଯାଏ ଲିଭିଗଲା। ନର୍ସ ରିପୋର୍ଟ ଲେଖିଦେଲେ, ନାଁ ପଢ଼ିଲେ ସୁପ୍ରିୟ, ରଜନୀଗନ୍ଧା।

ଯୌବନ ଭାରି ଅମାନିଆ, ମାନେନା ବାଧା ବନ୍ଧନ, ଭୀରୁକୁ ସାହସୀ କରେ। ଗିରି ଲଂଘି ଯିବାର ଶକ୍ତି ଯୋଗାଏ, ରଙ୍ଗୀନ ପ୍ରଜାପତିର ମନ ନେଇ ଉଡ଼ିବାକୁ ପ୍ରେରଣା ଦିଏ। ସ୍ୱପ୍ନରେ ସ୍ୱପ୍ନରେ ବିଳସୀ କରେ, କିନ୍ତୁ କାଳ, ମହାକାଳ, କେତେବେଳେ ଶାନ୍ତ ସ୍ନିଗ୍ଧ, ପୁଣି କ୍ରୁର ନିଷ୍ଠୁର, ତା'ରି ବାହୁବଳୟ ମଧ୍ୟରେ ଲୀନ ହୁଅନ୍ତି ସଭିଏଁ। ଯୌବନର ନିଶା, ଆଶା ବି। ସ୍ୱପ୍ନ ସାକାର ହେଲେ ମଣିଷ ପାଲଟେ ଭାଗ୍ୟବାନ, ସ୍ୱପ୍ନ ଭାଙ୍ଗିଗଲେ ମାଇଲ ମାଇଲ ସାହାରାର ଧୁ ଧୁ ଯନ୍ତ୍ରଣା। ବାର୍ଦ୍ଧକ୍ୟ ଦିଏ ନୂତନ ଅନୁଭୂତି। ନଥାଏ ପ୍ରବଣତା, ଆବେଗ, ସ୍ଥିତପ୍ରଜ୍ଞ ଚେତନାଟି ସଦା ଜାଗତିଆର। ନହକି ପଡୁଥିବା ଦିହଟାକୁ ବଳ ଦିଏ ବାଡ଼ିଖଣ୍ଡେ। ଚଷମା; ଆଖି ଉପରେ ଆଉ ଦି'ଟା ଆଖି। ଝାପ୍‌ସା, ମଳିନ, ବିଷଣ୍ଣ ଅତୀତକୁ ନୂଆକରି ଦେଖାଇ ଦିଏ। ଦୁଇ ମିଳନାକାଙ୍କ୍ଷୀ ପ୍ରାଣକୁ ଏକ ହବାର ମାଧ୍ୟମ ଚଷମା ଆଉ ବାଡ଼ି। ଲିଭିଲିଭି ଆସୁଥିବା ଅତୀତକୁ ଝଲସେଇ ଦିଏ 'ଚଷମା'।

ଝରି ଯାଉଥିବା ସ୍ମୃତିକୁ ଦମ୍ଭ କରିଦେଇଛି ବାଡ଼ି ଖଣ୍ଡେ। ଯୌବନରେ ଯାହା ସମ୍ଭବ ନଥିଲା, ପ୍ରୌଢ଼ାବସ୍ଥାରେ ସତ ହେଇଛି। ନୀଡ଼ହଜା ଦୁଇପକ୍ଷୀ। ଆଜି ପାଇଛନ୍ତି ଆପଣାର ଠିକ ଠିକଣା। ଜାଣିନାହାନ୍ତି, କିନ୍ତୁ ଡାକ୍ତରଖାନା ପାଲଟିଛି ମିଳନର କକ୍ଷ। ଦୂରରୁ ଶୁଭୁଥିଲା ନବବର୍ଷର ରାଶି ରାଶି ରାଗିଣୀ। ପ୍ରାଣପକ୍ଷୀ ଦ୍ୱୟ ଉଡ଼ି ଚାଲିଥିଲା, କେଉଁ ଅଦୃଶ୍ୟ ଇଲାକାକୁ। ଏଇ କଥାଟି ଚଷମା ଗଳ୍ପର ଅନ୍ତଃସ୍ୱର। ଯୌବନର ପ୍ରେମ, କାମ ମିଶ୍ରିତ, ବାର୍ଦ୍ଧକ୍ୟର ଭଲପାଇବା ଶାଶ୍ୱତ, ଅବିନେଶ୍ୱର। ଯାହା ସମୀମରେ ଅପରିକଳ୍ପନୀୟ, ତାହା ସାକାର ହୁଏ ଅମୀମରେ। ଦୃଶ୍ୟମାନ ଜଗତର ପାର୍ଥିବ କାମନା। ଶୂନ୍ୟ ଇଲାକାର ଅପାର୍ଥିବ ମିଳନରେ ତା'ର ସମାପ୍ତି। ସେଇ ଅଦେଖା ରାଇଜକୁ ଦେଖି ହୁଏ। 'ଚଷମା'ଟି ତା'ରି ମାଧ୍ୟମ।

ସା/ପୋ: ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା
ମୋ: ୯୪୩୭୦୮୮୦୩୯

ମୃତ୍ୟୁକୁ ଆପଣାଉଥିବା ଲୋକଙ୍କ ଆୟୁଧ

ବିପିନ ବିହାରୀ ମହାନ୍ତି

ଧୂମ୍ରପାନ ପୁରୁଣା କଥାଟିଏ ସତର୍କକତା କରି ଲୋକେ କହନ୍ତି : ପାନବିଡ଼ି ନୁହେଁ ଛୋଟିଆ ନିଶା, ଜଣାପଡ଼େ ନାହିଁ ଟାଣେ ପଇସା । ଏଠି କେବଳ ପଇସା ଖର୍ଚ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି । ରୋଗ ବା ସ୍ୱାସ୍ଥ୍ୟକଥା ନୁହେଁ, କିନ୍ତୁ ଏ ନିଶା ଏକ ଭୟଙ୍କର ଜୀବନ ଘାତକ, ତାହା ଆବାଳ ବୃଦ୍ଧବନିତା ଜାଣିବାଉଚିତ୍।

ଆମେ ଯେତେ ନିଶା ଖାଉ, ତା ମଧ୍ୟେରେ ଧୂମ୍ରପାନ ଅନ୍ୟତମ । ଧୂମ୍ରପାନ ତମାଖୁ ସେବନର ଅନ୍ତର୍ଗତ । ସିଗାରେଟ୍, ବିଡ଼ି ଏବଂ ପିକା ଇତ୍ୟାଦି ସମାଜର ଅଶେଷ କ୍ଷତି କରୁଥିଲେ ହେଁ; ଏହାକୁ ନିଷେଧ କରିବାରେ ସେମିତି କିଛି ଆଖି ଦୃଶିଆ କଡ଼ା ଆଇନ୍ ନାହିଁ । ତମାଖୁ ସେବନ ଏବଂ ଧୂମ୍ରପାନ କାରଣୁ ଅଧୁନା ପୃଥବବୀରେ ପ୍ରତି ଦଶ ସେକେଣ୍ଡରେ ଜଣେ ମରୁଛନ୍ତି, ଆଶା କରାଯାଏ ଯେ, ଏହାର ବହୁଳ ବ୍ୟବହାର ଉପରେ ଲଗାମ ନଲଗାଇଲେ ଅଥବା ଏହାକୁ ସଂପୂର୍ଣ୍ଣ ବାରଣ ନକଲେ, ପ୍ରତିସେକେଣ୍ଡରେ ଜଣେ ଲେଖାଏଁ ମରିବା ସୁନିଶ୍ଚିତ । ଆମ ଭାରତରେ ତମାଖୁ ସେବନ ଜନିତ ସଂଖ୍ୟା ଏବେ ୧୨କୋଟିରୁ ଉର୍ଦ୍ଧ୍ୱ ଏବଂ ଏଥିରେ ପ୍ରତିବର୍ଷ ମରନ୍ତି ପ୍ରାୟ ନଅକୋଟି । ଏକ ସ୍ୱାସ୍ଥ୍ୟ ସୂଚନାରୁ ଜଣା ପଡ଼ିଛି ଯେ, ଭାରତର ୬୦ଲକ୍ଷ ହୃଦ୍‌ରୋଗୀମଧ୍ୟରୁ ୩୦ଲକ୍ଷ ହୃଦ୍‌ରୋଗୀ ହେଉଛନ୍ତି ତମାଖୁ ବା ଧୂମ୍ରପାନ ସେବନ ଜନିତ ରୋଗୀ । ଭାରତରେ ଥିବା କର୍କଟ ରୋଗୀଙ୍କ ମଧ୍ୟରେ ୯୦% ତମାଖୁ ସେବନ ଜନିତ କର୍କଟ ରୋଗୀ, ମୁଖଗହ୍ୱର କର୍କଟ ରୋଗର ମୁଖ୍ୟ କାରଣ । ଯଦି ସତର୍କତା ଅବଲମ୍ବନ କରାନଯାଏ ତେବେ ନିକଟ ଭବିଷ୍ୟତରେ ଏହା ଆଶାତୀତ ଭାବେ ବୃଦ୍ଧି ପାଇବ । ତମାଖୁରେ ୭୦୦୦ ପ୍ରକାର ରାସାୟନିକ ପଦାର୍ଥ ଅଛି ଯାହା ମଧ୍ୟରୁ ଅଧିକାଂଶ ଉପାଦଳନା ପ୍ରବେଶ କରି ବଭିନ୍ନ ରୋଗର କାରଣ ହୋଇଥାଏ । ଏହା ଶରୀରକୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ପ୍ରଭାବିତ କରିବା ସହ କର୍କଟ, ହୃତ୍‌ପିଣ୍ଡ ସଂକ୍ରାନ୍ତୀୟରୋଗ, ଫୁସ୍‌ଫୁସ୍ ଜନିତ ରୋଗ ଏବଂ ହୃତ୍‌ଘାତରେ କାଁରଣ ହୋଇଥାଏ । ଶୁଣି ଆଶ୍ଚର୍ଯ୍ୟ ହେବେ ଯେ, ବିଶ୍ୱର ସର୍ବାଧିକ ମୁଖ କର୍କଟ ରୋଗୀ ଭାରତରେ ହିଁ ଅଛନ୍ତି । ଏହାର ମୁଖ୍ୟ କାରଣ ସେହି ଧୂମ୍ରପାନ ଏବଂ ତମାଖୁ ସେବନ । ଏବେ କଅଁଳ ବୟସର ପିଲାମାନେ ବିଶେଷକରି ୧୩-୧୫ ବର୍ଷର ପିଲାଏ ସର୍ବାଧିକ ଧୂମ୍ରପାନ କରୁଛନ୍ତି । ଏହା ଏମିତି ଏକ ନିଶା ଯାହା ଥରେ ମାତ୍ର ଅଭ୍ୟାସ ରତ ହୋଇଗଲେ, ସାରା ଜୀବନ ଛାଡ଼ି ହୁଏନାହିଁ ଏବଂ ତାହା ତୁମକୁ ଗୋଡ଼ାଇ ଗୋଡ଼ାଇ ଖାଏ।

ଗବେଷଣାରୁ ଜଣାପଡ଼ିଛି ଯେ, ପ୍ରତିଟି ସିଗାରେଟ୍ ସେବନ ଦ୍ୱାରା ମଣିଷର ଆୟୁ ୫ମିନିଟ୍ କମିଥାଏ । ଖଣ୍ଡିଏ ହୁକା ଟାଣିଲେ ୧୧ମିନିଟ୍ ଆୟୁ କମେ ଯାହାକି ୨୦ଟି ବିଡ଼ି ଟଣା ସହିତ ସମାନ । ଏହା ଅର୍ଥ ନୁହେଁ ବିଡ଼ିରେ କମ୍ ନିକୋଟିନ୍ ଅଛି ବୋଲି ତାକୁ ଖାଇବା । ଆମେ ମନେ ରଖିବା ଉଚିତ୍ ଯେ ପ୍ରାଣଘାତୀ ଆକ୍ରମଣ ପାଇଁ ଟୋପାଏ ବିଷ ପାନ ଯେପରି, ସେମିତି ବିଡ଼ି ଓ ସିଗାରେଟ୍ ଖାଉଥିବା ଲୋକଙ୍କ କଥା । ବିଡ଼ି ବା ସିଗାରେଟ୍ ଅଭ୍ୟାସ କରୁଥିବା ଲୋକଙ୍କର ଆୟୁଷର ୬ରୁ ୧୦ ପୂର୍ବରୁ ମୃତ୍ୟୁବରଣ ହୋଇଥାଏ ।

ଏବେ ତ ଉଭୟ ପୁରୁଷ ଏବଂ ମହିଳା ମାନେ ତମାଖୁ ସହିତ ଧୂମ୍ରପାନ କରୁଛନ୍ତି । ଆମ ଭାରତରେ ଏହିପରି ପୁରୁଷ ସେବନକାରୀ ସଂଖ୍ୟା ୫୬.୪% ଏବଂ ନାରୀ ମାନଙ୍କ ସଂଖ୍ୟା ୪୪.୬% । ଆମ ଦେଶରେ ଏକ ତୃତୀୟାଂଶ ଜନସଂଖ୍ୟା ଏଥିରେ ଅଭ୍ୟସ୍ତ ।

ବିଶ୍ୱ ତମାଖୁ ସର୍ବେକ୍ଷଣ ୨୦୧୦ ଅନୁସାରେ ଯୁବକମାନଙ୍କର ୫୨% ଘରେ, କର୍ମକ୍ଷେତ୍ରରେ ୩୦% ଏବଂ ଜନତା ପରିବହନରେ ୧୭.୫% ତମାଖୁ ସେବନ ପ୍ରତି ଉନ୍ମୁକ୍ତ ଅଟନ୍ତି । ଉଲ୍ଲେଖ୍ୟ ଯୋଗ୍ୟ ଯେ ଯେଉଁମାନେ ଏହାକୁ ସେବନ କରନ୍ତି, ସେମାନେ ତ ଏହାର ଶିକାର ହୁଅନ୍ତି, ତାଙ୍କ ସହିତ ବା ତାଙ୍କ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତି, ଗର୍ଭବତୀ ମହିଳା ଓ ଶିଶୁ ଯେଉଁମାନେ ଅଣ ଧୂମ୍ରପାନକାରୀ ସେମାନେ ଘରେ ବା' କର୍ମ କ୍ଷେତ୍ରରେ ଯେଉଁଠି ଥାଆନ୍ତି, ୨୫.୩୦% ହୃଦରୋଗ ଏବଂ ୨୦-୩୦% ଫୁସ୍‌ଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୁଅନ୍ତି । ଅନ୍ତରାଷ୍ଟ୍ରୀୟ ଗବେଷଣାରୁ (ଏସ୍.ଏଚ୍.ଏସ୍) ଏହା ମଣିଷ ପାଇଁ ପଦାଙ୍କିତ କାରଣ ହୋଇଛି । ଏସ୍.ଏଚ୍.ଏସ୍‌ରେ ୭୦୦୦ ବିଷାକ୍ତ ରାସାୟନିକ ମଧ୍ୟରୁ ୬୯ ଗୋଟି କର୍କଟ ରୋଗର କାରଣ ।

ନିକଟରେ ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ତମାଖୁ ସେବନ କାରଣରୁ ଆମେରିକାରେ ପ୍ରତିବର୍ଷ ପ୍ରାୟ ପାଞ୍ଚଲକ୍ଷ ଲୋକ କ୍ୟାନ୍‌ସରର ଶିକାର ହୋଇଥାଆନ୍ତି । ଆମେରିକାର ରୋଗ ନିୟନ୍ତ୍ରଣ ଓ ମୁକାବିଲା କେନ୍ଦ୍ର (ସିଡ଼ିସି)ର ତଥ୍ୟାନୁଯାୟୀ କ୍ୟାନ୍‌ସର ଅର୍ଦ୍ଧାଧିକ ମାମଲା ଫୁସ୍‌ଫୁସ୍ ଓ ଶ୍ୱାସନଳୀ ସମ୍ବନ୍ଧିତ । ଏତଦ୍ ଭିନ୍ନ ମୁହଁ, ପେଟ ଓ କିଡ଼୍‌ନୀ କ୍ୟାନସର ହେବାର ସମ୍ଭାବନା ମଧ୍ୟ ତମାଖୁ ସେବନରୁ ବୋଲି ସତର୍କ କରାଯାଇଛି । ଦେଶର ଆର୍ଥିକ କ୍ଷେତ୍ରରେ ଏହାର ପ୍ରଭାବ ମଧ୍ୟ ବେଶ୍ କ୍ଷତିକାରକ; ପାଖାପାଖି ୧୬୭ ଶହ କୋଟି ଡ଼ଲାର ।

ଏସ୍.ଏଚ୍.ଏସ୍ ପ୍ରତି ଉନ୍ମୁକ୍ତ ପିଲାମାନେ ହଠାତ୍ ପ୍ରାଥମିକ ଲକ୍ଷଣ ସହ (ଏସ୍.ଆଇ.ଡ଼ି.ଏସ୍) ତୀବ୍ର ଶ୍ୱାସ, କଣ୍ଠ ସମସ୍ୟା, ଶ୍ୱାସନଳୀ ପ୍ରଦାହ ଏବଂ ଅତିଶୟ ଆଜମୀ ନିମନ୍ତେ ବର୍ଦ୍ଧିତ ବିପଦରେ ଥାଆନ୍ତି । ଏସ୍.ଏଚ୍.ଏସ୍ ପ୍ରତି ଯୁବକ ମାନଙ୍କର ଉନ୍ମୁକ୍ତ, ହୃତପିଣ୍ଡ ଓ ଧମନୀ ରୋଗ, କୋରରୋନରୀ ହୃଦୟ ରୋଗ ଏବଂ ବାୟୁ କୋଷ ଫୁସ୍ ଫୁସ୍ କର୍କଟର କାରଣ ହୋଇଥାଏ ।

୨ ଅକ୍ଟୋବର ୨୦୦୮ ରେ ଭାରତ ସରକାର ସର୍ବ ସାଧାରଣ ସ୍ଥାନରେ ଧୂମ୍ରପାନ ନିଷେଧ" ଉପରେ ସଂଶୋଧିତ ଆଇନ୍ ଲାଗୁ କରିଛନ୍ତି । ଏହା ଏକ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କରିଛନ୍ତି । ସର୍ବସାଧାରଣ ସ୍ଥାନରେ ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କୁ ୨୦୦ଟଙ୍କା ଜୋରିମନା ଦେବାର ନିୟମ ଥିଲା ଏହାକୁ ଧରାଇଦେବାରେ ସ୍ୱାସ୍ଥ୍ୟ ଓ ଗୃହ ବିଭାଗ ତରଫରୁ କର୍ମଚାରୀମାନଙ୍କୁ ନେଇ ସ୍ୱେଚ୍ଛାସେବା ସଂଗଠନ ମାଧ୍ୟମରେ ବ୍ୟବସ୍ଥା ଅଛି । ସରକାରୀ କର୍ମଚାରୀ ତାଙ୍କ କାର୍ଯ୍ୟାଳୟରେ ଧୂମ୍ରପାନ କଲେ ୫୦୦ଟଙ୍କା ଏବଂ ଦୁଇଜଣ ମିଶି ଧୂମ୍ରପାନ କଲେ ୧୦ ହଜାର ଟଙ୍କାର ଜୋରିମାନା କଥା ବି ଅଛି ।

ଏସବୁ ସତ୍ତ୍ୱେ ଧୂମ୍ରପାନକାରୀଙ୍କ ସଂଖ୍ୟା ବଢ଼ି ରହିଛି । ଆଇନ୍ ତା' ପୋଥି ଭିତରେ ନୀରବ । କର୍ମୀଙ୍କ କଥା ଛାଡ଼ । ମଦ କୁହେ; ତୁମେ ମାନେ ମୋତେ ଖାଉନ, ମୁଁ ତୁମକୁ ଖାଉଛି । ଏବେ ଧୂମ୍ରପାନ କଥା ସେୟା, ଆମେ କ'ଣ କହିବା ଯେ ଧୂମ୍ରପାନ ଆମକୁ ଖାଉ !

ଧୂମ୍ରପାନ ନିଷେଧ ପାଇଁ ଆମ ଜାତୀୟ ସରକାର ନାନାବିଧ ପଦକ୍ଷେପ ନେଇଛନ୍ତି । ସିଗାରେଟ୍ ଟାଣିବା ଓ ତମାଖୁ ଚୋବାଇବାରେ କଡ଼ା କଟକଣା ଜାରିକରିବାରେ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ତରଫରୁ ଏକ କମିଟି ଗଠନ କରାଯାଇଥିଲା । ଗତ ସେପ୍ଟେମ୍ବର ୨୦୧୪ରେ କମିଟି ତାଙ୍କ ସୁପାରିଶ ଦେଇଛନ୍ତି । ଏହା ଏକ ସ୍ପର୍ଶକାତର ବିଷୟ ହେତୁ ଆଗାମୀ ଶୀତକାଳୀନ ଅଧିବେଶନରେ ସଂସଦରେ ପାରିତ ହୋଇ ନିୟମରେ ପରିଣତ ହେବାର ଅଛି । ଏହା ଯଦିହୁଏ, ତେବେ ପୂର୍ବ ଆଇନ୍‌ର ସଂଶୋଧିତ ରୂପରେ ସର୍ବସାଧାରଣ ସ୍ଥାନରେ ଧୂମ୍ରପାନକଲେ ପୂର୍ବ ପ୍ରଚଳିତ ୨୦୦ ଟଙ୍କା ପରିବର୍ତ୍ତେ ଏହା ୨୦ ହଜାର ଟଙ୍କା ଜୋରିମନା ହେବ । ସିଗାରେଟ୍‌ର ବ୍ୟବହାର ରୋକିବା ଏବଂ ହ୍ରାସପାଇଁ ଏଣିକି ପ୍ୟାକେଟ୍‌ରୁ ଖୋଲି କେହି ଖୁଚୁରା ବିକିପାରିବେ ନାହିଁ କାରଣ ଖୋଲା ସିଗାରେଟ୍ ପାନ ବିଡ଼ି ସିଗାରେଟ୍ ଦୋକାନରେ ଅଧିକ ବିକ୍ରି ହୋଇଥାଏ । ତେବେ ପ୍ୟାକେଟ୍ ବିକ୍ରି ଉପରେ ବି ପ୍ରଶ୍ନବାଚୀ ଅଛି । ପ୍ୟାକେଟ୍‌ଟିଏ ପାଖରେ ଥିଲେ ଅଧିକ ପିଇବାକୁ ଇଚ୍ଛାହୁଏ । ପୁନଶ୍ଚ କଂପାନୀମାନଙ୍କୁ ସତର୍କ କରାଇ କୁହାଯାଇଛି ଯେ ସେମାନେ ପ୍ୟାକେଟ୍ ଉପରେ ୮୦% ସ୍ଥାନରେ ବୈଧାନିକ ସତର୍କତାସ୍ୱରୂପ ଫଟୋ ସହିତ ଚେତାବନୀକୁ ଦୃଶ୍ୟମାନ ବଡ଼ ଆକାରରେ ସ୍ଥାନିତ କରିବେ । ପୂର୍ବରୁ ଏହାକୁ ଖିଲାପ କଲେ ୫୦୦୦ ଟଙ୍କା ଜୋରିମନା ଦେବାକୁ ଥିଲା । ଏବେ ଏହାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଖାଲି ସେତିକି ନୁହେଁ, ତମାଖୁ ସେବନ ନିମନ୍ତେ ସର୍ବନିମ୍ନ ବୟସ୍ ୧୮ରୁ ୨୫କୁ ବୃଦ୍ଧି କରାଯାଇଛି । ଏହା କେତେଦୂର କାର୍ଯ୍ୟକାରୀ, ହେବ ତାହା କେବଳ ଦେଖିବାକୁ ରହିଲା ।

ପ୍ରତିବର୍ଷ ୧୧ଅକ୍ଟୋବରକୁ ଧୂମ୍ରପାନ ନିଷେଧ ଦିବସ ରୂପେ ପାଳନ କରିବାକୁ ଘୋଷଣା କରିଛନ୍ତି । ଏହା ମାଧ୍ୟମରେ ଛାତ୍ର ଛାତ୍ରୀ, ଶିକ୍ଷକ, ବୁଦ୍ଧିଜିବୀ ଏବଂ ସର୍ବ ସାଧାରଣ ମଧ୍ୟରେ ସଚେତନ ସୃଷ୍ଟିକରାଇ ଧୂମ୍ରପାନ ସେବନରୁ ନିବୃତ୍ତ କରାଇବାକୁ ପ୍ରବର୍ତ୍ତାଉଛନ୍ତି ।

ଧୂମ୍ରପାନ କେବଳ ଆମ ରୋଗର ଏକ ମାରତ୍ମକ କାରଣ ନୁହେଁ । ଏହା ଏକ ନିହାତି ଅସଭ୍ୟତା ଏବଂ ଅଭଦ୍ରତା । ଏ ନେଇ ଗାନ୍ଧି କହିଛନ୍ତି ।

ଯେବେଠାରୁ ମୁଁ ବଡ଼ ହୋଇଛି, ମୁଁ କେବେବି ଧୂମ୍ରପାନ କରିବାକୁ ଇଚ୍ଛା କରିନାହିଁ ଏବଂ ସର୍ବଦା ଧୂମ୍ରପାନ ଅଭ୍ୟାସକୁ ଅସଭ୍ୟ, ଘୃଣ୍ୟ ଓ କ୍ଷତିକାରକ ବୋଲି ବିବେଚନା କରିଛି । ମୁଁ କେବେବି ବୁଝିପାରିନାହିଁ ଯେ ସମଗ୍ର ବିଶ୍ୱରେ ଧୂମ୍ରପାନ ପାଇଁ ଏତେ ଆବେଗ କାହିଁକି ? ଧୂମ୍ରପାନ କରୁଥିବା ଲୋକମାନଙ୍କ ଦ୍ୱାରା ପୂର୍ଣ୍ଣ ହୋଇଥିବା ଏକ ରେଳଡ଼ବାରେ ବସିବାକୁ ମୁଁ ସହ୍ୟ କରିପାରିବି ନାହିଁ । -ସତ୍ୟ ସହିତ ମୋ ପରୀକ୍ଷା ।

ସଂକ୍ଷେପରେ ଏତିକି କହିବା ଯେ, ଯାହା ଯେଉଁ କାରଣରୁ ହେଉପଛେ ଯଦି ଆମପ୍ରତି ହାନୀକାରକ, ତାହା ଅଭ୍ୟାସ ଥିଲେ ତାକୁ ତୁରନ୍ତ ବର୍ଜନ କର । ଅଭ୍ୟାସ ନଥିଲେ ନିଆଁଠୁ ଦୂରେଇଲା ପରି, ତା'ଠୁ ନିରାପଦ ଦୂରତାରେ ରୁହ । ନିଜେ ବଂଚିଥିଲେ ଯୁଗରାଇଜ ଭୋଗକରିବା ସତ । ଏହି କାରଣରୁ କୁହାଯାଇଛି:ସ୍ୱାସ୍ଥ୍ୟହିଁ ସଂପଦ ।

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା, ପ୍ରତିଷ୍ଠାନ
ବିପିନ ବିହାରୀ ପାଠାଗାର, ଜଟଣୀ

MARKETS TODAY | ପୁଞ୍ଜିବଜାର ହାଲଚାଲ

SENSEX	31,814.22 + 222.19 (0.70%)
NIFTY	9,979.70 + 91.00 (0.92%)

ଟଙ୍କାର ବିନିମୟ ମୂଲ୍ୟ

୧ ଡଲାର=୬୫.୪୪ପଇସା

ତିନି ମାସ ମଧ୍ୟରେ ଆରମ୍ଭ ହେବ ନଦୀ ସଂଯୋଗୀକରଣ : ଗଡକରୀ



ନୂଆଦିଲ୍ଲୀ, ୧୦/୧୦(ଏଜେନ୍ସି): କେନ୍ଦ୍ରୀୟ ମନ୍ତ୍ରୀ ନିତୀନ ଗଡକରୀ କହିଛନ୍ତି ଯେ କେନ-ବେତବା, ତାପି-ନର୍ମଦା, ଦମନ-ଗଙ୍ଗା ପିଞ୍ଜାଲ ନଦୀକୁ ସଂଯୋଗୀକରଣ ଯୋଜନା ତିନି ମାସ ମଧ୍ୟରେ ଆରମ୍ଭ ହେଇଯିବ । ଭାରତ ଜଳ ସପ୍ତାହ ସମ୍ମିଳନୀ ୨୦୧୭ରେ ସମ୍ବୋଧିତ କରି ଗଡକରୀ କହିଥିଲେ ଯେ ବନ୍ୟା ଓ ମରୁଡିରୁ ନିସ୍ତାର ପାଇବାକୁ ନଦୀ ସଂଯୋଗୀକରଣ ଯୋଜନା ବହୁ ମହତ୍ତ୍ୱପୂର୍ଣ୍ଣ ଅଟେ । ଦେଶରେ ୩୦ଟି ନଦୀକୁ ସଂଯୋଗୀକରଣର ମଞ୍ଜୁରୀ ଦିଆଯାଇଛି । ତନ୍ମଧ୍ୟରୁ ତିନୋଟି ଯୋଜନା କେନ - ବେତବା ନଦୀକୁ ସଂଯୋଗ, ତାପି ଓ ନର୍ମଦା ନଦୀ ସଂଯୋଗ ଓ ଦମନ ଗଙ୍ଗା ଓ ପିଞ୍ଜାଲ ନଦୀ ସଂଯୋଗ ଯୋଜନାକୁ ତିନି ମାସ ମଧ୍ୟରେ ଆରମ୍ଭ କରାଯିବ । ସେହିପରି ଜଳସେଚନ ଯୋଜନା ସଂଦର୍ଭରେ ସେ କହିଥିଲେ ଚଳିତ ବର୍ଷ ପ୍ରଧାନମନ୍ତ୍ରୀ କୃଷି ସେଚନ ଯୋଜନା ସହ ଜଡିତ ଥିବା ୨୭ଟି ଯୋଜନାକୁ ପୂର୍ଣ୍ଣ କରାଯାଇ ସାରିଲାଣି । ଆସନ୍ତା ବର୍ଷ ଆହୁଣି ୨୮୫ଟି ନୂଆ ସେଚନ ଯୋଜନାକୁ କାର୍ଯ୍ୟକାରୀ କରାଯିବ ଯାହା ମାଧ୍ୟମରେ ୧ କୋଟି ୮୮ ଲକ୍ଷ ହେକ୍ଟେର ଭୂମିରେ ସେଚନରେ ସୁବିଧା ସହ ଯୋଡା ଯାଇପାରିବ । ଜଳସେଚନ ସମୟରେ ଅଧିକ ମାତ୍ରାରେ ଜଳ ବଞ୍ଚାଇବା ପ୍ରତି ସରକାର ଜୋର ଦେଇ ଆସୁଅଛି । ନୀତନ ଗଡକରୀ ଆହୁରି କହିଥିଲେ ଯେ ପାଣି, ବିଜୁଳି, ପରିବହନ ଓ ସଂଚାର ବିକାଶର ଚାରୋଟି ପ୍ରମୁଖ ସ୍ତମ୍ଭ । ତାଙ୍କ ସରକାର ପ୍ରତ୍ୟେକ ପରିବାରକୁ ସୁରକ୍ଷିତ ପାନୀୟ ଜଳ ପହଞ୍ଚାଇବା ସହ ସମସ୍ତ ଖେତକୁ ସେଚନର ସୁବିଧା ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ଅଛି । ଏହି ଦିଗରେ ନିକଟରେ ମାନନୀୟ ପ୍ରଧାନମନ୍ତ୍ରୀ ମୋଦି ସରଦାର ସରୋବର ଯୋଜନାର ଶୁଭାରମ୍ଭ କରିଥିଲେ ଯେଉଁଥିରେ ସାଢେ ଚାରି କୋଟି ଲୋକଙ୍କୁ ପାନୀୟଜଳ ଓ ୮ଲକ୍ଷ ହେକ୍ଟର ଭୂମିରେ ସେଚନ ଯୋଗାଇବ ।

ୟୁପି ସ୍କୁଲ ନିକଟରେ ବିଷାକ୍ତ ଗ୍ୟାସ୍ ଲିକ୍

୩୦୦ରୁ ଉର୍ଦ୍ଧ୍ୱ ପିଲା ଅସୁସ୍ଥ

ସାମିଲ,୧୦/୧୦ (ଏଜେନ୍ସି): ଉତ୍ତରପ୍ରଦେଶ ସାମଲି ଜିଲ୍ଲାରେ ଥିବା ଏକ ଚିନି ମିଲ୍‌ରୁ ମଙ୍ଗଳବାର ବିଷାକ୍ତ ଗ୍ୟାସ୍ ଲିକ୍ ହୋଇ ୩୦୦ରୁ ଉର୍ଦ୍ଧ୍ୱ ପିଲା ଅସୁସ୍ଥ ହୋଇ ପଡିଛନ୍ତି। ଚିନି ମିଲ୍ ନିକଟରେ ଥିବା ସରସ୍ୱତୀ ଶିଶୁ ମନ୍ଦିର ପିଲାମାନଙ୍କର ପେଟ, ଗଳା, ଆଖି, ଛାତି ଓ ଶରୀରର ବିଭିନ୍ନ ଅଙ୍ଗରେ ଜଳାପୋଡା ଆରମ୍ଭ ହେବାରୁ ସେମାନଙ୍କୁ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ୧୫୦ରୁ ଉର୍ଦ୍ଧ୍ୱ ପିଲାଙ୍କୁ ମୁଜାଫରନଗର ଏବଂ ମୀରପୁଟ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି। ସୂଚନାଯୋଗ୍ୟ ଯେ, ଗ୍ୟାସ୍ ଲିକ୍‌ରେ ଅସୁସ୍ଥ ହୋଇଥିବା ପିଲା ଯେଉଁ ସ୍କୁଲରେ ପଢୁଥିଲେ ସେହି ସ୍କୁଲ ପାଖରେ ଏହି ଚିନି ମିଲ୍ ଥିଲା। ମଙ୍ଗଳବାର ସକାଳୁ ସ୍କୁଲକୁ ଯାଉଥିବା ସମୟରେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ସ୍କୁଲ ନିକଟରେ ଥିବା ଚିନି ମିଲର କର୍ମଚାରୀମାନେ ରାସ୍ତାପାର୍ଶ୍ୱରେ କିଛି ରାସାୟନିକ ଦ୍ରବ୍ୟ ଫିଙ୍ଗି ଦେଇଥିଲେ। ଏହି ରାସାୟନିକ ଦ୍ରବ୍ୟରୁ ବାହାରୁ ଥିବା ବାଷ୍ପ ପ୍ରଭାବରେ ପିଲାଙ୍କର ଛାତି ଓ ଗଳାରେ ପୋଡାଜଳା ହୋଇଥିଲା। ଆଉ କେତେକ କହୁଛନ୍ତି, ଏହି ଚିନି ମିଲରୁ କୌଣସି କାରଣରୁ ଗ୍ୟାସ୍ ଲିକ୍ ହୋଇଯିବା ଫଳରେ ଏଭଳି ଅଘଟଣ ଘଟିଥିଲା। କାରଖାନାକୁ ସିଲ୍ କରାଯାଇଛ । ଏହି ଘଟଣା ସମ୍ପର୍କରେ ଖବର ପାଇବା ପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସମସ୍ତ ଶିଶୁଙ୍କୁ ଯଥା ସମ୍ଭବ ସାହାଯ୍ୟ ଓ ସୁବିଧା ଯୋଗାଇ ଦିଆଯିବା ନେଇ କମିଶନର, ଡିଏମ ଓ ସମସ୍ତ ସ୍ଥାନୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜାପାନରେ ବାଜିଲା ନିର୍ବାଚନ ବିଗୁଲ

ସ୍ଥିରତାର ପ୍ରତିଶ୍ରୁତି ଦେଲେ ସିଞ୍ଜୋ ଆବେ

ଟୋକିଓ, ୧୦/୧୦(ଏଜେନ୍ସି): ଜାପାନ ସଂସଦର ତଳ ସଦନ ପାଇଁ ଆସନ୍ତା ଅକ୍ଟୋବର ୨୨ ତାରିଖରେ ହେବାକୁ ଥିବା ନିର୍ବାଚନ ଲାଗି ୧୨ ଦିନର ପ୍ରଚାର ଅଭିଯାନ ଆରମ୍ଭ ହୋଇଯାଇଛି । ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ଶାସନରେ ଥିବା ଦଳ ବିପକ୍ଷ ଦଳ ପୁଣିଥରେ ଏକଜୁଟ ହେବାରୁ ତୀବ୍ର ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହେବାକୁ ପଡୁଅଛି। ମତଦାତାଙ୍କ ସମର୍ଥନ ହାସଲ କରିଥିବାରୁ ଆବେ ଓ ତାଙ୍କ ଦଳ ଜାପାନରେ ସ୍ଥିର ନେତୃତ୍ୱର ପ୍ରତିବଦ୍ଧତା ଦର୍ଶାଇଥିଲେ । ଏହାସହ ଉତ୍ତର କୋରିଆ ବିପକ୍ଷରେ ନିଜର କଡା ଆଭିମୁଖ୍ୟ ଆପେଣେଇ ବାର ପ୍ରତିଶ୍ରୁତି ଦେଇଛନ୍ତି। ଏହାସହ ଆବେ କହିଥିଲେ ଯେ ସାମାଜିକ ସୁରକ୍ଷା ସୁଧାର ଯୁବ ପିଢିଙ୍କ ଉପରେ ବୋଝ କମ କରିବ । ଏହାସହ ସେ କହିଥିଲେ ଯେ ଆମେ ଦମ୍ଭର ସହ ଛିଡା ହେଇଛୁ । ହୋହାଲ୍ଲା ବଦଳରେ ଆମ ପାଖଷର ନୀତି ରହିଅଛି ଯାହା ଭବିଷ୍ୟତର ରାସ୍ତା ଖୋଲିବାର ସହାୟକ ହେପ ।

ଗୁଜୁରାଟ ପରେ ମହାରାଷ୍ଟ୍ରରେ ପେଟ୍ରୋଲ ଓ ଡିଜେଲ୍ ମୂଲ୍ୟ ହ୍ରାସ

ମୁମ୍ବାଇ,୧୦/୧୦ (ଏଜେନ୍ସି): ଗୁଜୁରାଟ ପରେ ମହାରାଷ୍ଟ୍ରରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ହ୍ରାସ କରାଯାଇଛି। ପେଟ୍ରୋଲ ଲିଟର ପିଛା ୨ଟଙ୍କା ଡିଜେଲ୍ ଲିଟର ପିଛା ୧ ଟଙ୍କା ହ୍ରାସ ହେବା ନେଇ ମଙ୍ଗଳବାର ମହାରାଷ୍ଟ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ମଧ୍ୟରାତ୍ରୀରୁ ଏହା ଲାଗୁ ହେବ।

ଭ୍ୟାଟ୍ ହ୍ରାସ କରିବାରେ ଗୁଜୁରାଟ ଦେଶର ପ୍ରଥମ ରାଜ୍ୟ

ଅପରପକ୍ଷରେ ଗୁଜୁରାଟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ୪% ଭ୍ୟାଟ୍ କମାଇଛନ୍ତି। ଏହାଫଳରେ ଗୁଜୁରାଟରେ ପେଟ୍ରୋଲ ଲିଟର ପିଛା ୨ଟଙ୍କା ୯୩ ପଇସା ଏବଂ ଡିଜେଲ୍ ୨ଟଙ୍କା ୭୨ ପଇସା ହ୍ରାସ ହେବ। ରାଜ୍ୟ ସରକାର ମଙ୍ଗଳବାର ମଧ୍ୟରାତ୍ରୀ ଠାରୁ ୪ ପ୍ରତିଶତ ଭ୍ୟାଟ୍ କମାଇଛନ୍ତି। ଡିଜେଲରେ ଭ୍ୟାଟ୍ ହ୍ରାସ କରିବାରେ ଗୁଜୁରାଟ ଦେଶର ପ୍ରଥମ ରାଜ୍ୟ ହୋଇଛି। ମଙ୍ଗଳବାର ଗୌରବ ଯାତ୍ରାରେ ସାମିଲ ହୋଇ ଗୁଜୁରାଟ ମୁଖ୍ୟମନ୍ତ୍ରୀ ବିଜୟ ରୁପାଣୀ ଏହି ଘୋଷଣା କରିଛନ୍ତି।

ଅରୁଣାଚଳରେ ସୈନ୍ୟ ଶିବିରରେ ଉଗ୍ରବାଦୀଙ୍କ ଆକ୍ରମଣ

ଇଟାନଗର, ୧୦/୧୦(ଏଜେନ୍ସି): ମିଆଁମାର ସ୍ଥିତ ଉଗ୍ରବାଦୀ ଗ୍ରୁପ ନ୍ୟାଶନାଲ ସୋସିଆଲିଷ୍ଟ କୋସିଲ ଅଫ ଗାଲେଡ-ଖାପଲାଙ୍ଗ(ଏନଏସସିଏନ) ମଙ୍ଗଳବାର ଅରୁଣାଚଳ ପ୍ରଦେଶର ନିୟାଉସା ଅଞ୍ଚଳରେ ଭାରତୀୟ ସୈନ୍ୟଙ୍କ ଶିବିରରେ ଆକ୍ରମଣ କରିଥିଲେ। ସେନାର ପ୍ରବକ୍ତା ଚିରଞ୍ଜିତ କଓ୍ୱଂର କହିଛନ୍ତି ଯେ ଲୋଙ୍ଗଡିଙ୍ଗ ବାଟାଲିୟନର ଅପରେଟିଂ ବେସ ଉପରେ ହେଇଥିବା ଏହି ଆକ୍ରମଣରେ କେହି ମୃତାହତ ହେଇନାହାଁନ୍ତି । ଅନ୍ୟପଟେ ଏନଏସସିଏନର ସୋସିଆଲ ମିଡିଆ ମାଧ୍ୟମରେ କହିଛି ଯେ ସେମାନେ ୪୦ଜଣ ଭାରତୀୟ ସୈନିକଙ୍କୁ ମାରିଥିବାବେଳେ ବହୁ ଆହାତ ହୋଇଛନ୍ତି । କଓ୍ୱଂର କହିଛନ୍ତି ଏହି ଘଟଣା ମଧ୍ୟରାତ୍ରି ପରେ ପ୍ରାୟ ରାତି ଗୋଟାଏ ୧୫ ମିନିଟରେ ହେଇଥିଲା । ଉଗ୍ରବାଦୀମାନେ ଲାଥୋଡେ ଗ୍ରେନେଡ ସମେତ ଛୋଟ ହତିଆରରେ ପାଞ୍ଚର ୧୦ଥର ବିଫଳ ଫାୟରିଂ କରିଥିଲେ। ସତର୍କ ଦଳର ଜବାବୀ ଫାୟରିଂରେ ଉଗ୍ରବାଦୀ ସେଠାରୁ ପଳାଇଥିଲେ । ସେନା ଗ୍ରାମବାସୀଙ୍କ ସୁରକ୍ଷାକୁ ଆଖିରେ ରଖି ଫାୟରିଂକୁ ନିୟନ୍ତ୍ରଣ କରିବାକୁ ପଡିଥିଲା । ଉଗ୍ରବାଦୀଙ୍କ ଧରପଗଡ ଲାଗି ତଲାସି ଅଭିଯାନ ଜାରୀ ରଖାଯାଇଛି । ଏହାସହ କଓ୍ୱଂର ଏନଏସସିଏନ ସୋସିଆଲ ମିଡିଆରେ ଜାରୀ କରିଥିବା ବୟାନକୁ ଆଧାରହୀନ କହିଛନ୍ତି । ଗତମାସ ଭାରତୀୟ ସେନା କହିଥିଲା ଯେ ନାଗାଲାଣ୍ଡ ସୀମାରେ ନିକଟରେ ଥିବା ମିଆଁମାରର ଲେଙ୍ଗଖୁ ଗାଁରେ ଭାରତୀୟ ସେନାର ସର୍ଚ୍ଚ ଅପରେସନ ବେଳେ ଜଣେ ଏନଏସସିଏନର ଉଗ୍ରବାଦୀ ନିହତ ହୋଇଥିଲା ।

ଅଯୋଧରେ ହେବ ଭଗବାନ ରାମଙ୍କ ୧୦୦ ମିଟର ଉଚ୍ଚତାର ମୂର୍ତ୍ତି

ଆମେଥି,୧୦/୧୦ (ଏଜେନ୍ସି): ଉତ୍ତରପ୍ରଦେଶ ସରକାର ଅଯୋଧାରେ ଏକ ଶହେ ମିଟର ଉଚ୍ଚତା ବିଶିଷ୍ଟ ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାର ଯୋଜନା କରିଛନ୍ତି। ଉତ୍ତର ପ୍ରଦେଶର ରାଜଭବନରୁ ପ୍ରାପ୍ତ ସୂଚନା ଅନୁଯାୟୀ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧାର ସରଜୁ ନଦୀ ନିକଟରେ ଏହି ଭବ୍ୟ ରାମମୂର୍ତ୍ତି ନିର୍ମାଣ କରିବାକୁ ଯୋଜନା କରିଛନ୍ତି। ଏସମ୍ପର୍କରେ ଉତ୍ତରପ୍ରଦେଶର ରାଜ୍ୟପାଳ ରାମ ନାଏକଙ୍କୁ ଉତ୍ତରପ୍ରଦେଶର ପର୍ଯ୍ୟଟନ ବିଭାଗ ଏକ ପ୍ରସ୍ତାବ ଉପସ୍ଥାପନ କରିଛି। ରାଜ୍ୟରେ ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଲାଗି ଉଦ୍ଦିଷ୍ଟ ବୋଲି ଏଥିରେ କୁହାଯାଇଛି। ପର୍ଯ୍ୟଟନ ବିଭାଗ ରାମାୟଣରେ ବିଭିନ୍ନ କେନ୍ଦ୍ରୀୟ ସ୍ଥାନ ଓ ସ୍ମାରକୀ ପ୍ରତିଷ୍ଠା କରିବାର ମଧ୍ୟ ଯୋଜନା ରଖିଛନ୍ତି। 'ନବ୍ୟ ଅଯୋଧା' ଯୋଜନା ଅନୁଯାୟୀ ଏହି ଯୋଜନାର ରୂପରେଖ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଛି ବୋଲି ପର୍ଯ୍ୟଟନ ବିଭାଗର ପ୍ରମୁଖ ସଚିବ ଅନୀଶ କୁମାର ଅବସ୍ଥି ସୂଚନା ଦେଇଛନ୍ତି। ଏଥିରେ ଅଯୋଧାରେ ଆଗାମୀ ଅକ୍ଟୋବର ୧୮ ରେ ହେବାକୁ ଥିବା ଦୀପାବଳି ମହୋତ୍ସବର ଆୟୋଜନ ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟପାଳ ରାମ ନାଏକ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ.ଜେ. ଆଲଫନ୍ସ ଓ ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମା ଉପସ୍ଥିତ ରହିବେ ବୋଲି ଜଣାଯାଇଛି। ସରଜୁ ନଦୀ ତଟରେ ରାମକଥା ଗ୍ୟାଲେରିରର ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ। ଅଯୋଧାର ଏହି ସମନ୍ୱିତ ବିକାଶ ପାଇଁ ରାଜ୍ୟ ସରକାର ୧୯୫ କୋଟି ୯୮ ଲକ୍ଷ ଟଙ୍କାର ଏକ ଅଟ୍ଟକଳ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରାଳୟକୁ ପ୍ରଦାନ କରିଛନ୍ତି ଏବଂ ଏଥିରୁ ୧୩୩ କୋଟି ୭୦ ଲକ୍ଷ ଟଙ୍କା ରାଜ୍ୟକୁ ମିଳିସାରିଥିବା ଜଣାଯାଇଛି।

ତିନି ଦିନ ପାଇଁ ବଢିଲା ହନିପ୍ରୀତଙ୍କ ରିମାଣ୍ଡ



ପଞ୍ଚକୁଲା, ୧୦/୧୦(ଏଜେନ୍ସି): ଡେରା ପ୍ରମୁଖ ଗୁରମୀତ ରାମ ରହିମ ବଳାତ୍କାର ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଡେରା ସମର୍ଥକ ଭିଆଇଥିବା ହିଂସାକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତ ହନିପ୍ରୀତଙ୍କ ରିମାଣ୍ଡ ଆଜି ଶେଷ ହୋଇଯିବା ପରେ ପୋଲିସ ପୁଣିଥରେ ତାଙ୍କୁ କୋର୍ଟରେ ହାଜର କରି ୭ ଦିନର ପୋଲିସ ରିମାଣ୍ଡର ଦାବୀ କରିଥିଲା । କୋର୍ଟ ଶୁଣାଣୀ ପରେ ତିନି ଦିନର ରିମାଣ୍ଡ ପୋଲିସକୁ ଦେଇଅଛି । ହନିପ୍ରୀତଙ୍କୁ ଜେରା କରୁଥିବା ଅଧିକାରୀ ସୂଚନା ଅନୁଯାୟୀ ସୁଖଦୀପ କୌର ଓ ଡେରା ପ୍ରମୁଖର ପିଏ ରାକେଶଙ୍କ ମତରେ ହନିପ୍ରୀତ ଆଦିତ୍ୟ ଓ ପବନଙ୍କ ୫ଟି ଠିକଣା ଜାଣିଛନ୍ତି । ଏହି ଠିକଣା ମଧ୍ୟରୁ କିଛି ରାଜସ୍ଥାନରେ ରହିଛି । ଆଦିତ୍ୟ ଓ ପବନଙ୍କ ବିଷୟରେ ଅଧିକା ଜାଣିବା ପାଇଁ ପୋଲିସ ହନିଙ୍କ ରିମାଣ୍ଡ ମାଗିଅଛି । ପୋଲିସ ନିଜର ଯାଞ୍ଚରେ ପାଇଅଛି ଯେ ଫେରାର ଥିବା ଆଦିତ୍ୟ ଓ ପବନ ଦୁଇଜଣ ରାଜସ୍ଥାନରେ ଅଛନ୍ତି । ଏହି କଥା ପୋଲିସ ସୁଖଦୀପ ଓ ରାକେଶକୁ ଜେରା କରିବା ପରେ ଜଣାପଡିଥିଲା ।

ଦିଲ୍ଲୀ ମେଟ୍ରୋରେ ଯାତ୍ରା ମହଙ୍ଗା

ଉପକୃତ ହେବେ ଓଲା ଓ ଉବେର : ମନିଷ ସିସୋଡିଆ

ନୂଆଦିଲ୍ଲୀ,୧୦/୧୦ (ଏଜେନ୍ସି): ଦିଲ୍ଲୀ ମେଟ୍ରୋ ଟ୍ରେନ୍ ଭଡା ବୃଦ୍ଧିର ରାସ୍ତା ସଫା ହେବା ପରେ ଯାତ୍ରୀମାନଙ୍କ ଚିନ୍ତା ବଢିଯାଇଛି। ଯାତ୍ରୀଙ୍କ ଉପରେ ଅତିରିକ୍ତ ବୋଝ ପଡିବ ବୋଲି ସାଧାରଣରେ ଆଲୋଚନା ହେଉଛି। ନୂଆ ଭଡା ବୃଦ୍ଧି ପରେ ଏଣିକି ୫ କିଲୋମିଟରୁ ଅଧିକ ଦୂର ପର୍ଯ୍ୟନ୍ତ ଯାତ୍ରା କଲେ ୨୦ଟଙ୍କା ଦେବାକୁ ପଡିବ। ସେହିପରି ୩୨ କିଲୋମିଟରରୁ ଅଧିକ ଦୂର ଯାତ୍ରା କଲେ ୬୦ଟଙ୍କା ଦେବାକୁ ପଡିବ। ମେଟ୍ରୋର ନୀଳ, ହଳଦିଆ, ନାଲି, ସବୁଜ ଏବଂ ବାଇଗଣି ଲାଇନ ପାଇଁ ନୂଆ ଭଡା ଲାଗୁ ହେବ। ଏୟାରପୋର୍ଟ ଏକ୍ସପ୍ରେସ୍ ଲାଇନ (ଅରେଞ୍ଜ ଲାଇନ)ରେ ଭଡା ବୃଦ୍ଧି କରାଯିବ ନାହିଁ। ଏହି ଭଡା ବୃଦ୍ଧି ଯୋଗୁଁ ଅଧିକ ଲୋକ ପ୍ରଭାବିତ ହେବେ। ସୂଚନାଯୋଗ୍ୟ ଯେ, ଗତକାଲି ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ୍ (ଡିଏମ୍ଆରସି) ବୈଠକ ବସାଇ ନୂଆ ଦର ଧାର୍ଯ୍ୟ କରିଥିଲା।

ଅନ୍ୟପକ୍ଷରେ ଭଡା ବୃଦ୍ଧିକୁ ନେଇ କେନ୍ଦ୍ର ଓ ଦିଲ୍ଲୀର ଆପ ସରକାର ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଯାଇଛି। ଆପ୍ ମୁଖ୍ୟମନ୍ତ୍ରୀ କେଜ୍‌ରିୱାଲ ଏହାକୁ ତୀବ୍ର ବିରୋଧ କରି କହିଛନ୍ତି ଯେ, କେନ୍ଦ୍ର ସରକାର ସାଧାରଣ ଲୋକଙ୍କୁ ଧ୍ୟାନରେ ନରଖି ଭଡା ବୃଦ୍ଧି କରିଛନ୍ତି। ସେହିପରି ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ କହିଛନ୍ତି ଯେ, ଘରୋଇ କମ୍ପାନୀ ଓଲା ଓ ଉବେରକୁ ଲାଭାନ୍ୱିତ କରିବା ନେଇ ଏହା ଏକ ଷଡଯନ୍ତ୍ର । ଦିଲ୍ଲୀ ମେଟ୍ରୋ ଲୋକଙ୍କ ଭଡା ପଇସାରେ ଚାଲୁଛି ଭଡା ବୃଦ୍ଧି କରିବା ଉଚିତ୍ ନୁହେଁ। ମେଟ୍ରୋ ଭଡା ବୃଦ୍ଧି ପ୍ରସ୍ତାବ ଉପରେ ଏକ ଆଲୋଚନାରେ ସୋମବାର କହିଥିଲେ ଯେ, ଘରୋଇ ଟ୍ୟାକ୍ସି ଭଡା ତୁଳନାରେ ମେଟ୍ରୋ ଟ୍ରେନ୍‌ର ଭଡା ଅଧିକ।

ବୃଦ୍ଧି ପରେ ଭଡା ମୂଲ୍ୟ

୨ କି.ମି. ପର୍ଯ୍ୟନ୍ତ ୧୦ ଟଙ୍କା, ୨ରୁ ୫ କି.ମି. ପର୍ଯ୍ୟନ୍ତ ୨୦ଟଙ୍କା, ୫ରୁ ୧୨ କି.ମି. ପର୍ଯ୍ୟନ୍ତ ୩୦ ଟଙ୍କା, ୧୨ରୁ ୨୧ କି.ମି. ପର୍ଯ୍ୟନ୍ତ ୪୦ ଟଙ୍କା, ୨୧ରୁ ୩୨ କି.ମି ପର୍ଯ୍ୟନ୍ତ ୫୦ ଟଙ୍କା ଏବଂ ୩୨ କିଲୋମିଟରରୁ ଅଧିକ ଯାତ୍ରା କଲେ ୬୦ ଟଙ୍କା ଦେବାକୁ ପଡିବ। ସ୍ମାର୍ଟ କାର୍ଡ ବ୍ୟବହାର କରୁଥିବା ଯାତ୍ରୀମାନଙ୍କୁ ପ୍ରତ୍ୟେକ ଯାତ୍ରା ପାଇଁ ୧୦% ରିହାତି ଦିଆଯିବ। ଦିଲ୍ଲୀ ମେଟ୍ରୋ ରେଲ୍ କର୍ପୋରେସନ କହିବା ଅନୁସାରେ ଦିଲ୍ଲୀ ମେଟ୍ରୋରେ ଯାତ୍ରା କରୁଥିବା ସମୁଦାୟ ଯାତ୍ରୀଙ୍କ ମଧ୍ୟରୁ ୭୦% ସ୍ମାର୍ଟ କାର୍ଡ ଉପଭୋକ୍ତା ଅଛନ୍ତି। ସକାଳ ୮ଟା ପର୍ଯ୍ୟନ୍ତ, ଦିପ୍ରହର ୧୨ଟାରୁ ୫ ଟା ପର୍ଯ୍ୟନ୍ତ ଏବଂ ରାତି ୯ଟା ବା ଯାତ୍ରା ସମାପ୍ତ ପର୍ଯ୍ୟନ୍ତ ସ୍ମାର୍ଟ କାର୍ଡଧାରୀମାନଙ୍କୁ ୧୦% ଡିସ୍‌କାଉଣ୍ଟ ଦିଆଯିବ।

ଆମେରିକା କାଲିଫୋର୍ଣ୍ଣିଆ ଜଙ୍ଗଲରେ ନିଆଁ, ୧୦ ମୃତ

ସାନଫ୍ରାନ୍ସିକୋ, ୧୦/୧୦(ଏଜେନ୍ସି): ଉତ୍ତର କାଲିଫୋର୍ଣ୍ଣିଆର ଜଙ୍ଗଲରେ ଲାଗିଥିବା ଭୀଷଣ ନିଆଁରେ ୧୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି । ନିଆଁରେ ୧୫୦୦ରୁ ଅଧିକା କୋଠା ନଷ୍ଟ ହେଇସାରିଛି । ଆମେରିକା ଇତିହାସରେ ଏହା ସବୁଠାରୁ ଭୀଷଣ ନିଆଁ । ରବିବାର ରାତିରେ ଲାଗିଥିବା ନିଆଁକୁ ଆୟତ୍ତ କରିବା ଲାଗି ଦମକଳ ବାହୀନି ଆପ୍ରାଣ ଚେଷ୍ଟା ଚଳାଇଛନ୍ତି । ସାନ୍ତା ରୋଜାରେ ନିଆଁ ବ୍ୟାପିବାରୁ ହିଲଟନ ହୋଟେଲ ନଷ୍ଟ ହୋଇଯାଇଛି । କ୍ୟାଲିଫୋର୍ଣ୍ଣିଆ ବଣ ଓ ଅଗ୍ନି ସୁରକ୍ଷା ବିଭାଗର ଉପନିର୍ଦ୍ଦେଶକ ଜେନେଟ ଉପଟନଙ୍କ କହିବାନୁଯାୟୀ ଏହି କ୍ଷେତ୍ରରେ ୧୫ଟି ଅଲଗା-ଅଲଗା ସ୍ଥାନରେ ନିଆଁ ଲାଗିଅଛି ଯେଉଁଥିରେ ପ୍ରାୟ ୯୪ ହଜାର ଏକରର କ୍ଷେତ୍ର ନଷ୍ଟ ହୋଇଯାଇଅଛି । ଏହି ଘଟଣାରେ ମରିଥିବା ଲୋକଙ୍କ ମଧ୍ୟରେ ସାତ ଜଣ ସୋନୋମା କାଉଣ୍ଟି, ଦୁଇ ଜଣ ନାପା କାଉଣ୍ଟି ଓ ଜଣେ ମେନଡୋସିନା କାଉଣ୍ଟିର ଅଛନ୍ତି । କ୍ୟାଲିଫୋର୍ଣ୍ଣିଆର ଗଭର୍ଣ୍ଣର ଜେରୀ ବ୍ରାଉନ ବଟେ, ଲେକ, ମେଡୋସିନୋ, ନାପା, ନେବାଦା, ଓରେଞ୍ଜ, ସୋନୋମୋ ଓ ୟୁବା କାଉଣ୍ଟି ଅଞ୍ଚଳରେ ଆପାତକାଳ ଘୋଷଣା କରିଛନ୍ତି । ଗତ ମାସ ସେପ୍ଟେମ୍ବରରେ ଜଙ୍ଗଲରେ ଲାଗିଥିବା ନିଆଁ କାରଣରୁ ଦକ୍ଷିଣ କାଲିଫୋର୍ଣ୍ଣିଆରେ ପ୍ରାୟ ଏକ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା ।

ସୁନ୍ଦରଗଡ ଜିଲ୍ଲା ସମାଚାର

ଦାଦାବାଟି ନ ଦେବାରୁ ଶ୍ରମିକମାନଙ୍କୁ ଆକ୍ରମଣ

ବଡଗାଁ,୧୦/୧୦(ଶ୍ରୁ.ମି.):ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା କୁତ୍ରା ବ୍ଲକ ଅଞ୍ଚଳ ତଥା ବଡଗାଁ ଥାନା ଅଧିନରେ ଥିବା ଗଙ୍ଗାଜଳ ଗ୍ରାମର ହରିଜନପଡାରେ ସ୍ୱଚ୍ଛ ଭାରତ ମିଶନରେ କାର୍ଯ୍ୟକରୁଥିବା ଶ୍ରମିକମାନଙ୍କୁ ଦାଦାବାଟି ଦେବା ପାଇଁ ସ୍ଥାନୀୟ ଅଞ୍ଚଳର କିଛି ଯୁବକମାନେ ଧମକ ଦେଇଥିଲେ। ତେବେ ଶ୍ରମିକମାନେ ଦାଦାବାଟି ନଦେବାରୁ ଯୁବକମାନେ ସେମାନଙ୍କୁ ମାଡମାରି ଲହୁଲୁହାଣ କରିଦେଇଥିଲେ। ଏହି ଆକ୍ରମଣରେ ସରିଫର,ଗଜନ ସରିଫ ତନଜିମ,ରାହୁଲ କରିମ,ବସିର ସେକ,ବିକୁ ଙ୍କ ସମେତ ଠିକାଦାର ଦୀପକ କୁମାର ସେଠ ମଧ୍ୟ ଆହାତ ହୋଇଥିଲେ। ଆକ୍ରମଣ କାରୀମାନେ ମାଡମାରିବା ସହିତ ଶ୍ରମିକମାନଙ୍କଠାରୁ ୨ଟି ରୂପା ଚେନ,ମୋବାଇଲ ଫୋନ ଏବଂ ନଗଦ ୨୦,୦୦୦ ଟଙ୍କା ମଧ୍ୟ ଛଡାଇ ନେଇଥିଲେ। ଆହାତ ଶ୍ରମିକମାନେ ଚିକିତ୍ସା ପାଇଁ କୁତ୍ରା ଗୋଷ୍ଠି ଖସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଏ ନେଇ ବଡଗାଁ ଥାନାରେ ହୋଇଥିବା ଅଭିଯୋଗକୁ ଆଧାର କରି ପୋଲିସ ଏକ କେସ ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

ପୋକ ଲାଗିଯାଇ ଧାନ ଫସଲ ନଷ୍ଟ

ବଡଗାଁ,୧୦/୧୦(ଶ୍ରୁ.ମି.): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ବଡଗାଁ ବ୍ଲକର ବରଙ୍ଗାକଛାର ଗ୍ରାମ ପଞ୍ଚାୟତର ମୁଣ୍ଡା ଗାଁ ଅଞ୍ଚଳରେ ପ୍ରାୟ ୫୦ଏକର ଜମିରେ ହୋଇଥିବା ଧାନ ଚାଷରେ ପୋକ ଲାଗିଯାଇ ଧାନ ନଷ୍ଟ ହୋଇଯାଇ ଫମ୍ପା ଦେଖାଦେଇଛି। ଏନେଇ ଗ୍ରାମର ମୀନକେତନ ବେହେରା,ଜୟାମଣି ନାଏକ, ଭୋଳାନାଥ ପଟେଲ,ବିଭିଷଣ ଛତ୍ରିଆ,ଇଛାମଣି ନାଏକ,ମେଘୁ ପ୍ରଧାନ,ଦିଗେଶ୍ୱର ମାଝୀ,ମକରଧ୍ୱଜ ପଟେଲ ପ୍ରମୁଖ ସାହାଯବାହାଲ ଲ୍ୟାମ୍ପକୁ ଯାଇ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ପୋକଲାଗିଥିବା ଧାନ ଗଛ ମଧ୍ୟ ଦେଖାଇଥିଲେ। ସମସ୍ୟାର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ନିର୍ଦ୍ଦେଶକ ଚାଷିମାନଙ୍କୁ ପ୍ରତିଶୃତି ଦେଇଥିବା ଜଣାପଡିଛି।

୭ଫିଟ ଲମ୍ବର ଅଜଗର ସାପ ଉଦ୍ଧାର

ବନ୍ଧମୁଣ୍ଡା,୧୦/୧୦(ଶ୍ରୁ.ମି.): ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ଥିବା ଶୀତଳ ନଗରରେ ଥିବା ଏକ ଦୋକାନ ଭିତରୁ ସ୍ଥାନୀୟ ଯୁବକମାନେ ଏକ ୭ଫୁଟ ଲମ୍ବର ଅଜଗର ସାପକୁ ଉଦ୍ଧାର କରିଥିଲେ। ସାପଟିକୁ ପରେ ନିକଟସ ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡିଛି।

ଡୋଳା ବାବାଙ୍କ ଦ୍ୱାରା ସରକାରୀ ଜମି ହଡପ ମାମଲା

ଜିଲ୍ଲା ପ୍ରଶାସକ ଦ୍ୱାରା ଜମିର ମାପ-ଚୁପ ଆରମ୍ଭ

ଲେଫ୍ରିପଡା,୧୦/୧୦(ଶ୍ରୁ.ମି.): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ଲେଫ୍ରିପଡା ବ୍ଲକର ବେଦୋଝରିଆ ଗ୍ରାମରେ ଏକ ଡାକ୍ତରଖାନା ବୋଲି ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାର ଲୋଭ ଦେଖାଇ ସ୍ଥାନୀୟ ଲୋକଙ୍କଠାରୁ କିଛି ପଟା ଜମିକୁ ନାମକୁ ମାତ୍ର କେଇଟା ଟଙ୍କା ଦେଇ କିଣିବା ପରେ ଜମିକୁ ଡୋଳା ବାବା ଭାବେ ପରିଚିତ କରାଇଥିବା ଅବସର ପ୍ରାପ୍ତ ଶିକ୍ଷକ ଡୋଳା ମଣି ପଟେଲ ପଟାଜମିକୁ ଲାଗିକରିଥିବା ଏକରଏକର ସରକାରୀ ଜମିକୁ ମଧ୍ୟ ଜବରଦଖଲ କରିଥିଲେ। ଏତିକିରେ ବାବାଙ୍କର କଳାକାର୍ନାମା ଅଟକିନଥିଲା। ଟଙ୍କାର ଲୋଭ ଦେଖାଇ ନିଜ ପ୍ରଭାବରେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଭାବିତ କରି ଆଖପାଖର ଗ୍ରାମର ବିକାଶ ପାଇଁ ଆସୁଥିବା ସମସ୍ତ ସରକାରୀ ଯୋଜନାକୁ କୌଶଳ କ୍ରମେ ନିଜ ଆଶ୍ରମ ପରିସରରେ ସ୍ଥାପନ କରାଇଚାଲିଥିଲେ। ତେବେ ଏହି ଘଟଣାକୁ ନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେବା ସହିତ ବାବାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀମାନେ ଜିଲ୍ଲା ପ୍ରଶାସକ ନିକଟରେ ଦାବି କରିବା ସହିତ ଗ୍ରାମବାସୀଙ୍କୁ ତଳସରା ବିଧାୟକ ଡଃ.ପ୍ରଫୁଲ ମାଝୀ ମଧ୍ୟ ସମର୍ଥନ କରିଥିଲେ। ସମସ୍ତ ଦିଗରୁ ଚାପ ପଡିବାପରେ ଦୀର୍ଘଦିନଧରୀ ବାବାର ହାତ ବାରିସି ହୋଇ କାର୍ଯ୍ୟ କରିଆସୁଥିବା ପ୍ରଶାସକ ଶେଷରେ କଠୋର ହୋଇ ବାବା ଆଶ୍ରମକୁଯାଇ ଅଭିଯୋଗ ସତ୍ୟତା ପାଇଁ ଆଶ୍ରମ ମଧ୍ୟରେ ଅଧିକୃତ ହୋଇଥିବା ଜମିର ମାପ-ଚୁପ ଆରମ୍ଭ ହୋଇଛି। ତେବେ ମାପଚୁପର ସ୍ୱଚ୍ଛତା ବଜାୟ ରଖି କାର୍ଯ୍ୟସଂପାଦନ କରି ବାବା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଗ୍ରାମବାସୀମାନେ ଦାବିକରିଛନ୍ତି।

ବରିଷ୍ଠ ନାଗରିକ ସପ୍ତାହ ପାଳନ

ରାଉରକେଲା,୧୦/୧୦(ଶ୍ରୁ.ମି.): ଜିଲ୍ଲା ପ୍ରଶାସନର ପ୍ରତିକ୍ଷ ତତ୍ତ୍ୱାବଧାନରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ସୋଭା ଦ୍ୱାରା ଆଜିଠାରୁ ୨ଦିନିଆ ବରିଷ୍ଠ ନାଗରିକ ସପ୍ତାହ ପାଳନ ଆରମ୍ଭ ହୋଇଛି। ଆଜି ପ୍ରଥମ ଦିନ ଆରଜିଏଚରେ ଆୟୋଜନ ହୋଇଥିବା ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉପଜିଲ୍ଲାପାଳ ହିମାଂଶୁ ଶେଖର ବେହେରା ନିଜ ବକ୍ତବ୍ୟରେ ସମାଜର ପ୍ରଗତିରେ ବରିଷ୍ଠ ନାଗରିକ ମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।ଏହି ଅବସରରେ ଡାକ୍ତରମାନଙ୍କ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ମଧ୍ୟ ମାଗଣାରେ କରାଯାଇଥିଲା। ଆସନ୍ତା କାଲି ଆୟୋଜିତ ଏହି ଉତ୍ସବରେ ବରିଷ୍ଠ ନାଗରିକମାନଙ୍କ ସାମାଜିକ ସୁରକ୍ଷା ପାଇଁ ଆଇନରେ ଥିବା ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା ହେବ ବୋଲି ଜଣାପଡିଛି। ଆଜିର ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ-ମୋନିଷା ବାନାର୍ଜି ମଧ୍ୟ ଉପସ୍ଥିତଥିଲେ।

ଶାସକ ଓ ବିରୋଧିନେତାଙ୍କ ଅପାରଗତା ପାଇଁ ରାଉରକେଲାର ବିକାଶ ବନ୍ଦ ହୋଇଯାଇଛି-ପ୍ରଭାତ ମହାପାତ୍ର

ରାଉରକେଲା,୧୦/୧୦(ଶ୍ରୁ.ମି.): ରାଜ୍ୟର ଶିଳ୍ପ ରାଜଧାନୀ ଭାବେ ପରିଚିତ ଇସ୍ପାତ ସହର ରାଉରକେଲାର ବିକାଶ ଆଜି ବନ୍ଦ ହୋଇଯାଇଛି ବୋଲି ଅଭିଯୋଗ ଆଣିଛନ୍ତି। କଂଗ୍ରେସ ଦଳର ବରିଷ୍ଠ ସଦସ୍ୟ ଏବଂ ପୂର୍ବତନ ବିଧାୟକ-ପ୍ରଭାତ ମହାପାତ୍ର। ଏଥିପାଇଁ ଶ୍ରୀ ମହାପାତ୍ର ଶାସକ ଓ ବିରୋଧି ଦଳର ନେତାମାନଙ୍କ ଅପାରଗତାକୁ ଦାୟୀ କରିଛନ୍ତି(ସରକାରୀ ବ୍ୟବସ୍ଥା ନାଲିଫିତା ତଳେ, ନେତା ଶୋଇଛନ୍ତି ଏସି ରୁମ ଭିତରେ) । ଆଜି ରାଉରକେଲାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ମହାପାତ୍ର ନିକଟରେ ଆସ୍ଥା ନାମକ ଏକ ହୋଟେଲ ଦ୍ୱାରା ୱେସ୍କୋର ଅଧିକାରୀମାନଙ୍କୁ ହାତ ବାରିଶି କରି ୩୦ କିଲୋ ୱାଟର ଅନୁମତି ନେଇ ୨୫୦ କିଲୋ ୱାଟ ବିଦ୍ୟୁତ ବ୍ୟବହାର କରିବା ଘଟଣା ସହିତ ଆରଡିଏ ଜାଗାକୁ ଜବରଦଖଲ କରି ହୋଟେଲ ବ୍ୟବସାୟ ଚଳାଉଥିବା ବେଳେ ଆରଡିଏ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ବରିଷ୍ଠ ବିଜେଡି ନେତା-ସାରଦା ନାୟକଙ୍କ ମୌନବ୍ରତ ନେଇ ପ୍ରଶ୍ନ କରିଥିଲେ। ଏଭଳି ଅନେକ ବ୍ୟବସାୟୀମାନେ ଆରଡିଏ ଅଧିନରେ ଆସୁଥିବା ଅନେକ ସରକାରୀ ଜାଗାକୁ ମାଡି ବସିଥିବା ବେଳେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନେବା ସହରର ବିଭିନ୍ନ ଲୋକଙ୍କ ସୁବିଧା ପାଇଁ ଗଢିଉଠିଥିବା ସାମାଜିକ ସଂଗଠନମାନଙ୍କୁ ଉଚ୍ଛେଦ ପାଇଁ ନୋଟିସ ଦେବା ଆଶ୍ଚର୍ଯ୍ୟ ବୋଲି ଶ୍ରୀ ମହାପାତ୍ର କହିଥିଲେ। ସେହିପରି ଆରଏମ୍‌ସି ଓ ସ୍ମାର୍ଟସିଟିର ପରିଚାଳନାକୁ ନେଇ ଓଲଟି ପ୍ରଶ୍ନ କରି ଆଜି କେବଳ ମିଟିଙ୍ଗ-ସିଟିଙ୍ଗ-ଇଟିଙ୍ଗ ନାମରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ବେଳେ ଗୋଟିଏ ମଧ୍ୟ କାମ ହୋଇନଥିବା ଶ୍ରୀମହାପାତ୍ର ଅଭିଯୋଗ ଆଣିଥିଲେ। ମହାନଗର ନିଗମ ସମ୍ବନ୍ଧରେ ବିଧାୟକ ଜର୍ଜ ତିର୍କିଙ୍କ ଦ୍ୱାରା ହାଇକୋର୍ଟରେ ହୋଇଥିବା କେସର ଉଲ୍ଲେଖି କରି ଇସ୍ପାତ ସହରାଞ୍ଚଳକୁ ଯଥାଶିଘ୍ର ମହାନଗର ନିଗମ ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ଆରଡିଏ ଅଧ୍ୟକ୍ଷ ଦାୟିତ୍ୱ ନେବା ବେଳେ ସହରରେ ଗରିବ ଲୋକମାନଙ୍କ ପାଇଁ ୨୦,୦୦୦ ବାସଗୃହ ନିର୍ମାଣ କରିବା ନେଇ ସାରଦା ନାୟକ ଘୋଷଣା କରିଥିଲେ। ତେବେ ଦାୟିତ୍ୱ ନେବାର ୩ବର୍ଷ ବିତିଯାଇଥିଲେ ମଧ୍ୟ ୨୦,୦୦୦ଟି ଏଥିପାଇଁ ଜାଗା ମଧ୍ୟ ଚିହ୍ନଟ କରିନପାରିବା ସାରଦାଙ୍କ ଦକ୍ଷତାକୁ ନେଇ ଶ୍ରୀମହାପାତ୍ର ପ୍ରଶ୍ନ କରିବା ସହିତ ଆଜି ସରକାରୀ ବ୍ୟବସ୍ଥା ସବୁ ନାଲିଫିତା ତଳେ ବାନ୍ଧିହୋଇଥିବା ବେଳେ ଶାସକ ଏବଂ ବିରୋଧି ଦଳ ନେତାମାନେ ଏସିରୁମ ଭିତରେ ଶୋଇଛନ୍ତି ବୋଲି କହି ଏହି ନେତାମାନଙ୍କ ଅପାରଗତା ପାଇଁ ଆଜି ରାଉରକେଲାର ବିକାଶ ବନ୍ଦ ହୋଇଯାଇଛି ବୋଲି ଶ୍ରୀମହାପାତ୍ର ସିଧାସଳଖ ଆରୋପ ଲଗାଇଥିଲେ। ସହରରେ ଦିନକୁଦିନ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇବାକୁ ଲାଗିଥିବା ବେଳେ ପ୍ରଦୂଷଣ ରୋକିବା ପାଇଁ ଥିବା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନଙ୍କ ନିରବତାକୁ ନେଇ ସେମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ଶ୍ରୀ ମହାପାତ୍ର ପ୍ରଶ୍ନବାଚି ସୃଷ୍ଟି କରିଥିଲେ।

ଟାୱାରରୁ ଯୁବକର ଝୁଲନ୍ତା ଶବ ଉଦ୍ଧାର

ସଦର,୧୦/୧୦(ଶ୍ରୁ.ମି.): ସୁନ୍ଦରଗଡ ପୋଲିସ ଜିଲ୍ଲା ଅଧିନରେ ଥିବା ସଦର ଥାନା ଅଞ୍ଚଳର ରଙ୍ଗିଆମୁଣ୍ଡା ଗ୍ରାମରେ ରହୁଥିବା ପ୍ରଦୀପ ପ୍ରଧାନ(୨୯) ଏକ ମୂର୍ତ୍ତି କାରିଗର ଭାବେ କାମ କରୁଥିବା ବେଳେ ନିଜ ପତ୍ନି ଓ ଏକମାତ୍ର ଝିଅ ସହିତ ଗ୍ରାମରେ ରହନ୍ତି। ଗତକାଲି ଶୌଚ ହେବା ପାଇଁ ଘରେ କହି ବାହାରକୁ ଯାଇ ଆଉ ଫେରିନଥିଲେ। ଆଜି ସକାଳେ ଗ୍ରାମବାସୀମାନେ ନିକଟରେଥିବା ଏକ ୪୪୦ଭୋଲ୍ଟ ବିଦ୍ୟୁତ ଟାୱାରରେ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଝୁଲୁଥିବା ଦେଖିଥିଲେ। ଗ୍ରାମବାସୀମାନଙ୍କ ଠାରୁ ଖବର ପାଇ ପ୍ରଦୀପଙ୍କ ପତ୍ନି ସଙ୍ଗୀତା ଆସି ମୃତ ଦେହ ତାଙ୍କ ସ୍ୱାମୀ ପ୍ରଦୀପଙ୍କର ବୋଲି ଚିହ୍ନଟ କରିଥିଲେ। ପୋଲିସ ମଧ୍ୟ ପହଞ୍ଚି ମୃତ ଦେହଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଥିବା ବେଳେ ପତ୍ନି ସଙ୍ଗିତା ଏହା ଆତ୍ମହତ୍ୟା ନୁହେଁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

ଅବିବାହିତା ଯୁବତୀ ଜନ୍ମ ଦେଲା ଶିଶୁ କନ୍ୟା

ବଡଗାଁ,୧୦/୧୦(ଶ୍ରୁ.ମି.): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ବଡଗାଁ ବ୍ଲକ ଅଞ୍ଚଳରେ ଏକମା ଗ୍ରାମରେ ରହୁଥିବା ନୈତିକ ଯୁବତୀକୁ ସେହି ଗ୍ରାମର ନବୀନ ମାଝୀ ନାମକ ଜଣେ ଯୁବକ(ପ୍ରେମରୁ ପ୍ରତାରଣା) ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସଂପର୍କ ରଖିଥିବା ଫଳରେ ଯୁବତୀଟି ଗର୍ଭବତୀ ହେବା ସହିତ ଗତ ୭/୧୦/୧୭ରେ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ। ଅବିବାହିତ ଯୁବତୀ ଶିଶୁ କନ୍ୟାଟିକୁ ଜନ୍ମ ଦେବା ପରେ ଲୋକଲଜ୍ୟାରୁ ବଞ୍ଚିତ ପାଇଁ ଯୁବତୀର ପରିବାର ଗ୍ରାମରେ ଏକ ବୈଠକ ଡକାଇ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିଥିଲେ। ତେବେ ନବୀନ ଯୁବତୀକୁ ବିବାହ କରିବା ପାଇଁ ମନା କରିଦେଇଥିଲା। ଶେଷରେ ଅନ୍ୟ ଉପାୟ ନ ପାଇ ପୀଡିତା ଯୁବତୀ ଜଣଙ୍କ ବଡଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ କେସ ରୁଜୁ କରି ତଦନ୍ତ ଚଳାଇଛି।

ଚାଷ ଜମିରେ ଟାୱାର ନିର୍ମାଣକୁ ବିରୋଧ

ହେମଗିରି,୧୦/୧୦(ଶ୍ରୁ.ମି.): ସୁନ୍ଦରଗଡ ରାଜସ୍ୱ ଜିଲ୍ଲା ଅଧିନରେ ଥିବା ହେମଗିରି ବ୍ଲକର ଚକ୍ରା ଗ୍ରାମରେ ଥିବା ଚାଷଜମି ଉପରେ ଓଡିଶା ଜେନେରେସନ ଫେଜ(୨) ଟ୍ରାନସମିସନ ଲିମିଟେଡ ପକ୍ଷରୁ ଉଚ୍ଚ କ୍ଷମତା ସାଙ୍ଗକୁ ବିଦ୍ୟୁତ ଟାୱାର ସ୍ଥାପନା କରାଯାଉଥିବାର ପ୍ରୟାସକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି। ଗ୍ରାମର କୁଳମଣି ପ୍ରଧାନଙ୍କ ନେତୃତ୍ୱରେ କିଛି ଗ୍ରାମବାସୀମାନେ ତହସିଲଦାରଙ୍କୁ ସାକ୍ଷାତ କରି ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।

ଚୋରା ମଦ କାରବାର ଅଭିଯୋଗରେ ୮ଗିରଫ

ସୁନ୍ଦରଗଡ,୧୦/୧୦(ଶ୍ରୁ.ମି): ସୁନ୍ଦରଗଡ ଅବକାରୀ ବିଭାଗ ଏବଂ ଉଷ୍ମା ଥାନା ପୋଲିସ ଜିଲ୍ଲାର ବାଇଗଣ ବୁଡ,କଣ୍ଟା ଝରଣା,ଡେରିଂଭାଡି,ପାତ୍ରପଡା,ରଙ୍ଗାଡିପାର ମୁଣ୍ଡାପଡା, ମେଦିନାପୁର ଏବଂ ଦର୍ଲିପାଲି ଠାରେ ଥିବା ଏକ ପାନ ଦୋକାନରେ ଚଢାଉ କରି ବିପୁଳ ମାତ୍ରାରେ ଦେଶୀ ମଦ ଜବତ କରିବା ସହିତ ଏହି କାମରେ ସଂପୃକ୍ତ ଥିବା ଅଭିଯୋଗରେ ଆଲୋକ ପୋଢ, ପ୍ରମୀଳା ସିଂ,ବିଲୁ ମୁଣ୍ଡା, ଅମ୍ବିଲା କିଷାନ, ଜୟ କିଷାନ,ଜନ ଲାକଡା, ରାକେଶ ସାହୁ,ଶଶିରେଖା ବାଗ ଏବଂ ସୁରତ ରୋହି ଦାସଙ୍କ ସମେତ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

ଗଜଲକ୍ଷ୍ମୀ ପୂଜାରେ ସହର ଉଠୁଛି ପଡୁଛି



କେନ୍ଦ୍ରାପଡା, ୧୦/୧୦(ଶ୍ରୁ.ମି.) : କେନ୍ଦ୍ରାପଡାର ଗଣପର୍ବ ପ୍ରସିଦ୍ଧ ଲକ୍ଷ୍ମୀପୂଜା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କ ପୂଜାରେ ପୂର୍ଣ୍ଣାହୂତି ସହ ମେଳଣ ପାଇଁ ପ୍ରସ୍ତୁତି ଚାଲିଛି । ଅନ୍ତିମ ପର୍ଯ୍ୟାୟର ପୂଜାରେ ଦର୍ଶକଙ୍କ ଅସମ୍ଭବ ଭିଡ ହୋଇଛି । ପୂଜାମଣ୍ଡପଗୁଡିକ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ସାଜସଜ୍ଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରୁଛି । ଆକର୍ଷଣୀୟ ସାଜସଜ୍ଜାରେ ହଜେଇ ନେଇ ସାରା ସହର ଝଲମଲ ହେଉଛି । ବିଭିନ୍ନ ବିପଣୀମାଳା ଓ ଫାଷ୍ଟଫୁଡ ଦୋକାନରେ ଗହଳି ଲାଗିଛି । ଏବେ ସାରା ସହର ଦର୍ଶକଙ୍କ ଗହଳିରେ ଉଠୁଛି ପଡୁଛି ।

ଟ୍ରାଫିକ୍ ଅବ୍ୟବସ୍ଥା : ଗଜଲକ୍ଷ୍ମୀ ପୂଜାରେ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡି କରିବା ନିଷ୍ପତ୍ତି ବିଫଳ ହୋଇଛି । ବିଶେଷ କରି ନୂଆ ବସଷ୍ଟାଣ୍ଡ, ପୁରୁଣା ମଟର ଷ୍ଟାଣ୍ଡ, ଶାନ୍ତ ସାହି ଓ କେଶପୁର ବଜାରରେ ବହୁ ଉଠା ଦୋକାନୀ ଖୋଲିବାରୁ ସଂକୋଚିତ ରାସ୍ତାରେ ଦର୍ଶକଙ୍କ ଜାତାୟାତରେ ବାଧା ଦେଖା ଦେଇଛି । ଏହା ସହ ବାଇକ୍ ଆରୋହୀମାନେ ଭିଡ ଭିତରେ ଗାଡି ଚଳାଇବା ପାଇଁ ଉଚ୍ଚ ସ୍ୱରରେ ହର୍ଣ୍ଣ ବଜାଇ ଚଳାଚଳ କରିବା ଯୋଗୁଁ ଦୁର୍ଘଟଣାର ଆଶଙ୍କା ରହିଛି ।

ପ୍ରଶାସନିକ ଅଧିକାରୀଙ୍କ ଦେଖା ନାହିଁ : ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି । ଏହି ସମୟରେ ଲକ୍ଷାଧିକ ଦର୍ଶକଙ୍କ ଗହଳି ଦେଖାଦେଇଛି । କେବଳ ପୋଲିସ ଅଧିକାରୀଙ୍କୁ ଛାଡିଦେଲେ ଆଇନ୍ ଶୃଙ୍ଖଳା ଦାୟିତ୍ୱରେ ଥିବା କୌଣସି ପ୍ରଶାସନିକ ଅଧିକାରୀଙ୍କ ଦେଖାଦର୍ଶନ ମିଳୁନାହିଁ ।

ପୂଜାମଣ୍ଡପରେ ନେତାଙ୍କ ଗହଳ : ଗଣପର୍ବ ଲକ୍ଷ୍ମୀପୂଜାରେ ବିଭିନ୍ନ ଦଳର ରାଜନେତା ଓ ଲୋକପ୍ରତିନିଧିଙ୍କର ବିଭିନ୍ନ ପୂଜାମଣ୍ଡପରେ ଗହଳି ହେଉଥିବାର ଦେଖାଦେଇଛି । ଏହି ପୂଜାର ବିଭିନ୍ନ ଦିନରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ସାତକୁରା ବିଧାୟକ ଦେବପ୍ରକାଶ ଅଗ୍ରୱାଲ କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମ ଘଳ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, କଂଗ୍ରେସ ନେତା ଧରଣୀଧର ନାୟକ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ ଓ ଧୀରେନ କୁମାର ସାହୁ, ପୂର୍ବତନ ମନ୍ତ୍ରୀ ସମୀର ଦେ, ବିଜେପି ନେତା ବିଷ୍ଣୁ ଦାସ, ଜିଲ୍ଲା ସଭାପତି ଦୁର୍ଯ୍ୟୋଧନ ସାହୁ, ବରିଷ୍ଠ ଦଳୀୟ ନେତା ବୈଦ୍ୟନାଥ ଚାଟର୍ଜୀ ଓ ଦେବଦାସ ମହାନ୍ତିଙ୍କ ସହ ବିଭିନ୍ନ ଦଳର ଛାମୁଆ ନେତାମନେ ବିଭିନ୍ନ ପୂଜାମଣ୍ଡପକୁ ପରିଦର୍ଶନରେ ଯାଇଥିଲେ ।

ଦୁଇବାଇକ୍ ମୁହାଁମୁହିଁ ଧକ୍କାରେ ୩ ଛାତ୍ରୀ ସମେତ ୮ ଆହାତ

ମହାକାଳପଡା-୧୦/୧୦-ମହାକାଳପଡ଼ା ବ୍ଲକ କୋଟିଳା ରାସ୍ତାରେ ଆଜି ସନ୍ଧ୍ୟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଛାତ୍ରୀଙ୍କ ସମେତ ମୋଟ ୮ ଜଣ ଆହାତ ହୋଇଛନ୍ତି । ଘଟଣାରୁ ପ୍ରକାଶ ସୁମନ ବାରିକ ଛେଡ଼ାକଣି, ବିଜୟ ସ୍ୱାଇଁ ବରକନ୍ଦା, ମାନଭଞ୍ଜନ ସ୍ୱାଇଁ କୁମ୍ଭାରପଡ଼ାର ତିନି ଯୁବକ ଗୋଟିଏ ବାଇକ୍ ଯୋଗେ ରାମନଗର ବଜାରପଟୁ ଘରକୁ ଆସୁଥିଲେ । ବିପରୀତ ଦିଗରୁ ସିଦ୍ଧାର୍ଥ ମାହାଳୀଓ ଆନନ୍ଦ ବେହେରା ଷାଠିଏ ବାଟିଏ ଗ୍ରାମର ଦୁଇଯୁବକ ଏକ ବାଇକ୍ ଯୋଗେ ରାମନଗର ବଜାର ଆଡ଼କୁ ଯିବା ସମୟରେ କେନ୍ତିଆ-କୋଟିଳା ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା । ବାଇକ୍ ଦୁଇଟି ପରସ୍ପର ଧକ୍କାହୋଇ ଛିଟିକି ପଡ଼ିବା ସମୟରେ କୋଟିଳା ଗ୍ରାମର ତିନି ଛାତ୍ରୀ ଶୌଚ ହୋଇ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଛନ୍ତି । ପୂଜା ଗୋଚ୍ଛାୟତ ସପ୍ତମ ଶ୍ରେଣୀ, ପୁଷ୍ପ ଗୋଚ୍ଛାୟତ ଷଷ୍ଠ ଶ୍ରେଣୀ, ଦେବସ୍ମିତା ସ୍ୱାଇଁ ସପ୍ତମ ଶ୍ରେଣୀ ଛାତ୍ରୀ ଗୁରୁତର ଆହାତ ହୋଇଛନ୍ତି । ଗାଡ଼ିର ବେଗ ତିବ୍ର ଥିବାରୁ ଦୁଇବାକଇରେ ବସିଥିବା ୫ ଜଣ ଯୁବକ ମଧ୍ୟ ଆହାତ ହୋଇଛନ୍ତି । ସେମାନଙ୍କୁ ୧୦୮ ଯୋଗେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ସେମାନଙ୍କର ମୁଣ୍ଡ, ଗୋଡ଼, ହାତରେ ଗଭୀର କ୍ଷତ ହୋଇଛି । ରିପୋର୍ଟ ଲେଖାହେଲା ବେଳକୁ ସମସ୍ତେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧିନ ଅଛନ୍ତି । ଖବର ପାଇ ଅବଧୂତ ଆଶ୍ରମ ଆଡ଼ୋଇର ବାବା ବିଶ୍ୱାନନ୍ଦ ଦାସ ଡାକ୍ତରଖାନାରେ ପହଂଚି ଆହାତ ମାନଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଥିଲେ ।

ବିଜେପିରେ ମିଶ୍ରଣ ନେଇ ପ୍ରସ୍ତୁତି ବୈଠକ

ମହାକାଳପଡା-୧୦/୧୦(ଶ୍ରୁ.ମି.) : ସ୍ଥାନୀୟ ବ୍ଲକର ପ୍ରସିଦ୍ଧ ରାମଚଣ୍ଡୀ ପୀଠ ଠାରେ ବିଜୟ ପ୍ରଧାନ ଓ ତାଙ୍କ ସମର୍ଥକମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବାରଡାଙ୍ଗ ପଂଚାୟତର ସରୋଜକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଂଚାୟତର ଶ୍ରୀ ପ୍ରଧାନଙ୍କ ସମର୍ଥକମାନେ ଯୋଗ ଦେଇଥିଲେ । ସ୍ଥାନୀୟ ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କେତେକ ପଂଚାୟତର ବିରୋଧିମାନଙ୍କ ସହିତ ସ୍ଥାନୀୟ ବ୍ଲକ ଅଧିକାଂଶ ପଂଚାୟତ ମୁରବିମାନେ ଉପସ୍ଥିତ ଥିଲେ । ମୁଖ୍ୟତଃ ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ସାହା, ରାଜ୍ୟ ମୁଖ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ ନିତି ଓ ପଦାଙ୍କ ଅନୁସରଣ କରି ମହାକାଳପଡ଼ାରେ ପଦ୍ମର ଅଗ୍ରଗତି ଚିନ୍ତା ପ୍ରକଟ କରିଥିଲେ । ଆଇନଜୀବୀ ପ୍ରକାଶ ପ୍ରଧାନଙ୍କ ଉଦ୍ୟମରେ ଆହୂତ ବୈଠକରେ ଶରତ ଚନ୍ଦ୍ର ମହାନ୍ତି, ଉଦୟନାଥ ଦାସ, ନିରଞ୍ଜନ ମହାନ୍ତି, ଶକ୍ତିପଦ ମଣ୍ଡଳ ଆଦି ଯୋଗ ଦେଇ ଅଭିଭାଷଣ ରଖିଥିଲେ । ମୁଖ୍ୟତଃ ଶ୍ରୀ ପ୍ରଧାନ ଓ ତାଙ୍କ ସମର୍ଥକମାନେ କଂଗ୍ରେସ ଦଳ ଛାଡ଼ି ବିଜେପିରେ ସାମିଲ ରହି ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜିଏସ୍‌ଟି, ସ୍ୱଚ୍ଛତା, ବିମୁଦ୍ରୀକରଣ, କଳାଟଙ୍କା ରୋକିବାରେ ସହାୟକ ହେବ ବୋଲି ଅଂଶଗ୍ରହଣକାରୀମାନେ ମତବ୍ୟକ୍ତ କରିଥିଲେ।

୨୪ ଓ ୨୫ରେ ପୂର୍ବ ଭାରତ ତୈଳବିଶୋଧାନାଗାର ଶ୍ରମିକ ସଂଘ ପକ୍ଷରୁ ମେଗା ରକ୍ତଦାନ ଶିବିର

ପାରାଦୀପ, ୧୦।୧୦(ଶ୍ରୁ.ମି.) : ଆସନ୍ତା ଅକ୍ଟୋବର ୨୪ ଓ ୨୫ ତାରିଖରେ ପାରାଦୀପ ଜିରୋ ପଏଂଟ ଠାରେ ପୂର୍ବ ଭାରତ ତୈଳବିଶୋଧାନାଗାର ଶ୍ରମିକ ସଂଘ ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ଅବସରରେ ଆଜି ମଧ୍ୟାହ୍ନରେ ଅନୁଷ୍ଠାନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସଂଘର ସଂପାଦକ ପଦ୍ମଲୋଚନ ଦାସଙ୍କ ଅଧକ୍ଷତାରେ ହୋଇଥିବା ଏହି ପ୍ରସ୍ତୁତି ବୈଠକରେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୟୁନିଟ ରକ୍ତ ସଂଗ୍ରହ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିଲା । ଜୀବନବିନ୍ଦୁ ରାଜ୍ୟ ସଭାପତି ବିଜୟ ନାୟକ ଓ ଜିଲା ବିଜେଡି ସଭାପତି ତଥାଯୋଜନା ବୋର୍ଡ ଉପାଧକ୍ଷ ବିଷ୍ଣୁଦାସଙ୍କ ନିର୍ଦ୍ଦେଶରରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଉଛି ବୋଲି ସଂଘର ଅଧକ୍ଷ ସନ୍ତୋଷ କୁମାର ପଟ୍ଟନାୟକ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମ ଦ୍ୱାରା ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ । ୨୦୧୬ରେ ଅନୁଷ୍ଠାନ ପକ୍ଷରୁ ହୋଇଥିବା ରକ୍ତଦାନ ଶିବିରରେ ୨୦୦୦ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିବା ବେଳେ ଏହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବେଶ ପ୍ରଶଂସିତ ହୋଇଥିଲା । ତେବେ ଚଳିତ ବର୍ଷ ୩ହଜାରରୁ ଉର୍ଦ୍ଧ ୟୁନିଟ ରକ୍ତ ସଂଗ୍ରହ କରାଯିବ ସଂପାଦକ ପଦ୍ମଲୋଚନ ଦାସ ସୂଚନା ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଶ୍ରମିକ ନେତା ମନିନ୍ଦ୍ର ଗୁରୁ, ଦିଲିପ ବେହେରା, ପାରାଦୀପ ବନ୍ଦର କ୍ଷତିଗ୍ରସ୍ତ ଜମିହରା କୃଷକ ସଂଘର ସଭାପତି ଚିନ୍ମୟ ଦାସ, ସଂପାଦକ ମିହିର ରଞ୍ଜନ ବେହେରା, କୁଜଙ୍ଗ ବିଜେଡି ଦଳିତ ସେଲର ସଭାପତି ଅଭିରାମ ବେହେରା .ଅରୁପ ପଟ୍ଟନାୟକ, ଅଶୋକ ନାଥ, ନିରଞ୍ଜନ ନାୟକ, ପ୍ରଭଞ୍ଜନ ରାଉତଙ୍କ ସମେତ ଶତାଧିକ କର୍ମକର୍ତା ଯୋଗ ଦେଇଥିଲେ ।

ଭଦ୍ରକ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା କୁ ନେଇ ପଥପ୍ରାନ୍ତ ସଭା

ଧାମନଗର, ୧୦/୧୦(ଶ୍ରୁ.ମି.) : ଭାରତୀୟ ଚିକିତ୍ସକ ସଂଘ ଭଦ୍ରକ ଜିଲ୍ଲା ଶାଖା ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସଂପର୍କରେ ଜନ ସଚେତନତା ସୃଷ୍ଟିକରିବା ପାଇଁ ଏକ ପଥପ୍ରାନ୍ତ ସଭା ଧାମନଗର ବିଜୁ ପଟ୍ଟନାୟକ ଛକଠାରେ ଅନୁଷ୍ଠିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଭଦ୍ରକ ଜିଲ୍ଲା ସମେତ ପଡୋଶୀ ବାଲେଶ୍ୱର, କେନ୍ଦୁଝର ଓ ଯାଜପୁର ଜିଲ୍ଲାର ପ୍ରାୟ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ସେଠାରେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ମିଳୁନାହିଁ । ପ୍ରତ୍ୟେକ ଦିନ ପ୍ରାୟ ୧୩ଶହରୁ ଉର୍ଦ୍ଧ୍ୱ ରୋଗୀ ବିର୍ହିଚିକିତ୍ସା ପାଇଁ ଭଦ୍ରକ ଡାକ୍ତରଖାନାକୁ ଯାଉଥିବା ବେଳେ ଅନ୍ତଃଚିକିତ୍ସା ନିମନ୍ତେ ୨୦୦ ଶଯ୍ୟାର ବ୍ୟବସ୍ଥା ରହିଛି । ପ୍ରତ୍ୟେକ ଦିନ ୨୫ରୁ ୩୦ ଶିଶୁ ସାଧାରଣ ଭାବେ ଜନ୍ମ ନେଉଥିବା ବେଳେ ମାସକୁ ୨୫୦ ରୁ ୩୦୦ ଶିଶୁ ଆସ୍ତ୍ରୋପଚାର ମାଧ୍ୟମରେ ଜନ୍ମ ନେଇ ଥାଆନ୍ତି । ଆବଶ୍ୟକ ଶଯ୍ୟା ଅଭାବ ହେତୁ ଉଭୟ ଜନ୍ମିତ ଶିଶୁ ଓ ପ୍ରସୁତି ମହିଳା ମାନେ ମାତ୍ର ୩୦ଶଯ୍ୟା ଥିବା ଏହି ବିଭାଗରେ ଅତି ଦୟନୀୟ ଅବସ୍ଥାରେ ଚିକିତ୍ସୀତ ହୋଇ ଥାଆନ୍ତି । ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ପଦବୀ ୬୮ଥିବା ବେଳେ ମାତ୍ର ୨୮ଜଣ ଡାକ୍ତର ଏବେ କାର୍ଯ୍ୟରତ । ଏପରି ସ୍ଥଳେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହେବା କାର୍ଯ୍ୟକ୍ରମ ଫାଇଲ ଭିତରେ ରହିଯାଇଛି ।

ଆରଏସପି ନୂତନ ପ୍ଲେଟ୍ ମିଲ ବିଭାଗ ଦ୍ୱାରା ଆଉ ଏକ ନୂତନ ଏକଦିବସୀୟ ରେକର୍ଡ

ରାଉରକେଲା, ୧୦/୧୦(ଶ୍ରୁ.ମି.) : ମହାରତ୍ନ କମ୍ପାନୀ ସେଲ ଅଧିନସ୍ଥ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ ମିଲ ବିଭାଗ ନିୟମିତ ରୂପେ ନୂତନ ରେକର୍ଡମାନ ସ୍ଥାପନ କରୁଛି । ଏହି କ୍ରମରେ ବିଭାଗ ସଦ୍ୟତମ ରେକର୍ଡ ରୂପେ ଅକ୍ଟୋବର ୭ ତାରିଖରେ ୪୩୪୯ ଟନ ସ୍ଲାବ ରୋଲିଙ୍ଗ ପୂର୍ବକ ନୂତନ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ଦର୍ଜ କରିଛି । ଉଲ୍ଲେଖନୀୟ ଯେ, ଏହାର ଠିକ୍ ପୂର୍ବଦିନ ଅକ୍ଟୋବର ୬ ତାରିଖରେ ବିଭାଗ ୪୩୧୦ ଟନ୍ ସ୍ଲାବ ରୋଲିଙ୍ଗ ସମ୍ପନ୍ନ କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଥିଲା । ବିଭାଗର ଏହି ରେକର୍ଡ ପ୍ରଦର୍ଶନର ଧାରା ଅଗଷ୍ଟ ମାସରୁ ଆରମ୍ଭ ହୋଇଛି । ଏହା ତ୍ୱରାନ୍ୱିତ ହେଉଛି ଯାହା ସମସ୍ତ ପଣଧାରୀଙ୍କ ମଧ୍ୟରେ ବିଶେଷ ଆନନ୍ଦ ଭରିଦେଇଛି । ଆରଏସପିର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଶୁଭେନ୍ଦ୍ର ଦାସ ଅକ୍ଟୋବର ୮ ତାରିଖରେ ନୂତନ ପ୍ଲେଟ ମିଲ ବିଭାଗ ଗସ୍ତ କରି ମିଲ ସାମୁଦାୟିକଙ୍କୁ ଏହି ପ୍ରଶଂସନୀୟ ସଫଳତା ହାସଲ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ । କର୍ମଚାରୀଙ୍କୁ ସମ୍ବୋଧନ କରି ଶ୍ରୀ ଦାସ କହିଥିଲେ ଯେ, ନୂତନ ପ୍ଲେଟ ମିଲ ବିଭାଗର କର୍ମଚାରୀସମୂହଙ୍କ ମଧ୍ୟରେ ଅସିମୀତ ସାମର୍ଥ୍ୟ ରହିଛି । ଏବଂ ଏହାର ସଫଳ ପ୍ରତିଫଳନ ଦେଖିବାକୁ ମିଳିବା ଅତ୍ୟନ୍ତ ସନ୍ତୁଷ୍ଟିଜନକ ଅଟେ । ଆଗାମୀ ଦିନରେ ଅନୁରୂପ ଉତ୍ସାହ ଓ ପ୍ରତିବଦ୍ଧତା ସହକାରେ କାର୍ଯ୍ୟ କରି ଏହି ସଫଳତାର ଧାରାକୁ ବଜାୟ ରଖିବା ପାଇଁ ଶ୍ରୀ ଦାସ ଆହ୍ୱାନ ଜଣାଇଥିଲେ । ବିଭାଗ ପ୍ରଦର୍ଶନରେ ଉତ୍କର୍ଷତା ବଜାୟ ରଖିଛି ଯାହା ଇସ୍ପାତ କାରଖାନାକୁ ଅଭିବୃଦ୍ଧିର ପଥରେ ଅଗ୍ରସର କରାଉଛି ବୋଲି ସେ ଉଲ୍ଲେଖ କରିଥିଲେ । କର୍ମୀସମୂହ ପ୍ରତ୍ୟୁତ୍ତରରେ ନୂତନ ପ୍ଲେଟ ମିଲ ଓ ଆରଏସପିକୁ ସଫଳତାର ନୂତନ ଶିଖରରେ ପହଞ୍ଚାଇବା ନିମନ୍ତେ ନିଜର ସର୍ବଶ୍ରେଷ୍ଠ ପ୍ରୟାସ କରିବେ ବୋଲି କାର୍ଯ୍ୟ ବିଭାଗର ଇଡିଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ସୂଚନାଯୋଗ୍ୟ ଯେ, ୨୦୧୭ ଅଗଷ୍ଟ ମାସରେ ଉଭୟ ଉତ୍ପାଦନ ଓ ଚାଲାଣ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିଥିଲା । ବିଭାଗ ଆଲୋଚ୍ୟ ମାସରେ ସମସ୍ତ ମହତ୍ତ୍ୱପୂର୍ଣ୍ଣ ପରିମାପକତାରେ ଉନ୍ନତ ପ୍ରଦର୍ଶନ ମଧ୍ୟ ଜାହିର କରିଥିଲେ । ଅଗଷ୍ଟ ମାସରେ ଏହି ମିଲ ସର୍ବକାଳୀନ ଶ୍ରେଷ୍ଠ ୮୨୩୯୦ ଟନ୍ ସ୍ଲାବ ରୋଲିଙ୍ଗ ସମ୍ପନ୍ନ କରିଥିଲା ଏବଂ ଧାର୍ଯ୍ୟ କ୍ଷମତାର ୯୭.୪% ଉପଯୋଗ ପୂର୍ବକ ୭୪୦୪୧ ଟନ୍ ପ୍ଲେଟ ଉତ୍ପାଦନ ହାସଲ କରିଥିଲା । ନୂତନ ପ୍ଲେଟ ମିଲ ବିଭାଗ ଏହି ରେକର୍ଡକୁ ମଧ୍ୟ ଅତିକ୍ରମ କରିବା ପାଇଁ ଆସ୍ଥା ରଖିଛନ୍ତି ।

ସମ୍ବଲପୁର ରେଳମଣ୍ଡଳରେ ଆରପିଏଫ ଓ ଜିଆରପିଙ୍କ ମଧ୍ୟରେ ସମନ୍ୱୟ ବୈଠକ

ସମ୍ବଲପୁର, ୧୦/୧୦(ଶ୍ରୁ.ମି.) : ସମ୍ବଲପୁର ରେଳମଣ୍ଡଳ ସଭାଗୃହରେ ଆରପିଏଫ ଏବଂ ଜିଆରପିଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକର ଆୟୋଜନ ହୋଇଯାଇଅଛି । ଉକ୍ତ ବୈଠକକୁ ଅଧ୍ୟକ୍ଷତା କରି ମଣ୍ଡଳ ରେଳ ପ୍ରବନ୍ଧକ ଡକ୍ଟର ଜୟଦୀପ ଗୁପ୍ତା କହିଲେ ଟ୍ରେନ ଓ ରେଳ ପରିସରରେ ଅପରାଧକୁ କମ୍ କରିବା ପାଇଁ ପୁରାମାତ୍ରାରେ ଚେଷ୍ଟା କରିବା କଥା ଏବଂ ଯାତ୍ରୀବାହୀ ଟ୍ରେନ୍‌ରେ ଚେନ ପୁଲିକୁ ବନ୍ଦ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ରେଳବାଇର ନିରାପତ୍ତା ଓ ସୁରକ୍ଷାର ବିଭିନ୍ନ ଦିଗକୁ କହିବାକୁ ଯାଇ ଡକ୍ଟର ଗୁପ୍ତା ରେଳ ଅଧିକାରୀ ଓ କର୍ମଚାରୀମାନଙ୍କୁ ରେଳବାଇରେ ସୁରକ୍ଷାକୁ ଉଚ୍ଚ ପ୍ରାଥମିକତା ଦେବା ପାଇଁ କହିଥିଲେ । ଉକ୍ତ ବୈଠକକୁ ମଣ୍ଡଳ ସୁରକ୍ଷା ଆୟୁକ୍ତ ଶ୍ରୀ ସୋନା ହେମ୍ବ୍ରମ ସୁପରିଚାଳନା କରିଥିଲେ । ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ କେ.ଡି. ରାଓ, ଏସଆରପି ରାଉରକେଲା ଶ୍ରୀ କେ ଏସ୍ କାଓ୍ୱର, ଡେପୁଟି ଏସଆରପି, ଝାରସୁଗୁଡା ଶ୍ରୀ ଦିଲ୍ଲୀପ ଚନ୍ଦ୍ର ବାଗ୍, ସ୍ପେଶାଲ ରେଳୱେ ମାଜିଷ୍ଟ୍ରେଟ କଣ୍ଟାବାଞ୍ଜି ଶ୍ରୀ ଭବାନୀ ଶଙ୍କର ଶତପଥି ଏବଂ ରେଳବାଇର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ବଚପନ (ଏକାଡେମିକ୍ ହାଇଟ) ସ୍କୁଲର ସର୍ବ ଭାରତୀୟ ମେଗା ପ୍ରତିଯୋଗିତା

ସନ୍ତରଣରେ ଆରିନ୍ ଜୈନ ଓ ବ୍ୟାଡମିଣ୍ଟନରେ ଦିବ୍ୟମ୍ କେଜ୍ରିଓ୍ୱାଲ ସର୍ବ ଭାରତୀୟ ସ୍ତରରେ ପ୍ରଥମ

ବଲାଙ୍ଗିର, ୧୦/୧୦(ଶ୍ରୁ.ମି.) : ହରିଆନାର ସୋନିପଥ ଠାରେ ଏକାଡେମିକ୍ ହାଇଟସ୍ ପବ୍ଲିକ ସ୍କୁଲ (ବଚପନ) ର ସର୍ବ ଭାରତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ତିନି ଦିନ ଧରି ଚାଲିଥିବା ପ୍ରତିଯୋଗିତାରେ ବଲାଙ୍ଗିର ସହର ସ୍ଥିତ ବଚପନ ସ୍କୁଲର ଆରିନ୍ ଜୈନ, ଦିବ୍ୟମ୍ କେଜ୍ରିଓ୍ୱାଲ, ନିୟତି ଭ୍ରମର, ସାନ୍‌ଭି ସମ୍ବବା, ସୁପ୍ରିୟା ନାଗ, ରିଦ୍ଧିରାଣୀ ସୁନା, କେଶବ ଗୋୟଲ, ଅନସିତା ତ୍ରିପାଠୀ, ତୃପ୍ତି ଯାଦବ, ଆୟୁଶ୍ରୀ ପଟେଲ, ହୃଷି ଅଗ୍ରଓ୍ୱାଲ, ଜାନଭି ଭ୍ରମର, ହର୍ଷିତା ଜୈନ, ପ୍ରିତମ ପ୍ରଧାନ ଓ ଅପୂର୍ବା ତ୍ରିପାଠୀ ପ୍ରମୁଖ ୧୫ ଜଣ ପ୍ରତିଯୋଗି ଏଥିରେ ଭାଗ ନେଇଥିଲେ । ସନ୍ତରଣରେ ଆରିନ୍ ଜୈନ ସର୍ବ ଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦିବ୍ୟମ୍ କେଜ୍ରିଓ୍ୱାଲ ବ୍ୟାଡମିଣ୍ଟନରେ ପ୍ରଥମ ସ୍ଥାନ କରିଥିଲେ । ସମ୍ବଲପୁରୀ "ଡାଲଖାଇ" ଗ୍ରୁପ ଡ୍ୟାନ୍ସ ରେ ରିଦ୍ଧି ସୁନା, ହୃଷି ଅଗ୍ରଓ୍ୱାଲ, ଅପୂର୍ବା ତ୍ରିପାଠୀ, ଅଂଶିତା ତ୍ରିପାଠୀ, ତୃପ୍ତି ଯାଦବ ଓ ଆୟୁଶ୍ରୀ ପଟେଲଙ୍କ ଉଚ୍ଚକୋଟିର ନୃତ୍ୟ ପରିବେଷଣ କରି ସର୍ବ ଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ନିୟତି ଭ୍ରମର ଇଂରାଜୀ କବିତା ପାଠ ଓ ଜାହ୍ନବୀ ଭ୍ରମର ହିନ୍ଦି କବିତା ପାଠରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଏହି ମେଗା ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବରେ ଅର୍ଜୁନ ପୁରସ୍କାର ସମ୍ମାନଜନକ ରାଜୀବ ଗାନ୍ଧୀ ଖେଳ ରତ୍ନ ପୁରସ୍କାର ପ୍ରାପ୍ତ ଅଲମ୍ପିକ ସ୍ୱର୍ଣ୍ଣ ବିଜେତା ସୁଟର ଅଭିନବ ବିନ୍ଦ୍ରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏକାଡେମିକ୍ ହାଇଟସ୍ ପବ୍ଲିକ ସ୍କୁଲ (ବଚପନ) ର ଅଧ୍ୟକ୍ଷ ଅଜିତ ଶତପଥି, ସ୍କୁଲର ଶିକ୍ଷୟତ୍ରୀ ରଂଜିତା ପଟ୍ଟନାୟକ, ସବିତା ସାହୁ ଓ ପ୍ରଶାନ୍ତଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।

ଆରଏସପିରେ ରାଜ୍ୟସ୍ତରୀୟ ଭେଣ୍ଡର ବିକାଶ ତଥା କ୍ରେତା-ବିକ୍ରେତା ବୈଠକ ଆୟୋଜିତ

ରାଉରକେଲା, ୧୦/୧୦(ଶ୍ରୁ.ମି.) : ଆରଏସପିର ସିପିଟିଆଇ ପ୍ରେକ୍ଷାଳୟରେ ଅକ୍ଟୋବର ୧୦ ତାରିଖରେ ଏକ ରାଜ୍ୟସ୍ତରୀୟ ଭେଣ୍ଡର ବିକାଶ ତଥା କ୍ରେତା-ବିକ୍ରେତା ବୈଠକ ଆୟୋଜିତ ହୋଇଥିଲା । ଏଥିରେ ଆରଏସପି ସାମଗ୍ରୀ ପରିଚାଳନା ବିଭାଗର ଇଡି ଶ୍ରୀ ପରମାନନ୍ଦ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ଅର୍ଥ ବିଭାଗର ଜିଏମ ଶ୍ରୀ ବି ଏ ମସୌଦି, ଏମ.ଏସ.ଏମ.ଇ. ବିକାଶ ପ୍ରତିଷ୍ଠାନର ଭାରପ୍ରାପ୍ତ ନିର୍ଦ୍ଦେଶକ ଡକ୍ଟର ଏସ କେ ସାହୁ, ଏନ.ଏସ.ଆଇ.ସି ରାଉରକେଲାର ଶାଖା ପରିଚାଳକ ଶ୍ରୀ ବିପୁଳ ବାଗ ଓ ଆର.ଆଇ.ସି ରାଉରକେଲାର ଜିଏମ୍ ଶ୍ରୀ ଏସ କେ ମହାନ୍ତି ମଞ୍ଚାସୀନ ଥିଲେ । ଏହି ବୈଠକରେ ୨୭ ଜଣ ଭେଣ୍ଡର ଓ ଗ୍ରାହକ ଯୋଗଦେଇଥିଲେ । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ସାହୁ ଭେଣ୍ଡର ବିକାଶ କାର୍ଯ୍ୟକ୍ରମରେ ଆରଏସପିର ଯୋଗଦାନ ଉପରେ ଆଲୋକପାତ କରିଥିଲେ । ସେ ସ୍ଥାନୀୟ ବିକ୍ରେତାମାନଙ୍କର ବୁଦ୍ଧିମତ୍ତା, ସୃଜନଶୀଳତା ଓ ଅଙ୍ଗୀକାରବଦ୍ଧତାର ଭୂୟସୀ ପ୍ରଶଂସା କରିଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ମେକ୍ ଇନ ଇଣ୍ଡିଆ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ତଥା ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଏମଏସଏମଇର ଭୂମିକା ଉପରେ ଶ୍ରୀ ସାହୁ ଗୁରୁତ୍ୱାରୋପ କରିଥିଲେ । ସପ୍ଲାଇ ଚେନକୁ ଅଧିକ ମଜଭୁତ କରିବ କାରଖାନା ସହିତ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ସେ ପଣଧାରୀଙ୍କୁ ଆହ୍ୱାନ ଜଣାଇଥିଲେ । ଏହି ଅବସରରେ ଆରଏସପି ସାମଗ୍ରୀ ପ୍ରବନ୍ଧନ ବିଭାଗର ମ୍ୟାନେଜର ସୁଶ୍ରୀ ଶିଖା ଜୈନ ଆରଏସପିର ସ୍ଥିତି, କ୍ରୟ ଆବଶ୍ୟକତା, ଭେଣ୍ଡର ପଞ୍ଜୀକରଣ ଏବଂ ସାଂପ୍ରତିକ ପବ୍ଲିକ ପ୍ରୋକ୍ୟୁରମେଣ୍ଟ ବ୍ୟବସ୍ଥା ସନ୍ଦର୍ଭରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଏହି ବୈଠକ ଅତ୍ୟନ୍ତ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ବହୁ ବିଷୟରେ ଆପୋଷ ବୁଝାମଣା ମଧ୍ୟରେ ସମାଧାନ ହୋଇଥିଲା । ପ୍ରାରମ୍ଭରେ ଏମଏସଏମଇ ଶିଳ୍ପ ନିର୍ଦ୍ଦେଶାଳୟ କଟକର ଉପନିର୍ଦ୍ଦେଶକ ଶ୍ରୀ ସି ପି ରେଡି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସେ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ମଧ୍ୟ ଜ୍ଞାପନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଏମଏମ ବିଭାଗର ଡିଜିଏମ ଶ୍ରୀ ଏମଏମ ସେନାପତି ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଉକ୍ତ କାର୍ଯ୍ୟକ୍ରମ ଏମଏସଏମଇ ବିକାଶ ପ୍ରତିଷ୍ଠାନ କଟକ ଦ୍ୱାରା ଆଞ୍ଚଳିକ ଶିଳ୍ପ କେନ୍ଦ୍ର ସହଯୋଗରେ ଆୟୋଜିତ ହୋଇଥିଲା ।

କଣିହାଁରେ ୧୭ତମ କ୍ଷେତ୍ରୀୟ ପରିଚାଳନାଗତ କାର୍ଯ୍ୟ ନିଷ୍ପାଦନ ସମୀକ୍ଷା ବୈଠକ

हार्दिक स्वागत
किशोर शर्मा
एनटीपीसी लिमिटेड
एनटीपीसी
NTPC
TALCHER KANIHA

ତାଳଚେର, ୧୦/୯(ଶ୍ରୁ.ମି) : ଜାତୀୟ ତାପଜ ବିଦ୍ୟୁତ କେନ୍ଦ୍ର, କଣିହାଁ ପକ୍ଷରୁ ୧୭ତମ କ୍ଷେତ୍ରୀୟ ପରିଚାଳନାଗତ କାର୍ଯ୍ୟ ନିଷ୍ପାଦନ ସମୀକ୍ଷା ବୈଠକ ଗତ ୭ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ସମୀକ୍ଷା ବୈଠକରେ ଏନ୍.ଟି.ପି.ସି ଲିମିଟେଡ୍‌ର ନିର୍ଦ୍ଦେଶକ (ଅପରେସନସ) କେ.କେ.ଶର୍ମା ଅଧକ୍ଷତା କରିଥିଲେ । ଏନ୍.ଟି.ପି.ସି କଣିହାଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମ କୁବେର ଏଥିରେ ଯୋଗଦେଇ ନିର୍ଦ୍ଦେଶକ (ଅପରେସନସ)ଶ୍ରୀ ଶର୍ମା,ଆଂଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଷ୍ଟର୍ଣ୍ଣ ରିଜିଅନ-୨)ଡି.କେ.ସୁଦ୍, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଓଏସ୍) ଏସ୍.କେ.ରାଏ ଏବଂ ଏନ୍.ଟି.ପି.ସି.ର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏନ୍.ଟି.ପି.ସି ଇଷ୍ଟର୍ଣ୍ଣ ରିଜିଅନ-୨ଅଧିନସ୍ଥ ତାଳଚେର ଥର୍ମାଲ, ବଙ୍ଗାଇଗାଓଁ ଓ ଦର୍ଲିପାଲି ଶକ୍ତି ପ୍ରକଳ୍ପର ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକଳ୍ପରେ ଉତ୍ପାଦିତ ବିଦ୍ୟୁତ ଶକ୍ତି ବୃଦ୍ଧି କରିବାନେଇ ଆଲୋଚନା କରିଥିଲେ । ବୈଠକ ପୂର୍ବରୁ ଗତ ୬ତାରିଖରେ ନିର୍ଦ୍ଦେଶକ (ଅପରେସନସ) ଶ୍ରୀ ଶର୍ମା ସ୍ଥାନୀୟ ରିକ୍ରିଏସନ କ୍ଲବଠାରେ ଆୟୋଜିତ ଏକ ଭାବ ବିନିମୟ କାର୍ଯ୍ୟକ୍ରମରେ ପ୍ରକଳ୍ପର କର୍ମଚାରୀଙ୍କୁ ସମ୍ବୋଧନ କରିଥିଲେ । ସେହିପରି ଶ୍ରୀ ଶର୍ମା ଗତ ୭ତାରିଖରେ ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଏକ ସେଫ୍ଟି ପାର୍କକୁ ଉଦ୍‌ଘାଟନ କରିଥିଲେ । ପ୍ରକଳ୍ପର କର୍ମଚାରୀ ଏବଂ ଶ୍ରମିକମାନେ କାର୍ଯ୍ୟ ସମୟରେ ଉଦ୍ଦିଷ୍ଟ ସୁରକ୍ଷାମାନକୁ ଅନୁସରଣ କରିବାପାଇଁ ସଚେତନତା ଉଦ୍ଦେଶ୍ୟରେ ଏହି ସେଫ୍ଟି ପାର୍କକୁ ନିର୍ମାଣ କରାଯାଇଛି । ଏତଦ୍ ବ୍ୟତୀତ ଶ୍ରୀ ଶର୍ମା ମଧ୍ୟ ଷ୍ଟେଜ-୨କଣ୍ଟ୍ରୋଲ ରୁମ ପରିଦର୍ଶନରେ ଯାଇ ପ୍ରକଳ୍ପର ପରିଚାଳନାଗତ ଦକ୍ଷତାର ସମୀକ୍ଷା କରିଥିଲେ ।

ହଂସୁଆ କଳା ପ୍ରତିଷ୍ଠାନର ସଂସ୍କୃତିକ ବିଚିତ୍ରା

ରାଜନଗର, ୧୦।୧୦(ଶ୍ରୁ.ମି.) : ରାଜନଗର ବ୍ଲକର ଚାନ୍ଦିବାଉଁଶମୂଳ ଠାରେ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ହଂସୁଆକଳା ପ୍ରତିଷ୍ଠାନ ପକ୍ଷରୁ ନୃତ୍ୟ ଏବଂ ସଙ୍ଗୀତର ସ୍ୱତନ୍ତ୍ର ବିଚିତ୍ରା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦେବେନ୍ଦ୍ର ରାଉଳଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଂସ୍କୃତିକ ସନ୍ଧ୍ୟାରେ ପ୍ରତିଷ୍ଠାନର ନୃତ୍ୟ ଶିଳ୍ପୀମାନେ ଓଡିଶୀ ଓ ସମ୍ବଲପୁର ନୃତ୍ୟର ତାଳେତାଳେ ଦର୍ଶକମାନଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ । ସେହିଭଳି କଣ୍ଠଶିଳ୍ପୀମାନଙ୍କ ମଧୁର ମୂର୍ଚ୍ଛନାରେ ଶ୍ରୋତାମାନଙ୍କୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବାନ୍ଧି ରଖିବାରେ ସକ୍ଷମ ହୋଇପାରିଥିଲେ । ଅନୁଷ୍ଠାନର ସ୍ୱାଧୀନ ତରାଇ, ମମତା ପ୍ରଧାନ, ଝରଣା ସାମଲ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୃତ୍ୟଶିଳ୍ପୀ ବିଶ୍ୱମୋହିନୀ ଦାସ, ସଙ୍ଗୀତା ବେହେରା, ଶୁଭଶ୍ରୀ ସାହୁ, ଦେବସ୍ମିତା ସାହୁ, ଚନ୍ଦ୍ରମା ମଲ୍ଲିକ, ଦିପାଲୀ ବରାଳ ପ୍ରମୁଖଙ୍କ ନୃତ୍ୟ ଚିତାକର୍ଷକ ହୋଇଥିଲା ।

ବରିଷ୍ଠ ନାଗରିକମାନଙ୍କ ଦିଗ୍‌ଦର୍ଶନ ବଳରେ ସାମାଜିକ ଜୀବନ ଓ ଦେଶ ସମୃଦ୍ଧ ହେବାରେ ସହାୟକ ହୋଇଥାଏ : ଜିଲ୍ଲାପାଳ

ସୋନପୁର, ୧୦/୧୦(ଶ୍ରୁ.ମି.): ଓଡିଶା ସରକାରଙ୍କର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ନିର୍ଦ୍ଦେଶ କ୍ରମେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଭୀମ ଭୋଇ କଳା ମଣ୍ଡପ ଠାରେ ଆୟୋଜିତ ହୋଇଥିବା ବରିଷ୍ଠ ନାଗରିକ ସପ୍ତାହ ପାଳନ କାର୍ଯକ୍ରମକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦାଶରଥି ଶତପଥି(ଆଇଏଏସ୍) ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବରିଷ୍ଠ ନାଗରିକମାନେ ଆମ ଦେଶର ସମ୍ବଳ, ତାଙ୍କରି ଦିଗଦର୍ଶନ ବଳରେ ଆମ ସାମାଜିକ ଜୀବନ ଓ ଦେଶ ସମୃଦ୍ଧ ହେବା କ୍ଷେତ୍ରରେ ସହାୟକ ହୋଇଥାଏ । ଆପଣମାନେ ସବୁବେଳେ ସକରାତ୍ମକ ଭାବେ ନିଜ ଜୀବନକୁ ଦେଖନ୍ତୁ ମନୋବଳ ଦୃଢ ରଖନ୍ତୁ । ଜିଲ୍ଲା ପ୍ରଶାସନ ସେମାନଙ୍କ ନିଜ ଉପରେ ମଧ୍ୟ ସବୁବେଳେ ଆସ୍ଥା ରଖନ୍ତୁ ବୋଲି ମତ ରଖିଥିଲେ । ଏକ ବରିଷ୍ଠ ନାଗରିକଙ୍କ ଯତ୍ନ ଓ ସୁରକ୍ଷା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ମତ ଦେଇଥିଲେ । ସୁବର୍ଣ୍ଣପୁରର ପ୍ରାକ୍ତନ ଜିଲ୍ଲା ଶିକ୍ଷାଅଧିକାରୀ ତଥା ବରିଷ୍ଠ ନାଗରିକ ଶ୍ରୀ ହର ପ୍ରସାଦ ରଥ ଯୋଗ ଦେଇ ଶାରିରୀକ ବୟସ୍କ ମଣିଷକୁ ବାର୍ଦ୍ଧକ୍ୟ କରେ ନାହିଁ, 'ଆମ ମନ'କୁ କେବେ ବୟସ୍କ ବୋଲି ଭାବିବା ଉଚିତ ନୁହେଁ ବୋଲି ମତ ରଖିଥିଲେ । ଏଠାରେ ସମ୍ମାନିତ ଅତିଥି ଭାବରେ ସୁବର୍ଣ୍ଣପୁର ପୋଲିସ ଆରକ୍ଷୀ ଅଧକ୍ଷକ ଶ୍ରୀ ପ୍ରଫୁଲ୍ଲ କୁମାର ପାତ୍ର, ପି.ଡି. ଡି.ଆର.ଡି.ଏ ବିଶ୍ୱନାଥ ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶୋଭାଚନ୍ଦ୍ର ମେହେର । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ ଦାଶ, ବୀରମହାରାଜପୁର ଉପ-ଜିଲ୍ଲାପାଳ ଶ୍ରୀ ଗୋପୀନାଥ ସାରକା, ବରିଷ୍ଠ ସାମ୍ବାଦିକ ଗୋରେଖ ନାଥ ସାହୁ ଯୋଗ ଦେଇ ବରିଷ୍ଠ ନାଗରିକମାନେ କେବେ ଅଲୋଡା ନୁହନ୍ତି ପ୍ରଶାସନ ଓ ଆମ ସମାଜ ତାଙ୍କୁ ସବୁବେଳେ ସବୁଯାଗାରେ ସମ୍ମାନ ପ୍ରଦର୍ଶନ ଓ ଉତ୍ତମ ସେବା ଓ ବ୍ୟବହାର ପ୍ରଦର୍ଶନ କଲେ ଆପେ ଆପେ ସେମାନେ ସୁରକ୍ଷିତ ଅନୁଭବ କରିବେ ବୋଲି ମତ ରଖିଥିଲେ । ଗତ କାଲି ଠାରୁ ଆରମ୍ଭ ହୋଇଥିବା ଏହି ବରିଷ୍ଠ ନାଗରିକ ସପ୍ତାହ ପାଳନ ଉତ୍ସବରେ ଜିଲ୍ଲାର ପ୍ରତି ବ୍ଲକରୁ ଓ ସଦର ମହକୁମାରୁ ବହୁ ସଂଖ୍ୟାରେ ବରିଷ୍ଠ ପୁରୁଷ ଓ ମହିଳା ଯୋଗ ଦେଇଥିବାବେଳେ ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖେଳ କୁଦ ପ୍ରତିଯୋଗିତା, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବ୍ୟବସ୍ଥା, ନାଗରିକମାନଙ୍କ ଅଧିକାର ଓ ଆଇନ ଉପରେ କର୍ମଶାଳା, ହାସ୍ୟକବି ସମ୍ମିଳନୀ, ଆଧ୍ୟାତ୍ମିକ ପ୍ରବଚନ, ଭଜନ ଗୀତ କାର୍ଯ୍ୟକ୍ରମ, ଗୁରୁ ପୂଜନ କାର୍ଯ୍ୟକ୍ରମ ଭଳି ସପ୍ତାହସାରା ଅନେକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି ।

ସଚିବାଳୟ ପ୍ରେସ୍ ଲାଉଞ୍ଜରେ ସ୍ମୃତିସଭା

ଭୁବନେଶ୍ୱର, ୧୦।୧୦(ଶ୍ରୁ.ମି.) : ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସମ୍ବାଦପତ୍ର 'ଆଜିକାଲି'ର ପ୍ରତିଷ୍ଠାତା ସମ୍ପାଦକ ବିସ୍ମୟ ମହାନ୍ତିଙ୍କ ଅକାଳ ବିୟୋଗରେ ସୋମବାର ସଚିବାଳୟସ୍ଥିତ ପ୍ରେସ୍ ଲାଉଞ୍ଜରେ ବରିଷ୍ଠ ସାମ୍ବାଦିକ ଜୀମୁତ ମଙ୍ଗରାଜଙ୍କ ପୌରହିତ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକମାନଙ୍କ ସ୍ୱାର୍ଥରକ୍ଷା କ୍ଷେତ୍ରରେ ସ୍ୱର୍ଗତ ମହାନ୍ତିଙ୍କ ଅବଦାନ ଏବଂ ସାଙ୍ଗଠନିକ କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ତଥା ଜାତୀୟ ସ୍ତରରେ ନେତୃତ୍ୱ ନେବାର ଦକ୍ଷତା ପ୍ରତିପାଦନ କରିଥିବା ଆଦି ବିଷୟରେ ସ୍ମୃତିସଭାରେ ସାମ୍ବାଦିକମାନେ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ସ୍ମୃତିସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି, ବିବେକାନନ୍ଦ ଜେନା, ବିଜୟ କୁମାର ପଣ୍ଡା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସଂଜୟ କୁମାର ପ୍ରଧାନ, ମାଧବାନନ୍ଦ ବେଉରା, ଭାଗବତ ତ୍ରିପାଠୀ, କିଶୋର ମଙ୍ଗରାଜ, ବଳରାମ ନନ୍ଦ, ଅବିନାଶ ମିଶ୍ର ଓ ବିମଳ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ସଭା ଶେଷରେ ସାମ୍ବାଦିକ ବିଜୟ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

Printed, Published and Owned by Sri Sarbeswar Mishra, Published at Plot No-145, Sahid Nagar, Bhubaneswar-751007, Dist-Khordha, Odisha and Printed at Nijukti Khabar Prakashan, Plot No-TS 3/193 Mancheswar Industrial Estate, Bhubaneswar- 751010, Dist- Khordha Tel-0674-2549525, 2549725, Fax-0674-2549625, E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର